ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

• Vol.- 46, Issue No. 139
• Wednesday, 19 August 2026
• ବୁଧବାର, ୧୯ ଅଗଷ୍ଟ ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


### ଗତ ୨୫ ବର୍ଷରେ ଏଭଳି ସ୍ଥିତି ହୋଇ ନ ଥିଲା, ଲୋକଙ୍କ ସହ ଅଛୁ: ମୁଖ୍ୟମନ୍ତ୍ରୀ

# ବନ୍ୟା ପ୍ରଭାବିତଙ୍କ ପାଇଁ ୧୦୦୦ କୋଟି



- ★ ଚଳିତ ବର୍ଷ ବର୍ଷା ପରିସ୍ଥିତି ଅତ୍ୟନ୍ତ ଅସ୍ୱାଭାବିକ
- ★ ଦଶସୂତ୍ରୀ ରିଲିଫ ଯୋଜନା :ଚୂଡ଼ାନ୍ତ ଆକଳନ ପରେ ବୃଦ୍ଧି ପାଇପାରେ ସହାୟତା
- ★ ୬ ଜିଲ୍ଲାର ୯.୪୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ
- ★ ପ୍ରଭାବିତ ଚାଷୀଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ କୃଷି ଇନପୁଟ୍ ସବସିଡି ମିଳିବ
- ★ ଅଣଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୮,୫୦୦
- ★ ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୧୭,୦୦୦
- ★ ନଷ୍ଟ ହୋଇଥିବା ଡଙ୍ଗା, ଜାଲ ଇତ୍ୟାଦି ପାଇଁ ମିଳିବ ଆର୍ଥିକ ସହାୟତା
- ★ ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ମିଳିବ ରନ୍ଧାଖାଦ୍ୟ/ଶୁଖିଲା ଖାଦ୍ୟ

ଭୁବନେଶ୍ୱର,୧୮।୮: ମଙ୍ଗଳବାର ରାଜ୍ୟର ବନ୍ୟା ପ୍ରଭାବିତଙ୍କ ପାଇଁ ୧୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗତକାଲି ସେ ଯାଜପୁର ଓ ଭଦ୍ରକ ଜିଲ୍ଲା ଗସ୍ତ କରି କ୍ଷୟକ୍ଷତିର ଅନୁଧ୍ୟାନ କରିଥିଲେ ଓ କ୍ଷତିଗ୍ରସ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ୟାକେଜ୍ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଘୋଷଣା କରାଯାଇଛି । ଚୂଡ଼ାନ୍ତ ଆକଳନ ପରେ ଏହି ସହାୟତା ପରିମାଣ ବୃଦ୍ଧି କରାଯାଇପାରେ । ସକାଳେ ମୁଖ୍ୟମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକରେ ବନ୍ୟା ପରିସ୍ଥିତି ଓ ରିଲିଫ୍ ସହାୟତା ସମ୍ପର୍କରେ ଆଲୋଚନା କରିବା ପରେ ଲୋକସେବା ଭବନ ଠାରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ଆମ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଅଛନ୍ତି । ବନ୍ୟାର କାରଣ ସମ୍ପର୍କରେ ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳିତ ବର୍ଷ ବର୍ଷା ପରିସ୍ଥିତି ଅତ୍ୟନ୍ତ ଅସ୍ୱାଭାବିକ ରହିଛି । ଜୁନ, ଜୁଲାଇ, ଅଗଷ୍ଟ- ଗତ ତିନି ମାସ ମଧ୍ୟରେ ୧୧୦୦ ମିଲିମିଟର'ରୁ ଅଧିକ ବର୍ଷା ହୋଇଛି ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପରିମାଣ ସ୍ୱାଭାବିକ ବର୍ଷା ପରିମାଣରୁ ୩୪ ପ୍ରତିଶତ ଅଧିକ । ଗତ ୨୫ ବର୍ଷ ମଧ୍ୟରେ ଏଭଳି ସ୍ଥିତି କେବେ ବି ହୋଇ ନଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଆମେ ଲୋକଙ୍କ ସୁଖଦୁଃଖରେ ଅଛୁ ଓ ରହିବୁ। ଭଦ୍ରକ ଓ ଯାଜପୁର ସହିତ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ବନ୍ୟାସ୍ଥିତି ଉପୁଜିଛି । ଏହି ୬ ଟି ଜିଲ୍ଲାର ସ୍ଥିତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଜିଲ୍ଲା ଗୁଡ଼ିକର ୭୪ଟି ବ୍ଲକର ୧୩୮୧ଟି ଗାଁ'ର ୯.୪୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୩.୭୦ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି । ୫୫୦ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇ ପ୍ରଭାବିତ ଲୋକଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ୬ ଟି ଜିଲ୍ଲାରେ ସମୁଦାୟ ୪୫ଟି ଓଡ୍ରାଫ, ୮ଟି ଏନଡିଆରଏଫ ଏବଂ ୬୫ଟି ଅଗ୍ନିଶମ ସେବା ଦଳ ନିୟୋଜିତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା ହୋଇଥିବା ୧୦୦୦ କୋଟି ଟଙ୍କାର ପ୍ୟାକେଜ୍ ମଧ୍ୟରେ ବନ୍ୟା ପ୍ରଭାବିତ ଚାଷୀମାନଙ୍କ ପାଇଁ କୃଷି ଇନପୁଟ୍ ସବସିଡି ସହିତ ବିଭିନ୍ନ ପ୍ରକାରର ସହାୟତା ବ୍ୟବସ୍ଥା କରାଯାଇଛି । ଏସବୁ ଦଶସୂତ୍ରୀ। ୧. ବନ୍ୟା ପ୍ରଭାବିତ ଚାଷୀମାନଙ୍କୁ କୃଷି ଇନପୁଟ୍ ସବ୍‌ସିଡି ବାବଦକୁ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯିବ । ଏଥିରେ ୩୩ ପ୍ରତିଶତ ଓ ତାହାଠାରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ଅଣଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୮,୫୦୦, ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୧୭,୦୦୦ ଏବଂ ସମସ୍ତ ପ୍ରକାର ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ କୃଷି ଇନପୁଟ୍ ସବସିଡି ପ୍ରଦାନ କରାଯିବ। ୨. କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ବିଭିନ୍ନ ପ୍ରଜାତିର ଧାନ ଓ ଅଣଧାନ (ଯଥା-ବିରି) ବିହନ କିଣିବା ନିମନ୍ତେ ଆର୍ଥିକ ସହାୟତା ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ । ସରକାରଙ୍କ ତରଫରୁ ସରକାରୀ ଓ ଘରୋଇ ବ୍ୟବସ୍ଥା ମାଧ୍ୟମରେ ଆବଶ୍ୟକ ବିହନ ଚାଷୀମାନଙ୍କୁ କିଣିବା ପାଇଁ ଉପଲବ୍ଧ କରାଯିବ। ୩. କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ମାଗଣାରେ ପନିପରିବା ମିନିକିଟ୍ ପ୍ରଦାନ କରାଯିବ । ବନ୍ୟା ପରବର୍ତ୍ତୀ ରୋଗ ପୋକ ପରିଚାଳନା ପାଇଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ୭୫% ସବ୍‌ସିଡି ପ୍ରଦାନ କରାଯିବ । ୪.କ୍ଷତିଗ୍ରସ୍ତ ଉଠା ଜଳସେଚନ ପଏଣ୍ଟ ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ୫. ପ୍ରାଣିସମ୍ପଦ କ୍ଷତିର ଭରଣା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହାବ୍ୟତୀତ ନଷ୍ଟ ହୋଇଯାଇଥିବା ଡଙ୍ଗା, ଜାଲ, ପୋଖରୀ ଇତ୍ୟାଦି ପାଇଁ ଆର୍ଥିକ ସହାୟତା ଦିଆଯିବ । ୬. ଇଚ୍ଛୁକ ଚାଷୀଙ୍କ ସ୍ୱଳ୍ପ ମିଆଦୀ ଖରିଫ୍ କୃଷି ଋଣକୁ ମଧ୍ୟମ ଅବଧି କୃଷି ଋଣରେ ପରିଣତ କରାଯିବ ।୭. ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ କ୍ଷତିଗ୍ରସ୍ତ ଉପକରଣ/ଯନ୍ତ୍ରପାତି କିଣିବା ପାଇଁ ୫ ହଜାର ଟଙ୍କା ଏବଂ କଞ୍ଚାମାଲ/ପ୍ରସ୍ତୁତ ସାମଗ୍ରୀ କ୍ଷତି ପାଇଁ ୫ ହଜାର ଟଙ୍କା ସହାୟତା ଦିଆଯିବ ।୮. ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାଘାଟ, କେନାଲବନ୍ଧର ସାମୟିକ ମରାମତି ଯୁଦ୍ଧକାଳୀନ ଭିତ୍ତିରେ କରାଯିବ। ସମସ୍ତ କ୍ଷତିଗ୍ରସ୍ତ ଭିତ୍ତିଭୂମି କ୍ଷତିର ଆକଳନ ପରେ ସ୍ଥାୟୀ ମରାମତି ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ୯. ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ/ଶୁଖିଲା ଖାଦ୍ୟ ଯୋଗାଣ ଜାରି ରହିବ। ଏହା ସହିତ ଅତିରିକ୍ତ ଭାବରେ ଆବଶ୍ୟକୀୟ ରିଲିଫ୍ ଚାଉଳ ଯୋଗାଇ ଦିଆଯିବ । ୧୦. ବନ୍ୟା ପ୍ରଭାବିତ ବ୍ୟକ୍ତି ବିଶେଷଙ୍କୁ ବାସନ-କୁସନ ଓ ବସ୍ତ୍ର ନିମନ୍ତେ ଆବଶ୍ୟକୀୟ ଅର୍ଥ ପ୍ରଦାନ କରାଯିବ ।

### ଓଡ଼ିଶା ଡିଜିପି ନିଯୁକ୍ତି ମାମଲା

## ଝଟକା ଦେଲେ ସୁପ୍ରିମକୋର୍ଟ

- ■ ନିଜ ପକ୍ଷ ରଖିଲେ ରାଜ୍ୟ ସରକାର
- ■ ସେପ୍ଟେମ୍ବର ୨ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ,୧୮।୮: ଓଡ଼ିଶା ଡିଜିପି ଚୟନକୁ ନେଇ ସୁପ୍ରିମକୋର୍ଟରେ ମଙ୍ଗଳବାର ଶୁଣାଣି ସମ୍ଭବପର ହୋଇପାରିନାହିଁ । ଡିଜିପି ପ୍ୟାନେଲରେ କନିଷ୍ଠ ତଥା ଅଯୋଗ୍ୟ ଅଫିସରଙ୍କୁ ସାମିଲ କରିବା ଅଭିଯୋଗ ନେଇ ଦାଏର ଜନସ୍ୱାର୍ଥ ମାମଲାରେ ରାଜ୍ୟ ସରକାରଙ୍କ ଜବାବ କୋର୍ଟଙ୍କ ରେକର୍ଡଭୁକ୍ତ ହୋଇନଥିବାରୁ ସୁପ୍ରିମକୋର୍ଟ ଆଜିର ଶୁଣାଣିକୁ ଘୁଞ୍ଚାଇ ଦେଇଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ଓକିଲ ତୁଷାର ମେହେଟ୍ଟା ଶୁଣାଣି ନ କରି ଆସନ୍ତାକାଲି ପାଇଁ ତାରିଖ ଧାର୍ଯ୍ୟ ନିମନ୍ତେ ଅନୁରୋଧ କରିଥିଲେ ମଧ୍ୟ ଖଣ୍ଡପୀଠ ଅନ୍ୟ କାର୍ଯ୍ୟ ଥିବାରୁ ପରବର୍ତ୍ତୀ



ଶୁଣାଣି ସେପ୍ଟେମ୍ବର ୨ତାରିଖକୁ ଧାର୍ଯ୍ୟ କରିଛନ୍ତି ।ଆଜି ସୁପ୍ରିମକୋର୍ଟରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି. ମୋହନାଙ୍କ ଖଣ୍ଡପୀଠରେ ଶୁଣାଣିବେଳେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ରାଜ୍ୟ ସରକାରଙ୍କ ପକ୍ଷ ରଖିଥିଲେ। ସେ କହିଥିଲେ ଯେ, ଗତକାଲିଠୁ ରାଜ୍ୟ ସରକାରଙ୍କ ଜବାବ ଦାଖଲ ହୋଇସାରିଛି। ରାଜ୍ୟ ସରକାର ଦେଇଥିବା ଜବାବକୁ ଖଣ୍ଡପୀଠ ତର୍ଜମା କରିବେ ବୋଲି କହିବା ସହ ପରବର୍ତ୍ତୀ ତାରିଖରେ ସବୁ ପକ୍ଷଙ୍କ ମତାମତ ଶୁଣିବେ ବୋଲି କହିଛନ୍ତି। ସେହିପରି ଆମିକସ୍ କ୍ୟୁରି ରାଜୁ ରାମଚନ୍ଦ୍ରନ ଉଭୟ ରାଜ୍ୟ ସରକାର ଓ ୟୁପିଏସସିଙ୍କ ଲିଖିତ ଜବାବ ପାଇଥିବା ଖଣ୍ଡପୀଠଙ୍କୁ ଅବଗତ କରିଥିଲେ। ଉଲ୍ଲେଖଯୋଗ୍ୟ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ନାହିଁ ବୋଲି ୟୁପିଏସସି ମଧ୍ୟ ଖଣ୍ଡପୀଠଙ୍କୁ ଲିଖିତ ଭାବେ ଅବଗତ କରାଇଛି।

## ଝାରପଡ଼ା ଜେଲ୍‌ରୁ ମୁକୁଳିଲେ ମାଓନେତା ଆଜାଦ

ଭୁବନେଶ୍ୱର,୧୮।୮(ନିପ୍ର): ପ୍ରାୟ ୧୪ ବର୍ଷ ପରେ ଝାରପଡ଼ା ଜେଲ୍‌ରୁ ମୁକୁଳିଛନ୍ତି ମାଓନେତା କେଶବ ରାଓ ଓରଫ ଆଜାଦ୍ । ମଙ୍ଗଳବାର ଗଜପତି ଜିଲ୍ଲାର ସ୍ୱତନ୍ତ୍ର କୋର୍ଟ ଦ୍ୱାରା ନିର୍ଦ୍ଦୋଷ ସାବ୍ୟସ୍ତ ପରେ ତାଙ୍କୁ ଜେଲରୁ ମୁକ୍ତ କରାଯାଇଛି। ପୂର୍ବରୁ ଅନ୍ୟ ସମସ୍ତ ମାମଲାରେ ସେ ଦୋଷମୁକ୍ତ ହୋଇଥିଲେ। ୩୫ରୁ ଅଧିକ ମାଓ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବାରୁ ୨୦୧୧ରୁ ଆଜାଦ୍ ଝାରପଡା ଜେଲରେ ଥିଲେ। ଜେଲରୁ ବାହାରିବା ପରେ ମାଓନେତା ଆଜାଦ ପ୍ରତିକ୍ରିୟାରେ କହିଛନ୍ତି ୧୪ ବର୍ଷ ପରେ ସ୍ୱାଧୀନତା ପାଇଥିବାରୁ ସେ ବହୁତ ଖୁସି ।

### ଉପର ମୁଣ୍ଡରେ ହାରାହାରି ୪୦.୧୭ ମି.ମି.

## ହୀରାକୁଦର ଖୋଲିଲା ୧୫ ସ୍ଲୁଇସ ଗେଟ୍

ସମ୍ବଲପୁର,୧୮।୮(ନିପ୍ର): ହୀରାକୁଦ ଜଳଭଣ୍ଡାରର ୧୫ ସ୍ଲୁଇସ୍ ଗେଟ୍ ଖୋଲା ରହିଛି । ମଙ୍ଗଳବାର ସକାଳ ୯ଟା ସୁଦ୍ଧା ୭ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ ହେଉଥିଲା । ଜଳସ୍ତର ବୃଦ୍ଧି ଯୋଗୁଁ ମଧ୍ୟାହ୍ନ ସୁଦ୍ଧା ହୀରାକୁଦର ଆଉ ୩ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଥିଲା । ପରେ ସନ୍ଧ୍ୟା ସୁଦ୍ଧା ପର୍ଯ୍ୟାୟ କ୍ରମେ ଆଉ ୫ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି । ବର୍ତ୍ତମାନ ୧୫ଟି ସ୍ଲୁଇସ୍ ଗେଟ୍ ଦେଇ ନିଷ୍କାସିତ ହେଉଛି ବନ୍ୟା ଜଳ । ଜଳଭଣ୍ଡାରରର ବାମପାର୍ଶ୍ୱ ଡାଇକ୍‌ର ୧୦ଟି ଓ ଡାହାଣପାର୍ଶ୍ୱର ୫ଟି ସ୍ଲୁଇସ୍ ଗେଟ୍ ଦେଇ ପାଣି ନିଷ୍କାସନ କରାଯାଉଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୨ଲକ୍ଷ ୨୮ ହଜାର ୪୫୯ କ୍ୟୁସେକ୍ ପାଣି ପ୍ରବେଶ କରୁଥିବା ବେଳେ ୨ ଲକ୍ଷ ୬୯ ହଜାର ୭୪୯ କ୍ୟୁସେକ୍ ପାଣି ନିଷ୍କାସନ କରାଯାଉଛି । ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୯.୯୭ ଫୁଟ ରହିଛି। ଉପର ମୁଣ୍ଡରେ ପ୍ରବଳ ବର୍ଷା କାରଣରୁ ଅଧିକ ଗେଟ୍ ଖୋଲାଯାଇଛି । ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଜଳ ଭଣ୍ଡାରର ଉପର ମୁଣ୍ଡରେ ହାରାହାରି ୪୦.୧୭ ମି.ମି. ଏବଂ ତଳ ମୁଣ୍ଡରେ ହାରାହାରି ୧୯.୬୨ ମିମି ବର୍ଷା ରେକର୍ଡ଼ ହୋଇଛି ।

## ୨୨ କି ୨୩ ବେଳକୁ ଲଘୁଚାପ କ୍ଷେତ୍ର !

ଭୁବନେଶ୍ୱର , ୧୮।୮: ଆସୁଛି ଆଉ ଏକ ଲଘୁଚାପ। ଅଗଷ୍ଟ ୨୨ କିମ୍ବା ୨୩ ତାରିଖ ବେଳକୁ ଉତ୍ତରପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଉତ୍ତର ଓଡ଼ିଶା ଉପକୂଳରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ଏହାର ପ୍ରଭାବରେ ପୁଣି ଥରେ ଉତ୍ତର ଓଡ଼ିଶାରେ ବର୍ଷା ପରିମାଣ ବୃଦ୍ଧି ପାଇବ ।ଅପରପକ୍ଷେ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତର ରୂପ ନେବା ପରେ ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରୁଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ପ୍ରଥମେ ଉତ୍ତର-ଉତ୍ତରପଶ୍ଚିମ ଏବଂ ପରେ ଉତ୍ତରପଶ୍ଚିମ ଦିଗକୁ ଗତି କରି ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାର ଅତିକ୍ରମ କରିବାର ସମ୍ଭାବନା ରହିଛି । ଅବପାତ ପ୍ରଭାବରେ ଆସନ୍ତା ୨୪ ଘଣ୍ଟାରେ ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ମଙ୍ଗଳବାର ସାରା ରାଜ୍ୟରେ ବର୍ଷା ହେବାର ସମ୍ଭାବନା ଅଛି । ବିଶେଷକରି ସୁନ୍ଦରଗଡ଼, ଝାରସୁଗୁଡ଼ା ଏବଂ ବରଗଡ଼ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଦିଆଯାଇଛି । ସେହିପରି ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ସୁବର୍ଣ୍ଣପୁର, ବଲାଙ୍ଗୀର ଜିଲାକୁ ୟେଲୋ ୱାର୍ନିଂ ଏବଂ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲାରେ ଘଡ଼ଘଡ଼ି ସହିତ ଝଡ଼ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି ।

## ହର୍ମୁଜ ପ୍ରଣାଳୀ ଆମର: ଟ୍ରମ୍ପ

ନୂଆଦିଲ୍ଲୀ,୧୮।୮: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହିତ ଚାଲିଥିବା ସଂଘର୍ଷ ଓ ବିବାଦ ମଧ୍ୟରେ ସାମରିକ ଏବଂ ରଣନୀତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀକୁ 'ନୂତନ ଆମେରିକୀୟ ଭୂଖଣ୍ଡ' ଭାବେ ଘୋଷଣା କରିଛନ୍ତି। ନିଜର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ 'ଟ୍ରୁଥ ସୋସିଆଲ'ରେ ଏକ ମାନଚିତ୍ର ପୋଷ୍ଟ କରି ସେ ଏହି ଆପତ୍ତିଜନକ ଦାବି କରିବା ସହ ଉକ୍ତ ଜଳପଥ ଉପରେ ୱାସିଂଟନର 'ସମ୍ପୂର୍ଣ୍ଣ ନିୟନ୍ତ୍ରଣ' ରହିଛି ବୋଲି ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ଜୁନ୍‌ରେ ସ୍ୱାକ୍ଷରିତ ଏକ ମଧ୍ୟବର୍ତ୍ତୀକାଳୀନ ଚୁକ୍ତିନାମା ଅନୁଯାୟୀ ଆମେରିକା ନିଜର ପ୍ରତିଶ୍ରୁତି ପୂରଣ ନ କରିବା ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ମାର୍ଗକୁ ବନ୍ଦ ରଖାଯିବ ବୋଲି ତେହେରାନ ଜିଦ୍ ଧରିବା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି ।ଅପରପକ୍ଷରେ, ଆମେରିକାର ନୌସେନା ଅବରୋଧ ଯୋଗୁଁ ଏହି ପ୍ରଣାଳୀ ଉପରେ ସେମାନଙ୍କର ପୂର୍ଣ୍ଣ ପ୍ରଭାବ ରହିଛି ବୋଲି ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ଟ୍ରମ୍ପ ଦୋହରାଇଛନ୍ତି।

### ସିଜେପି ଆନ୍ଦୋଳନରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ

## 'ସୁପ୍ରିମ' ସହମତି : ତଦନ୍ତ କରିବ ସ୍ୱତନ୍ତ୍ର କମିଟି

ନୂଆଦିଲ୍ଲୀ,୧୮।୮: କକ୍ରୋଚ ଜନତା ପାର୍ଟି(ସିଜେପି)ର ଜୁଲାଇ ୨୦ ତାରିଖର ବିକ୍ଷୋଭ ପ୍ରଦର୍ଶନ ବେଳେ ଘଟିଥିବା ଘଟଣା ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ବିକ୍ଷୋଭ ପ୍ରଦର୍ଶନ ବେଳେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଓ ହିଂସାକାଣ୍ଡର ତଦନ୍ତ କରିବାକୁ ସୁପ୍ରିମକୋର୍ଟ ସହମତି ପ୍ରକାଶ କରିଛନ୍ତି। ଏଥିପାଇଁ ସୁପ୍ରିମକୋର୍ଟ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଗଠନ କରିଛନ୍ତି। କମିଟିର ନେତୃତ୍ୱ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ନେବେ। ଘଟଣା ସହ ଜଡ଼ିତ ନଥିବା ରାଜ୍ୟର ଜଣେ



ପୂର୍ବତନ ଡିଜିପି ଓ ପୂର୍ବତନ ସିବିଆଇ ନିର୍ଦ୍ଦେଶକ କମିଟିରେ ସାମିଲ ହେବାକୁ ସହମତ ପ୍ରକାଶ କରିଥିବା ସୁପ୍ରିମକୋର୍ଟ ସୂଚନା ଦେଇଛନ୍ତି। ସେହିପରି କମିଟିର ଗଠନ ଓ କାର୍ଯ୍ୟକାରିତା ସମ୍ପର୍କିତ ସମସ୍ତ ଦିଗକୁ ବିଚାର କରିବା ପରେ ବୁଧବାର ଏନେଇ ବିଧିବଦ୍ଧ ନିର୍ଦ୍ଦେଶ ଜାରି କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ତଥ୍ୟ ସଂଗ୍ରହ କରିବ ଓ ପର୍ଯ୍ୟାୟକ୍ରମେ ରିପୋର୍ଟ ଦାଖଲ କରିବ। ଏହାଦ୍ୱାରା କୋର୍ଟ ଆବଶ୍ୟକ ନିର୍ଦ୍ଦେଶ ଜାରି କରିପାରିବେ। ଖଣ୍ଡପୀଠ କହିଛନ୍ତି, ଆମେ କମିଟିକୁ ସମସ୍ତ ସହାୟତା ଯୋଗାଇଦେବୁ। କମିଟି ନିକଟକୁ ଯେକୌଣସି ପ୍ରଭାବିତ ଲୋକ ଆସିଲେ ସେମାନେ ତାଙ୍କ ତୁରନ୍ତ ଶୁଣିବେ।

### ବନ୍ୟା ସ୍ରୋତରେ ଭାସିଯାଉଥିଲେ ଯୁବକ

# ତାଳଗଛ ସାଜିଲା ଦେବଦୂତ: ୫ ଦିନ ପରେ ଉଦ୍ଧାର

ଭଦ୍ରକ/ଯାଜପୁର,୧୮।୮(ନିପ୍ର): କଥାରେ ଅଛି ରଖେ ହରି ମାରେ କିଏ ।ଏମିତି ଏକ ଆଶ୍ଚର୍ଯ୍ୟଚକିତ ହେଲା ଭଳି ଘଟଣା ସାମ୍ନାକୁ ଆସିଛି ଧାମନଗରର ସର୍ବାଧିକ ବନ୍ୟା ପ୍ରଭାବିତ ଅଂଚଳ ଅର୍ଜୁନପୁରରୁ। ୫ ଦିନ ଧରି ଭାସମାନ ବନ୍ୟା ଜଳର ସ୍ରୋତ ମଧ୍ୟରେ ଜୀବନ ଓ ମୃତ୍ୟୁ ସହ ସଂଗ୍ରାମ କରିବା ପରେ ସୁରକ୍ଷିତ ଉଦ୍ଧାର ହୋଇଛନ୍ତି ଜଣେ ଯୁବକ। ଉଦ୍ଧାର ଯୁବକ ହେଉଛନ୍ତି ସୁନନ୍ଦ ବେହେରା (୪୦)। ଧାମନଗର ବ୍ଲକ୍ ଅର୍ଜୁନପୁର ପଂଚାୟତ ବାଲିପାଟଣା ମୁକ୍ତାନଗର ଗ୍ରାମର ପ୍ରଭାକର ବେହେରାଙ୍କ ପୁଅ ସୁନନ୍ଦ ଗତ ଶୁକ୍ରବାର ଚାଷ ଜମିକୁ ଯାଇଥିଲେ। ହଠାତ୍ ବନ୍ୟା ସ୍ରୋତ ମାଡ଼ି ଆସିବାରୁ ସେ ଆଉ ଘରକୁ ଫେରିପାରି ନଥିଲେ। ଚାରିଆଡ଼େ ଜଳମଗ୍ନ ପରିସ୍ଥିତି ଓ ପ୍ରବଳ ସ୍ରୋତ ସୁନନ୍ଦଙ୍କ ବାଟ ଓଗାଳି ଥିଲା । ପରିବାର ଓ ସ୍ଥାନୀୟ ଲୋକେ ଖୋଜାଖୋଜି କରିଥିଲେ ବି ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ମଙ୍ଗଳବାର ଦିନ ଓଡ୍ରାଫ୍ ଟିମ୍ ସହ ବାଲିପାଟଣା ମେଡିକାଲର ଡାକ୍ତର ଜନ୍ମେଜୟ ଦ୍ୱିବେଦୀ, ଫାର୍ମାସିଷ୍ଟ ରାକେଶ ବିଶ୍ୱାଳ ଏବଂ ଏଲ୍.ଟି. ସତ୍ୟଜିତ୍ ଦାସ ବୋଟ୍ ଯୋଗେ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲେ। ସ୍ଥାନୀୟ ବାଜାପତି ପଡ଼ିଆ ଅଞ୍ଚଳରେ ଖୋଜାଖୋଜି ବେଳେ ଏକ ତାଳଗଛକୁ ଜାବୋଡି ଧରି ରହିଥିବା ଅବସ୍ଥାରେ ସୁନନ୍ଦଙ୍କୁ ଠାବ କରାଯାଇଥିଲା। ଓଡ୍ରାଫ୍ ଟିମ୍ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଦୀର୍ଘ ୫ ଦିନ ଧରି ଭୋକ ଉପାସରେ ପାଣି ଭିତରେ ରହିଥିବାରୁ ସୁନନ୍ଦଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା ।ଅତ୍ୟନ୍ତ ଦୁର୍ବଳ ଅନୁଭବ କରୁଥିଲେ ସେ। ତାଙ୍କୁ ବାଲିପାଟଣା ମେଡିକାଲରେ ଭର୍ତ୍ତି କରାଯାଇ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦିଆଯାଉଛି।

### ବନ୍ୟାପାଣିରେ ଭାସିଯାଇଥିଲେ ବୃଦ୍ଧ ଓ ପୁରୋହିତ : ଉଦ୍ଧାର କଲେ ଲୋକେ



ବୈତରଣୀ ନଦୀ ବନ୍ୟା ପାଣିରେ ଭାସି ଯାଉଥିଲେ ଜଣେ ବୃଦ୍ଧ । ଗଛ ହେଲା ସାହାରା। ଭାସି ଯାଉଥିବା ବୃଦ୍ଧଙ୍କୁ ଉଦ୍ଧାର କଲେ ଗ୍ରାମବାସୀ। ଏପରି ସ୍ଥିତି ଦେଖିବାକୁ ମିଳିଥିଲା ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ବୋଡକଠାରେ ବୈତରଣୀ ନଦୀରେ ଭାସି ଗଛକୁ ଧରି ପାଣିରେ ରହିଥିଲେ ସମ୍ପୃକ୍ତ ବୃଦ୍ଧ। ଡଙ୍ଗାରେ ବଜାରକୁ ଯାଉଥିବା ବେଳେ ସ୍ଥାନୀୟ ଲୋକେ ବୃଦ୍ଧଙ୍କୁ ଉଦ୍ଧାର କରିଥିଲେ। ବୃଦ୍ଧ ଜଣକ ଯାଜପୁର ଜିଲ୍ଲା ମଙ୍ଗଳପୁର ଅଞ୍ଚଳର ବୋଲି ଜଣାପଡିବା ପରେ ତାଙ୍କ ଘରେ ଛଡାଯାଇଛି। ବୃଦ୍ଧ ଆରଡି ଅଭିମୁଖେ ଆସୁଥିବାବେଳେ ବୈତରଣୀର ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ସ୍ଥାନୀୟ ଯୁବକମାନେ ଦେଶୀ ଡଙ୍ଗାରେ ଆସି ବୃଦ୍ଧଙ୍କ ନିକଟରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ହେଲେ ସରକାରୀ ବୋଟ କିମ୍ବା ଓଡ୍ରାଫ ଟିମ୍ ପହଞ୍ଚି ନଥିବା କହିଥିଲେ ସ୍ଥାନୀୟ ଲୋକ। ସେହିପରି ମଙ୍ଗଳବାର ଅପରାହ୍ନ ସମୟରେ ଆରଡି ପୀଠର ବାବା ଆଖଣ୍ଡଳମଣିଙ୍କ ସେବାୟତ ମିହିରି ପାଢୀ ମୁଆଁ ଘୋଷରା ନିକଟରେ ରାସ୍ତା ପାର ହୋଇ ଯାଉଥିବା ସମୟରେ ଭାସି ଯାଇଥିଲେ। ନିକଟରେ ଥିବା ଏକ କଣ୍ଟାଗଛକୁ ସାହାରା କରି ଦେଢ଼ଘଣ୍ଟା ପଶି ରହିବା ପରେ ସ୍ଥାନୀୟ ଲୋକ ରଶି ଓ ଦେଶୀ ଡଙ୍ଗା ଦ୍ୱାରା ଉଦ୍ଧାର କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ସ୍ଥାନୀୟ ପ୍ରଶାସନ ଓ ଓଡ୍ରାଫ ଟିମକୁ ଫୋନ୍ କରିଥିଲେ ମଧ୍ୟ ଆସିନଥିଲେ।

# ଶ୍ରାବଣରେ ମହାଦେବଙ୍କ ପୂଜାର ୭ ଶୁଭଫଳ





## ୧.ମନୋକାମନା ପୂରଣ:

ଭଗବାନ ଶିବଙ୍କୁ 'ଆଶୁତୋଷ' ମଧ୍ୟ କୁହାଯାଏ, ଅର୍ଥାତ୍ ସେ ଅତି ଶୀଘ୍ର ପ୍ରସନ୍ନ ହୋଇଯାଆନ୍ତି । ଶ୍ରାବଣ ମାସରେ ପବିତ୍ର ମନରେ କରାଯାଇଥିବା ପୂଜା ଦ୍ୱାରା ଭଗବାନ ଶିବ ସମସ୍ତ ମନୋକାମନା ପୂରଣ କରନ୍ତି ।

## ୨. କଷ୍ଟ ଓ ପୀଡ଼ାରୁ ମୁକ୍ତି:

ଯେଉଁ ବ୍ୟକ୍ତି ଶାରୀରିକ କିମ୍ବା ମାନସିକ କଷ୍ଟରେ ପୀଡ଼ିତ, ସେମାନେ ଶ୍ରାବଣ ମାସରେ ପ୍ରତିଦିନ ଶିବଲିଙ୍ଗ ଉପରେ ଜଳ ଅର୍ପଣ କରନ୍ତି ସମସ୍ତ ପ୍ରକାରର କଷ୍ଟରୁ ମୁକ୍ତି ପାଇଥାନ୍ତି ।

## ୩. ସୁଖମୟ ଦାମ୍ପତ୍ୟ ଜୀବନ:

ମାତା ପାର୍ବତୀ ମଧ୍ୟ ଶ୍ରାବଣ ମାସରେ କଠୋର ତପସ୍ୟା କରି ଭଗବାନ ଶିବଙ୍କୁ ପତି ରୂପରେ ପାଇଥିଲେ । ତେଣୁ, ଅବିବାହିତ କନ୍ୟାମାନେ ଏହି ମାସରେ ବ୍ରତ ରଖିଲେ ମନମୁତାବକ ଜୀବନସାଥୀ ପାଆନ୍ତି ଏବଂ ବିବାହିତ ମହିଳାମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁ ଓ ସୁଖମୟ ଦାମ୍ପତ୍ୟ ଜୀବନ ପାଇଁ ପୂଜା କରନ୍ତି ।

## ୪. ଦୋଷ ନିବାରଣ (କାଳସର୍ପ ଓ ଶନି ଦୋଷ):

ଯେଉଁମାନଙ୍କ କୁଣ୍ଡଳୀରେ କାଳସର୍ପ ଦୋଷ କିମ୍ବା ଶନି ଦୋଷ ଥାଏ, ସେମାନଙ୍କ ପାଇଁ ଶ୍ରାବଣ ମାସରେ ଶିବ ପୂଜା କରିବା ଏକ ରାମବାଣ ସଦୃଶ । ଏହା ଦ୍ୱାରା ଗ୍ରହମାନଙ୍କର ଅଶୁଭ ପ୍ରଭାବ କମ୍ ହୋଇଥାଏ ।

## ୫. ସ୍ୱାସ୍ଥ୍ୟ ଲାଭ ଓ ଦୀର୍ଘାୟୁ:

ଶ୍ରାବଣ ମାସରେ ମହାଦେବଙ୍କୁ ବିଧିପୂର୍ବକ ପୂଜା କଲେ ଏବଂ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କଲେ ବ୍ୟକ୍ତି ରୋଗମୁକ୍ତ ହୋଇ ଦୀର୍ଘାୟୁ ହୋଇଥାଏ ।

## ୬. ଧନ ଏବଂ ସମୃଦ୍ଧି:

ଆର୍ଥିକ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଶ୍ରାବଣ ମାସରେ ଶିବଲିଙ୍ଗ ଉପରେ ଆଖୁ ରସରେ ଅଭିଷେକ କରିବା ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ । ଏହା ଦ୍ୱାରା ଘରେ ସୁଖ-ସମୃଦ୍ଧି ବୃଦ୍ଧି ପାଏ ।

## ୭. ଆଧ୍ୟାତ୍ମିକ ଉନ୍ନତି ଓ ମୋକ୍ଷ ପ୍ରାପ୍ତି:

ଶ୍ରାବଣ ମାସ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଏହି ମାସରେ ନିୟମିତ ପୂଜା, ଉପବାସ ଏବଂ ଧ୍ୟାନ କରିବା ଦ୍ୱାରା ଆତ୍ମଶୁଦ୍ଧି ହୁଏ ଏବଂ ବ୍ୟକ୍ତି ମୋକ୍ଷ ପଥରେ ଅଗ୍ରସର ହୁଏ ।

ଏହି ସମସ୍ତ କାରଣ ଯୋଗୁଁ ଶ୍ରାବଣ ମାସ କେବଳ ଏକ ପରମ୍ପରା ନୁହେଁ, ବରଂ ଏହା ଭକ୍ତି, ବିଶ୍ୱାସ ଏବଂ ଆତ୍ମଶୁଦ୍ଧିର ପ୍ରତୀକ, ଯେଉଁଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଏହି ମାସରେ ମହାଦେବଙ୍କ ଆରାଧନାରେ ଲୀନ ହୋଇଯାଆନ୍ତି ।

### ● ଅଭିନ୍ନ ଭାବ ସୃଷ୍ଟି କରେ

# ପ୍ରକୃତ ପୂଜା



ଏ ସଂସାର ଭଗବାନଙ୍କର । ସମଗ୍ର ସଂସାର ଭଗବାନଙ୍କ ମୂର୍ତ୍ତି ବା ଶ୍ରୀବିଗ୍ରହ । ସେ ସର୍ବତ୍ର ପରିବ୍ୟାପ୍ତ । ସବୁଆଡେ ସେ ହିଁ । ବାସୁଦେବ ସର୍ବତ୍ର । ସେହି ବାସୁଦେବ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ତାଙ୍କୁ ଯେପରି ନାମରେ ଭକ୍ତ ଡାକୁ ସେ ଶୁଣନ୍ତି କାନପାରି । ଶ୍ରୀବିଗ୍ରହ ନିର୍ଜୀବ ନୁହନ୍ତି, ସଜୀବ। ଏପରି ଭାବ ହିଁ ତାଙ୍କ ପ୍ରତି ଶ୍ରଦ୍ଧା ଜାଗ୍ରତ କରେ । ଆମେ ମୂର୍ତ୍ତି ରୂପରେ ଭଗବାନଙ୍କୁ ପୂଜା କରି ଫୁଲ ପିନ୍ଧାଇଲେ , ଚନ୍ଦନ ଲଗାଇ ଦେଲେ ଆମ ଶ୍ରଦ୍ଧାଭାବ ଯଦି ତାଙ୍କ ମୂର୍ତ୍ତି ପ୍ରତି ଅର୍ପିତ ନ ହୋଇ ପାରିଲା କି ଲାଭ ? ଯେପରି ଭଗବାନଙ୍କ ପ୍ରତି ସବୁକିଛି ଅର୍ପିତ ହୁଏ ସେଥିପ୍ରତି ସଚେତ ରହିବା ଆବଶ୍ୟକ। ସେହିପରି ଆମେ ଆମର ପ୍ରତ୍ୟେକ କ୍ରିୟା ଦ୍ୱାରା ସଂସାରରେ ଭଗବାନଙ୍କୁ ପୂଜା କରିବା ଉଚିତ। ଶ୍ରୋତା , ଶ୍ରବଣ ଦ୍ୱାରା ବକ୍ତାଙ୍କୁ ପୂଜା କରନ୍ତୁ ବା ଶ୍ରଦ୍ଧା ପ୍ରଦର୍ଶନ କରନ୍ତୁ। ତେବେ ଏହା ସତ୍‌ସଙ୍ଗର ବିଷୟ ହେବା ଦରକାର। ବକ୍ତା ତାଙ୍କର ବକ୍ତବ୍ୟ ଦ୍ୱାରା ଶ୍ରୋତାଙ୍କୁ ପୂଜା କରନ୍ତୁ। ଏହିପରି ସମସ୍ତେ ନିଜ ନିଜର କର୍ମ ଦ୍ୱାରା ପରସ୍ପରକୁ ପୂଜା କରନ୍ତୁ। ଏହା ନିରନ୍ତର ଚାଲି ରହୁ। ବ୍ରାହ୍ମଣ,କ୍ଷତ୍ରିୟ ଆଦି ଆଡକୁ ଦୃଷ୍ଟି ନ ରହି କେବଳ ଭଗବାନଙ୍କ ଆଡକୁ ଦୃଷ୍ଟି ରହିବା ବିଧେୟ । ଭଗବାନ ଶ୍ରୀରାମଙ୍କୁ ମୁନିଋଷିମାନେ ଭଗବଦ୍ ସତ୍ତା ଭାବରେ ପ୍ରଣାମ କରନ୍ତି। କ୍ଷତ୍ରିୟ ଭାବରେ ନୁହେଁ,ସବୁ କିଛି ଭଗବାନଙ୍କର ଓ ଭଗବାନଙ୍କ ପାଇଁ -ଏହି ଭାବ ହିଁ ପୂଜନର ମୁଖ୍ୟ ଆଧାର । ବାସ୍ତବରେ ସବୁ କ୍ରିୟା ଭଗବାନଙ୍କର ହିଁ ପୂଜା। କେବଳ ସେ କରାଉଛନ୍ତି ଏହି ଜ୍ଞାନ ରଖି ବିନା ଅହଂରେ କାର୍ଯ୍ୟ ସମର୍ପିତ କରିବା ଦରକାର। ଆମେ କେବଳ ଆମର ତ୍ରୁଟି ସଂଶୋଧନ କରିଲେ ହେଲା। ପତ୍ର, ପୁଷ୍ପ, ଫଳ ସବୁ ଭଗବାନଙ୍କର ବସ୍ତୁ । କେବଳ ଶ୍ରଦ୍ଧା ଭାବରେ ଭଗବାନଙ୍କୁ ଅର୍ପଣ କଲେ ଆମର ସ୍ୱାର୍ଥବୁଦ୍ଧି, ଭୋଗବୁଦ୍ଧି ଓ ଫଳେଚ୍ଛା ନଷ୍ଟ ହୋଇଯିବ । ନିଜର ସାମର୍ଥ୍ୟକୁ ଭଗବାନଙ୍କର ମନେ କଲେ କର୍ତ୍ତୃତ୍ୱ ମଧ୍ୟ ନଷ୍ଟ ହୋଇଯିବ ଏବଂ ଭଗବତ୍ ପ୍ରାପ୍ତିର ଅନୁଭବ ହେବ। ପ୍ରକୃତ ପୂଜା ଅଭିନ୍ନ ଭାବ ସୃଷ୍ଟି କରେ । ସେତେବେଳେ ବ୍ୟକ୍ତିସତ୍ତା ବିଲୟ ଘଟେ । ଏଥି ପ୍ରତି ସର୍ବଦା ସଚେତ ରହିବାକୁ ହେବ।

### ସର୍ବଦା ଯୋଗମୁଦ୍ରାରେ ରୁହନ୍ତି


# ଶିବ-ଶମ୍ଭୁ



ହିନ୍ଦୁ ଧର୍ମରେ ଶିବ ହେଉଛନ୍ତି ଅନ୍ୟତମ ପ୍ରମୁଖ ଦେବତା। ସେ ତ୍ରିଦେବର ଏକ ଅଂଶ। ତାଙ୍କୁ ମହାଦେବ, ଦେବଙ୍କ ଦେବ ମଧ୍ୟ କୁହାଯାଏ। ସେ ଭୋଳାନାଥ, ଶଙ୍କର, ମହେଶ, ରୁଦ୍ର, ନୀଳକଣ୍ଠ, ଗଙ୍ଗାଧର ଇତ୍ୟାଦି ଅନେକ ନାମରେ ଜଣାଶୁଣା। ତନ୍ତ୍ର ସାଧନାରେ ସେ ଭୈରବ ନାମରେ ମଧ୍ୟ ଜଣାଶୁଣା। ହିନ୍ଦୁ ଧର୍ମର ମୁଖ୍ୟ ଦେବତାମାନଙ୍କ ମଧ୍ୟରୁ ଶିବ ଅନ୍ୟତମ। ବେଦରେ ତାଙ୍କ ନାମ ରୁଦ୍ର। ଶଙ୍କରଙ୍କୁ ବିନାଶର ଦେବତା କୁହାଯାଏ। ଭଗବାନ ଶଙ୍କର ଉଭୟ ସୌମ୍ୟ ଏବଂ ରୌଦ୍ର ରୂପ ପାଇଁ ପ୍ରସିଦ୍ଧ। ଶିବ ବ୍ରହ୍ମାଣ୍ଡ ସୃଷ୍ଟିର ଅସ୍ତିତ୍ୱ ଏବଂ ବିନାଶର ଅଧିପତି। ଯଦିଓ ଶିବଙ୍କର ଅର୍ଥ ମଙ୍ଗଳକାରୀ ବୋଲି ବିବେଚନା କରାଯାଏ, ତଥାପି ସେ ନିଜ ଅଧୀନରେ ସର୍ବଦା ଉଭୟ ଲୟ ଏବଂ ପ୍ରଳୟକୁ ରଖିଥାନ୍ତି। ରାବଣ, ଶନି, କାଶ୍ୟପ ଋଷି ଇତ୍ୟାଦି ତାଙ୍କର ଭକ୍ତ। ଶିବ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି, ସେଥିପାଇଁ ତାଙ୍କୁ ମହାଦେବ କୁହାଯାଏ। ଭୋଳାନାଥଙ୍କ ସହ ଜଡିତ ଅନେକ ରହସ୍ୟମୟ କାହାଣୀ ଲୋକପ୍ରିୟ। ବିଷ୍ଣୁ ପୁରାଣ ଅନୁଯାୟୀ ଏହା ଉଲ୍ଲେଖ କରାଯାଇଛି ଯେ ଭଗବାନ ବିଷ୍ଣୁ ଭଗବାନ ବ୍ରହ୍ମାଙ୍କ ନାଭିରୁ ଜନ୍ମ ହୋଇଥିବାବେଳେ ଶିବ ଭଗବାନ ବିଷ୍ଣୁଙ୍କ କପାଳର ତେଜରୁ ଉତ୍ପନ୍ନ। ବିଷ୍ଣୁ ପୁରାଣ ଅନୁଯାୟୀ କପାଳର ତେଜରୁ ଉତ୍ପନ୍ନ ହୋଇଥିବାରୁ ଶିବ-ଶମ୍ଭୁ ସର୍ବଦା ଯୋଗମୁଦ୍ରାରେ ରୁହନ୍ତି।



# ବନ୍ଧନ-ମୁକ୍ତିର ପ୍ରତିବନ୍ଧକ..



ଜୀବନର ସବୁଠୁ ବଡ ବିଡ଼ମ୍ବନା ଏହା ଯେ ପ୍ରତ୍ୟେକ କଥା ଆମକୁ କୌଣସି ନା' କୌଣସି ବନ୍ଧନରୁ ମୁକ୍ତ କରିଥାଏ । କିନ୍ତୁ ଏହି ମୁକ୍ତି ସେତିକି ବିପଦପୂର୍ଣ୍ଣ ହୋଇଥାଏ ଯେତେବେଳେ କୌଣସି ଛୁଆକୁ ମିଠାର ଦୋକାନରେ ଏକୁଟିଆ ଛାଡି ଦିଆ ହେବ । ପ୍ରଥମେ ଅଣ୍ଟାର ବନ୍ଧନ ଭାଙ୍ଗିଥାଏ ଆଉ ଡାକ୍ତର କହିଥାନ୍ତି,'ଅଣ୍ଟାକୁ ସିଧା ରଖ !'କିନ୍ତୁ ଜୀବନ କହିଥାଏ ଯେ 'ନଇଁକି ରୁହ ଆଉ ଉଠିକରି ଚାଲ' ଆଉ ଶେଷରେ ଭାଙ୍ଗିପଡ । ପୁଣି ଆସିଥାଏ ବଜେଟର ବନ୍ଧନ । ଟଙ୍କା ଆସିଥାଏ ଆଉ ଯିବା ପରେ ପଚାରିଥାଏ,'ଟଙ୍କା ସବୁ କୁଆଡେ ଗଲା !' । ଆଉ ଉତ୍ତର ମିଳିଥାଏ ଯେ ଘରଭଡା,ବିଲ୍ ଆଉ ଛୁଆଙ୍କ ଟିଉସନରେ ଚାଲିଗଲା । ବଜେଟର ବନ୍ଧନ ଭାଙ୍ଗିଗଲା ପରେ ଏହି ମଣିଷ ବୁଝିଥାଏ କି ଏବେ ସେ ମୁକ୍ତ ଅଟେ, କିନ୍ତୁ ମୁକ୍ତ ହୋଇକରି ମଧ୍ୟ ଖାଲି ପକେଟ ହିଁ ତା'ର ସବୁଠୁ ବଡ କଏଦୀରେ ପାଲଟି ଯାଏ । ଆଉ ଶେଷରେ ଭାଙ୍ଗିଥାଏ ଧୈର୍ଯ୍ୟର ବନ୍ଧନ। ମନୁଷ୍ୟ ଭାବିଥାଏ ଯେ ସେ ସବୁ ସମ୍ଭାଳି ନେବ,କିନ୍ତୁ ଯେତେବେଳେ ବିଜୁଳି ବିଲ୍,ପାଣି ବିଲ୍, ଆଉ ପଡୋଶୀଙ୍କର ପରାମର୍ଶ ଗୋଟିଏ ସାଙ୍ଗରେ ଆସିଥାଏ,ଆଉ ସେତେବେଳେ ଧୈର୍ଯ୍ୟ କହିଥାଏ କି,'ଏବେ ମୁଁ ଯାଉଛି,ତୁମେ ଦେଖିନେବ' । ଏହା ସେହି କ୍ଷଣ ହୋଇଥାଏ ଯେତେବେଳେ ମନୁଷ୍ୟ ପ୍ରକୃତରେ ବନ୍ଧନ ମୁକ୍ତ ହୋଇଯାଏ । କିଛି ସମସ୍ୟା ଏହା ଯେ ମୁକ୍ତ ହେବା ପରେ ଜଣା ପଡେ , ଏବେବନ୍ଧା ହେବା ଆଉ କିଛି ବଞ୍ଚିନାହିଁ । ବାଧା ଆମକୁ ଶିଖେଇ ଥାଏ ଯେ ଜୀବନ କୌଣସି ଯୋଗାସନ ନୁହେଁ । ଯେଉଁଠି ପ୍ରତ୍ୟେକ ବନ୍ଧନକୁ ଭାଙ୍ଗିକରି ଶାନ୍ତି ମିଳିଥାଏ । ଯେଉଁଠି ପ୍ରତ୍ୟେକ ବନ୍ଧନ ଭାଙ୍ଗିଲାପରେ ନୂଆ ସମସ୍ୟା ସୃଷ୍ଟି ହୋଇଥାଏ । ଅଣ୍ଟାର ବନ୍ଧନ ଭାଙ୍ଗିଲେ ତ ଡାକ୍ତରର ବିଲ୍ ବାନ୍ଧିହୋଇଯାଏ । ବଜେଟର ବନ୍ଧନ ଭାଙ୍ଗିଲେ ତ ଉଧାରର ବନ୍ଧନ ବାନ୍ଧି ହୋଇଯାଏ । ଧୈର୍ଯ୍ୟର ବନ୍ଧନ ଭାଙ୍ଗିଲେ ତ କ୍ରୋଧର ବନ୍ଧନ ବାନ୍ଧି ହୋଇଯାଏ । ଅର୍ଥାତ୍,ମନୁଷ୍ୟ ସର୍ବଦା କୌଣସିନା' କୌଣସି ବନ୍ଧନରେ ବନ୍ଧା ହୋଇ ରହିଥାଏ । ସମାଜ ମଧ୍ୟ କମ୍ ଆମୋଦଦାୟକ ନୁହେଁ ,ସେଠାରେ ମଧ୍ୟ ବାଧା ସବୁ ଥାଏ । କେବେ ରାଜନୀତିର ବାଧା,କେବେ ଶିକ୍ଷାର ବାଧା,କେବେ ଟ୍ରାଫିକ୍‌ର ବାଧା । ପ୍ରତ୍ୟେକ ବାଧା ଆମକୁ ମୁକ୍ତ କରିଥାଏ । କିନ୍ତୁ ମୁକ୍ତ ହୋଇକରି ମଧ୍ୟ ଆମେ ପାଇଥାଉ ଯେ ଏବେ ଆମେ କୌଣସି ଅନ୍ୟ ଗୋଟିଏ ବନ୍ଧନରେ ଛନ୍ଦି ହୋଇ ଯାଇଛେ । ଯେମିତି ଟ୍ରାଫିକ୍‌ରେ ମୁକ୍ତ ହେଲେ ଆଉ ହର୍ଣ୍ଣର ଶବ୍ଦରେ ବାନ୍ଧି ହୋଇ ଯାଇଥାଉ,ଶିକ୍ଷାରେ ମୁକ୍ତ ହେବା ପରେ ବେରୋଜଗାରିରେ ବାନ୍ଧି ହୋଇଯାଉ । ରାଜନୀତିରେ ମୁକ୍ତ ହେବା ପରେପ୍ରତିଶ୍ରୁତିରେ ବାନ୍ଧି ହୋଇଯାଆନ୍ତି । ବାଧା ସବୁ ପ୍ରକୃତରେ ଜୀବନର ସେହି ବ୍ୟଙ୍ଗ ଅଟେ ଯାହା ଆମକୁ ବାରମ୍ବାର ମନେ ପକେଇଥାଏ ଯେ ଆମେ ତେଣିକି ଯେତେ ମୁକ୍ତ ହେଉ ନା' କାହିଁକି,ଶେଷରେ ଆମେ କୌଣସିନା' କୌଣସି ବନ୍ଧନରେ ବାନ୍ଧି ହୋଇ ରହିଥାନ୍ତି । ଆଉ ଯେତେବେଳେ ସବୁ ବନ୍ଧନ ଭାଙ୍ଗିଯାଆନ୍ତି ସେତେବେଳେ ମନୁଷ୍ୟକୁ ଅନୁଭବ ହୋଇଥାଏ ଯେ ଏବେ ବନ୍ଧା ହେବା ପାଇଁ ଆଉ କିଛି ନାହିଁ ।

ଏହା ଜୀବନର ସବୁଠୁ ବଡ ବ୍ୟଙ୍ଗ ଅଟେ-'ବନ୍ଧନ-ମୁକ୍ତର ଶୂନ୍ୟ' ।

*-ମନୋଜ କୁମାର ବେହେରା*
*ଫୋନ୍-୭୯୭୮୮୩୦୬୧୧*

# ଅଘୋଷିତ ବିଦ୍ୟୁତ୍‌କାଟ ପ୍ରତିବାଦରେ ଦାବିପତ୍ର

## ଲୋ- ଭୋଲଟେଜ୍ ସମସ୍ୟାର ସମାଧାନ ଦାବି

ହିଞ୍ଜିଳିକାଟୁ,(ନିପ୍ର): ଦୀର୍ଘ ମାସ ଧରି ଅଘୋଷିତ ବିଦ୍ୟୁତ୍ କାଟ ଓ ଲୋ- ଭୋଲଟେଜ୍ ସମସ୍ୟାର ସମାଧାନ ଦାବି ନେଇ ମଙ୍ଗଳବାର ଟିପିଏସଓଡିଏଲ ହିଞ୍ଜିଳିକାଟୁ ଡିଭିଜନ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ୍ ବେଲଗାଁରେ ଗତ କିଛି ମାସ ଧରି ଲୋ- ଭୋଲଟେଜ୍ ସମସ୍ୟା ଲାଗି ରହିବା ସହ ଘଣ୍ଟା ଘଣ୍ଟା ଧରି ଅଘୋଷିତ ଭାବେ ବିଦ୍ୟୁତ୍ କାଟ କରାଯାଉଥିବା ଅଭିଯୋଗ ହୋଇଛି । ଘଟଣା ସମ୍ପର୍କରେ ସଂପୃକ୍ତ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରି ଆସୁଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇ ପାରିନାହିଁ ।

ପରିଶେଷରେ ବାଧହୋଇ ବେଲଗାଁ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ହିଞ୍ଜିଳିକାଟୁ ବିଜୁ ପଟ୍ଟନାୟକ ଛକ ଠାରୁ ଏକ ରାଲିରେ ବାହାରି ଟିପିଏସଓଡିଏଲ ହିଞ୍ଜିଳିକାଟୁ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି କାର୍ଯ୍ୟାଳୟ ଘେରାଉ କରିବା ସହ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ସମୟରେ ରଞ୍ଜିତା ସ୍ୱାଇଁ, ବାସନ୍ତୀ ବେହେରା, ସୁକାନ୍ତି ସାହୁ, ମମତା ମହାନ୍ତି, ଲକ୍ଷ୍ମୀ ସାହୁ, ସଞ୍ଜୁ ଦାସ, ସୁଧାକର ବେହେରା, ସାବିତ୍ରୀ ବେହେରା, ରଶ୍ମିତା ଗୌଡଙ୍କ ସମେତ ଗ୍ରାମର ବହୁ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ । ଏ ନେଇ ଟିପିଏସଓଡିଏଲ ହିଞ୍ଜିଳିକାଟୁ ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କୁହନ୍ତି ସେମାନଙ୍କ ସମସ୍ୟାର ଯଥାଶୀଘ୍ର ସମାଧାନ କରାଯିବ ।




## ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ୱାସ୍ଥ୍ୟକର ପରିବେଶ

ଭାପୁର,(ନିପ୍ର): ଭାପୁର ବ୍ଲକ ୨୦ ଗୋଟି ପଞ୍ଚାୟତର ଲକ୍ଷାଧିକ ଜନସାଧାରଣ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରି ଚଳିଥାନ୍ତି । ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବହେଳିତ ଅବସ୍ଥାରେ ଚାଲିଥିବାବେଳେ ରାଜନୈତିକ ଅଭିସନ୍ଧିମୂଳକ ଭାବରେ ସର୍ବଦା ଚର୍ଚ୍ଚାରେ ରହି ଆସିଛି । କଥାରେ ଅଛି, ଗ୍ରାମର ପରିବେଶ ପୋଖରୀ ତୁଠ ଦେଖିବାଭଳି ସ୍ୱାସ୍ଥ୍ୟକେନ୍ଦ୍ରର ପରିବେଶ ମୁଖ୍ୟ ଫାଟକରୁ



ବାରି ହୋଇପଡୁଛି ସ୍ୱାସ୍ଥ୍ୟକେନ୍ଦ୍ର କେଉଁଭଳି ଅବସ୍ଥାରେ ଚାଲିଛି । ପରିବେଶ ସୁନ୍ଦର ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକ ଦୁଇ ପାର୍ଶ୍ୱ ଉଚ୍ଛେଦ କରାଗଲା । କିନ୍ତୁ, ମାର୍ବଲରେ ନିର୍ମିତ ଫାଟକ ଓ୍ ଉଭୟ ପାର୍ଶ୍ୱ ଅନାବନା ଗଛ ଉଠି ତାହା ବୁଦିବୁଦିକିଆ ଗଛ ଉଠି ଜଙ୍ଗଲ ସଦୃଶ ଦେଖାଦେଇଛି । ସେହି ଭିତରେ ମଶା,ଡାଉଁଶଙ୍କ ପ୍ରାଦୁର୍ଭାବ ଯୋଗୁଁ ରୋଗୀମାନେ ଅତିଷ୍ଠ ହୋଇଯାଉଥିବାରୁ ମ୍ୟାଲେରିଆ,ଟାଇଫଏଡ଼ ଭଳି ରୋଗକୁ ଆମନ୍ତ୍ରଣ କରୁଛନ୍ତି । ରୋଗୀ କଲ୍ୟାଣ ସମିତି ଦ୍ୱାରା ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ହେଉଥିଲେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକ ସଫା ହେଉ ନ ଥିବାରୁ ବ୍ଲକର ବୁଦ୍ଧିଜୀବୀ ଓ୍ ଶିକ୍ଷାବିତ୍‌ଙ୍କ ମଧରେ ସ୍ୱାସ୍ଥ୍ୟ ପ୍ରଶାସକଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ପୋଷଣ ଓ ଶିକ୍ଷଣ ତାଲିମ ଶିବିର

ବୁଗୁଡ଼ା,(ନିପ୍ର): ଗଞ୍ଜାମ ଜିଲ୍ଲାର ବୁଗୁଡ଼ା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ, ସିଡ଼ିପିଓ ବବିତା କୁମାରୀ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଷଣ ଭି, ପଢାଇ ଭି



କାର୍ଯ୍ୟକ୍ରମର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ବୁଗୁଡ଼ା ଏନଏସି କଲ୍ୟାଣୀ ମଣ୍ଡପରେ ତିନି ଦିନ ବ୍ୟାପୀ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ବୁଗୁଡ଼ା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅନ୍ତର୍ଗତ ସମସ୍ତ ଅଙ୍ଗନାୱାଡ଼ି କର୍ମୀ ଏହି ତାଲିମ ଶିବିରରେ ଯୋଗଦେଇ ତାଲିମ ଗ୍ରହଣ କରିଥିଲା । ଏହି ତାଲିମ ଶିବିରରେ ସିଡ଼ିପିଓ, ତିନିଜଣ ସୁପରଭାଇଜର ଓ ପ୍ରକଳ୍ପ ଅଧିକାରୀ ଅଙ୍ଗନାୱାଡ଼ି କର୍ମୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । କିପରି ଶିଶୁମାନଙ୍କ ସର୍ବାଙ୍ଗିନ ଉନ୍ନତି ହୋଇ ପାରିବ ସେହି ବିଷୟ ନେଇ ତାଲିମ ପ୍ରଦାନ କରାଯାଇଥିଲା ।

## ଆସିକା ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଆସିକା (ନିପ୍ର): ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆସିକା ବ୍ଲକ ନିକଟ ଏନଏସି କଲ୍ୟାଣ ମଣ୍ଡ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବି ଏସ ଏସ ଓ ରାଜଶ୍ରୀ ସାହୁଙ୍କ ସଂଯୋଜନାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା ବେଳେ ରତ୍ନାକର ସିୟ ମଞ୍ଚ ପରିଚାଳନା କରିଥିଲେ । ଏହି ସଭାରେ ଯୁବ ବିଜେପି ନେତା ସଂନ୍ଦୀପ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆସିକା ବ୍ଲକ ଉପାଧକ୍ଷା ରେଶମା ଦୋରା, ଆସିକା ବିଡ଼ିଓ ରାଜେନ୍ଦ୍ର ପ୍ରସାଦ ନାୟକ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବେହେରା ଯୋଗାଣ ଅଧିକାରୀ ଶ୍ରମିଷ୍ଠା ଦଳବେହେରା, ବ୍ଲକ ଏ ଇ ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶିବିରରେ ଟ୍ରେନ ପାସ, ବସ ପାସ, ଋଣ,ରାସନକାର୍ଡ,ବାସିନ୍ଦା ପତ୍ର ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୋଟ ୧୨୮ ଜଣ ବିଭିନ୍ନ ପ୍ରମାଣପତ୍ର ଆବେଦନ କରିଛନ୍ତି ।

## ଲେଣ୍ଡୁ ଗ୍ରାମ ପଞ୍ଚାୟତଠାରେ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ଲେଣ୍ଡୁ ଗ୍ରାମ ପଞ୍ଚାୟତଠାରେ ଏକ ୨ ଦିନିଆ ବିପର୍ଯ୍ୟୟ ପରିଚାଳନା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୩୦ ଜଣ ଯୁବତୀ ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ସ୍ଥାନୀୟ ସରପଞ୍ଚ ବିନୋଦିନୀ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ବିକ୍ରମ ପାହାଡସିଂହଙ୍କ ପରିଚାଳନାରେ ପ୍ରଶିକ୍ଷକ ଭାବେ ସଞ୍ଚିତା ମହାପାତ୍ର ଏବଂ ନିଖିଳ କୁମାର ପୃଷ୍ଟି ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଧାୟକଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ଜେନା ଉଦ୍‌ଘାଟନ କରିଥିଲେ । ପ୍ରଶିକ୍ଷଣରେ ମୁଖ୍ୟତଃ ବନ୍ୟା, ବାତ୍ୟା, ଭୂମିକମ୍ପ, ବିଜୁଳି ଓ ରାସ୍ତା ଦୁର୍ଘଟଣା ଆଦି ଆପାତକାଳୀନ ସ୍ଥିତିରେ କିପରି ସୁରକ୍ଷିତ ରହିବା ଏବଂ ଅନ୍ୟମାନଙ୍କୁ ଉଦ୍ଧାର କରିବା, ସେ ନେଇ ବିଭିନ୍ନ କୌଶଳ ବତାଯାଇଥିଲା ।

## ରାୟଗଡା: ଭାରତୀୟ ମଜଦୁର ସଂଘ ପକ୍ଷରୁ ୧୧ ଦଫା ଦାବି




ରାୟଗଡ଼ା,(ନି:ପ୍ର): ରାୟଗଡା ଜିଲ୍ଲା ଭାରତୀୟ ମଜଦୁର ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ୧୧ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଦୀର୍ଘ ଦିନର ଦାବି ପୂରଣ ହୋଇନଥିବା ଯୋଗୁଁ କେନ୍ଦ୍ର ସଂଗଠନର ନିଷ୍ପତ୍ତି କ୍ରମେ ଆଜି ସାରା ଦେଶରେ ପ୍ରତିବାଦ ଦିବସ ପାଳନ କରାଯାଇଛି । ଏହି ଅବସରରେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ଜିଲ୍ଲା ସଭାପତି ମୋହନ ରାଓ ମାଝୀ ଓ ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁଙ୍କ ନେତୃତ୍ୱରେ ଗାନ୍ଧୀ ପାର୍କ ଠାରେ ଜିଲ୍ଲାର ସମସ୍ତ ସଂଗଠନର କର୍ମକର୍ତ୍ତା ଏକତ୍ର ହୋଇ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହରର ମୁଖ୍ୟ ରାସ୍ତା ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶ୍ରମମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ଦାବି ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା ।

ଉକ୍ତ ଦାବିକୁ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କଅଁର ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ଜୟନ୍ତୀ ପଦ୍ମାଳୟା ସାହୁ , ଉଷା ରାଣୀ ଦାଶ , ଗୀତାଞ୍ଜଳି ହିଆଲ, ଧର୍ମ ସିଂ ନାଗ , ଦୁର୍ଗା ମାଧବ ଘୋଷ , ଏସ ଦୁର୍ଗା, ସଞ୍ଜୁକ୍ତା ହେରପାଲ, ସମିର ଖରା,ନେହା ସିଂ, କସ୍ତୁରୀ ନାୟକ, ସୁରେଶ କୁମାର ସାହୁ,ପରମା ନନ୍ଦ ପ୍ରଧାନ, ନିରଞ୍ଜନ ସେନାପତି , ମମତା ବିଶ୍ୱାଳ, ସୁନ୍ଦର ରାଓ କାଡ୍ରାକା, କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ୬ ହଜାରର ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ ।

## ‘ସମ୍ପର୍କ’ ତରଫରୁ ଔଷଧୀୟ ଚାରାରୋପଣ

ପୁରୀ,(ନିପ୍ର): ୮୦ତମ ସ୍ୱାଧୀନତା ଦିବସ ଅବସରରେ ‘ସମ୍ପର୍କ’ ପକ୍ଷରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଏକ ଔଷଧୀୟ ବୃକ୍ଷରୋପଣ ଶିବିର ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ ଯୋଗ ଦେଇଥିଲେ । ଏହି ଅବସରରେ ପୁରୀ ଜିଲ୍ଲା ବ୍ରାହ୍ମଣ ଆଳନ୍ଦିଆ ଗ୍ରାମର ପ୍ରସିଦ୍ଧ ଆଳନ୍ଦିଆ ଗାମୁଛା ପ୍ରଦାନପୂର୍ବକ ତାଙ୍କୁ ସମ୍ମାନିତ କରାଯାଇଥିଲା । ଅନ୍ୟପକ୍ଷରେ, ଔଷଧୀୟ ବୃକ୍ଷରୋପଣ ଓ ଆଳନ୍ଦିଆ ଗାମୁଛାର ସମ୍ମିଳନ ପ୍ରକୃତି ଓ ପରମ୍ପରାର ସୁରକ୍ଷାର ଏକ ସୁନ୍ଦର ବାର୍ତ୍ତା ଏଠାରେ ବହନ କରିଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହ, ଉପନିର୍ଦ୍ଦେଶକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ସନ୍ତୋଷ କୁମାର ସେଠୀ, ଉପନିର୍ଦ୍ଦେଶକ ଉଦ୍ୟାନ କୃଷି ସମ୍ବିତ୍ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲାପାଳ ନୀଳ ମାଧବ ଭୋଇ ଓ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟର ଅଧକ୍ଷ ଡା. ବିପିନି ବିହାରୀ ଖୁଣ୍ଟିଆ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ,ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସରକାରୀ ଅଧିବକ୍ତା ଦିଗ ଦର୍ଶନ ପଟ୍ଟନାୟକ, କମଳେଶ ପ୍ରଧାନ, ଟି. ବାନାମ୍ବର ପାତ୍ର,ପଦ୍ମନାଭ ପଣ୍ଡା ଓ ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଔଷଧୀୟ ବୃକ୍ଷରୋପଣ କରିଥିଲେ ।

## ୧୧ ବର୍ଷ ପରେ ବି ଅଧାରେ ଅଟକିଛି ଶ୍ରୀନୀଳମାଧବ ମନ୍ଦିର କାର୍ଯ୍ୟାଳୟ ଗୃହ



କଣ୍ଟିଲୋ,(ନି.ପ୍ର): ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ତଥା ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଗଣିତ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋ ଅଞ୍ଚଳର ସାମଗ୍ରିକ ଦିଗରେ ରାଜ୍ୟ ସରକାର, ପର୍ଯ୍ୟଟନ ବିଭାଗ, ଦେବୋତ୍ତର ବିଭାଗ,ଜିଲ୍ଲାପ୍ରଶାସନ ଓ ସର୍ବୋପରି ସ୍ଥାନୀୟ ଲୋକ ପ୍ରତିନିଧିମାନେ ଯେତିକି ଧ୍ୟାନ ଦେବା କଥା ସେତିକି ଦେଉ ନଥିବା ଅଭିଯୋଗ ହେଉଛି । ଫଳରେ ମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ପରି ଏକାଧିକ ଉନ୍ନୟନମୂଳକ କାର୍ଯ୍ୟ ବର୍ଷ ବର୍ଷ ଧରି ଅଧାରେ ଅଟକିଥିବା ଜଣାପଡିଛି । ଦୀର୍ଘ ୧୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ହେଁ ଶ୍ରୀନୀଳମାଧବ ଜୀଉଙ୍କ ମନ୍ଦିର କାର୍ଯ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ଶେଷ ନହୋଇ ଅଧାରେ ଅଟକି ଥିବା ପରିଲକ୍ଷିତ ହେଉଛି । ତେବେ ଆଉ କେତେ ବର୍ଷ ପରେ ମନ୍ଦିର କାର୍ଯ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହେବ ସେ ନେଇ ଅନିଶ୍ଚିତତା ଦେଖା ଦେଇଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି । ଉକ୍ତ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ୪୨ ଲକ୍ଷ ୬୭ ହଜାର ଟଙ୍କା ତତ୍କାଳୀନ ରାଜ୍ୟ ସରକାର ମଞ୍ଜୁର କରିବା ପରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ମାତ୍ର ପ୍ରଶାସନିକ ସ୍ଥାଣୁତା ଯୋଗୁଁ କାର୍ଯ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ଏବେ ଅଧାରେ ଅଟକିଥିବା ଜଣାପଡିଛି । ନୟାଗଡ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସମୟରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଗଣ, ମାଳ ମାଳ ମନ୍ତ୍ରୀ ଓ ବିଧାୟକ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ରକୁ ପରିଦର୍ଶନରେ ଆସୁଥିଲେ ହେଁ ମନ୍ଦିର ପାର୍ଶ୍ୱରେ ଅଧାପନ୍ତରିଆ ଅବସ୍ଥାରେ ଦଣ୍ଡାୟମାନ ଏହି କାର୍ଯ୍ୟାଳୟ ଗୃହ ପ୍ରତି କେହି ହେଲେ ଧ୍ୟାନ ନଦେବା ଦୁଃଖର ବିଷୟ ବୋଲି ଅଞ୍ଚଳବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି । ତେବେ ବିଳମ୍ବରେ ହେଉ ପଛେ ଅଧାରେ ଅଟକିଥିବା ଉକ୍ତ କାର୍ଯ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ତୁରନ୍ତ ପୂର୍ଣ୍ଣାଙ୍ଗ କରିବା ଦିଗରେ ଖଣ୍ଡପଡ଼ା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ,ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ନୟାଗଡ ଜିଲ୍ଲାପାଳ,ଖଣ୍ଡପଡ଼ା ବିଧାୟକ ଓ କଟକ ଲୋକସଭା ସାଂସଦ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଓ କଣ୍ଟିଲୋ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

## ବାଙ୍କୀ-ଡମପଡା ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବାଙ୍କୀ, (ନିପ୍ର): ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୁଲ୍ୟରେ ବାଙ୍କୀ - ଡମପଡା ବ୍ଲକ ପରିସରରେ ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷ ପ୍ରଣବ କିଶୋର ପଟେଲ ଶିବିରକୁ ଉଦ୍‌ଘାଟନ କରି ଭିନ୍ନକ୍ଷମମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସହିତ ସବୁପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ଶିବିରର ଉଦେଶ୍ୟ ବୋଲି କହିଥିଲେ । ଶିବିରରେ ବାଙ୍କୀ ଡମପଡା ବ୍ଲକ ସମେତ ବାଙ୍କୀ ବ୍ଲକ୍ ଓ ଏନ୍.ଏ.ସି ର ବିଭିନ୍ନ ଅଞ୍ଚଳରୁ ୩୩୦ ଜଣ ଭିନ୍ନକ୍ଷମ ବ୍ୟକ୍ତି ନାମ ପଞ୍ଜିକୃତ କରିଥିଲେ । ସେଥି ମଧ୍ୟରୁ ୨୬୮ ଜଣଙ୍କୁ ବିଶେଷଜ୍ଞମାନଙ୍କ ଦ୍ୱାରା ପରୀକ୍ଷା କରାଯାଇ ଶ୍ରବଣ ସମସ୍ୟାରେ ୩୪ ଜଣ, ଅସ୍ଥି ଶଲ୍ୟ ୧୦୫ ଜଣ,ମାନସିକ ବିକାରଗ୍ରସ୍ତ ୪୪ ଜଣ, ସ୍ନାୟୁଗତ ଭିନ୍ନକ୍ଷମ ୪୯ ଦୃଷ୍ଟି ବାଧକରେ ୩୬ ଜଣଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କ ମଧ୍ୟରୁ ବସ୍ ପାସ ୧୨ ଜଣଙ୍କୁ, ଆଶାବାଡି ୦୭ ଜଣଙ୍କୁ, ଟ୍ରାଇ ସାଇକେଲ ୦୩ ଜଣଙ୍କୁ, ହୁଇଲି ଚେୟାର ୦୪ ଜଣଙ୍କୁ ଓ ଅନ୍ୟାନ୍ୟ ଭିନ୍ନକ୍ଷମ ଉପକରଣ ମାନପ୍ରଦାନ କରାଯାଇଛି । ଏହି ଶିବିରରେ ବିଭିନ୍ନ ଷ୍ଟଲ ଖୋଲାଯାଇ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରାଯାଇ ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିଲା ।

## ଚାଷୀ ଓ ବୈଜ୍ଞାନିକଙ୍କ ଭାବ ବିନିମୟ କାର୍ଯ୍ୟକ୍ରମ


ସୋନପୁର,(ନିପ୍ର): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ଆତ୍ମା ତଥା କଳାହାଣ୍ଡି ପି.ଡି ଆତ୍ମା ପକ୍ଷରୁ ୨୫ ଜଣ ଅଗ୍ରଣୀ ଚାଷୀଙ୍କୁ ନେଇ ସୁବର୍ଣ୍ଣପୁର ଜିଲ୍ଲାର କୃଷି ବିଜ୍ଞାନ ସଭା ଗୃହ ଠାରେ ଦୁଇ ଦିନିଆ ଚାଷୀ ଓ ବୈଜ୍ଞାନିକ ଭାବ ବିନିମୟ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଏହାକୁ ଉଦ୍ଘାଟନ କରି ଚାଷୀମାନଙ୍କ ବିଭିନ୍ନ ଚାଷ ସମ୍ପର୍କରେ ଆଲୋଚନା କରିବା ସହ ପରିସ୍ଥିତିର ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ । ଏଥିରେ ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ବିଶ୍ୱ ରଞ୍ଜନ ପଟ୍ଟନାୟକ, ବୈଜ୍ଞାନିକ (ଫସଲ ସଂରକ୍ଷଣ) ତ୍ରିନାଥ ଖଣ୍ଡାଇତରାୟ ବୈଜ୍ଞାନିକ( କ୍ଷେତ୍ର ବିଜ୍ଞାନ) ସତ୍ୟବ୍ରତ ମଙ୍ଗରାଜ ବୈଜ୍ଞାନିକ (କୃଷି




ସମ୍ପ୍ରସାରଣ) ସୁପ୍ରଭା ସେଠ, ବୈଜ୍ଞାନିକ (ଗୃହ ବିଜ୍ଞାନ) ଲୋପା ମୁଦ୍ରା ରାୟ ପ୍ରମୁଖ ଯୋଗ ଦେଇ ଜୈବିକ ଖତ ପ୍ରସ୍ତୁତି ଓ ପ୍ରୟୋଗ,ଛତୁ ଚାଷ ପ୍ରଣାଳୀ,ଜିଆ ଖତ ପ୍ରସ୍ତୁତ, ବତକ ଚାଷ,ମାଛ ଚାଷ,ଘର ଅଗଣା ରେ ପନିପରିବା ଚାଷ, ଖରାଟିଆ ଚାଷ, ରୋଗ ପୋକ ନିୟନ୍ତ୍ରଣ, ବିଭିନ୍ନ ଧାନ ବିହନ, ମାଟି ପରୀକ୍ଷାର ଅବଶ୍ୟକ ତଥା ଉନ୍ନତମାନର ଜ୍ଞାନ କୌଶଳ ବ୍ୟବହାର କରିବାର ପଦ୍ଧତିଗୁଡିକ ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ କର୍ଲାମୁଣ୍ଡା ଆତ୍ମା ଅଧକ୍ଷ ଗୌର କିଶୋର ରଣା, ଆତ୍ମା କମିଟି ସଭ୍ୟ ପ୍ରଦୀପ କୁମାର ସାହୁ,ଯୁବ ଚାଷୀ ମହେନ୍ଦ୍ର ରଣା, ନନ୍ଦି କିଶୋର ଭୋଇ, ବନ ମାଳି ସାହୁ, ପ୍ରମୋଦ ସାହୁ, ଭୂପିନ୍ଦର ଚୌଧୁରୀ, ଟିକେଧର ରଣା, ଆନନ୍ଦ ସାହୁ, ଜୈବିକ ଚାଷୀ ବଳ ଦେବ ଭୋଇ,ଏଟିଏମ୍ ଶ୍ୟାମ ପଦ ଭଞ୍ଜ, ମିଳନ କୁମାର ଗୋଚ୍ଛାୟତ, ଗ୍ରାମ୍ୟ କୃଷି କର୍ମୀ ଲୋକ ନାଥ ନାଗ, ମୃତ୍ତିକା ସଂରକ୍ଷଣ ବିଭାଗ ସହାୟକ ବିଜୟ ମିଶ୍ର ଅଂଶ ଗ୍ରହଣ କରିଥିଲେ ।

## ନାବାଳକ ଠାରେ ଥାଲାସେମିୟା: ଅର୍ଥ ସାଜିଛି ବାଧକ

କୃଷ୍ଣପ୍ରସାଦ,(ନିପ୍ର): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅଣୁଆ ଗ୍ରାମର ଅକ୍ଷୟ କୁମାର ଜେନାଙ୍କ ଏକ ମାତ୍ର ପୁତ୍ର ଆୟୁଷ କୁମାର ଜେନା । ଯାହାଙ୍କ ବୟସ ମାତ୍ର ୮ ବର୍ଷ । ୧ ବର୍ଷ ରୁ ସେ ଥାଲାସେମିୟା ରୋଗରେ ପୀଡିତ ଅଛନ୍ତି । ଡାକ୍ତର କୁହନ୍ତି ତାଙ୍କୁ ଥାଲାସେମିୟା ବୋନମ୍ୟାରୋ ରୋଗ ହୋଇଛି । ଏକମାତ୍ର ଶିଶୁକୁ ଆରୋଗ୍ୟ କରିବା ପାଇଁ ଭୁବନେଶ୍ୱରର ଓ ବେଙ୍ଗାଲୁରୁର କେତେକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରି ସେ ଥକି ପଡିଲେଣି । ଯାହା ସମ୍ବଳ ଥିଲା ସବୁ ଶେଷ ହେଲାଣି । ଏଣେ ଡାକ୍ତର କହୁଛନ୍ତି ଚିକିତ୍ସା ପାଇଁ ୪୦ ଲକ୍ଷ ଟଙ୍କା ଆବଶ୍ୟକ । ସେ ତାଙ୍କ ପରିବାର ଭାରସାମ୍ୟ ହରାଇଲେଣି । ଏବେ ପୁଅର ଚିକିତ୍ସା ପାଇଁ ଜନ ସାଧାରଣଙ୍କ ନିକଟରେ ସାହାଯ୍ୟର ହାତ ପାତୁଛନ୍ତି । ସହୃଦୟ ବ୍ୟକ୍ତି ନିଜ ସାମର୍ଥ୍ୟ ଅନୁଯାୟୀ ସାହାଯ୍ୟ କଲେ ପୁତ୍ରକୁ ଆରୋଗ୍ୟ କରିବେ । ସରକାରଙ୍କ ନିକଟରେ ନିବେଦନ କରିଛନ୍ତି ସରକାରୀ ସହାୟତା ଦେଇ ଗୋଟିଏ ଅସହାୟ ପରିବାରର ପୁତ୍ରକୁ ଆରୋଗ୍ୟ କରନ୍ତୁ ।



## ମନରେଗା ଯୋଜନାର ଜନଶୁଣାଣି




ଭାପୁର,(ନିପ୍ର): ଭାପୁର ବ୍ଲକ ସଭାଗୃହ ପରିସର ମଧ୍ୟରେ ମଙ୍ଗଳବାର ଦିନ ଶିକ୍ଷା ସମସ୍ୟା ଏବଂ ମନରେଗା ଯୋଜନାର ସାମାଜିକ ସମୀକ୍ଷା ବୈଠକ ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ,ନୟାଗଡ଼ ଜିଲ୍ଲା କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ନାୟକ, ଜିଲ୍ଲା ସାମାଜିକ ସମୀକ୍ଷକ ବିଜୟ କୁମାର ବଳିୟାରସିଂ,ବ୍ଲକ ଶିକ୍ଷା ଅଧିକାରୀ ମୋନାଲିସା ରଥ ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ବ୍ଲକର ଶିକ୍ଷା ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ସାମଗ୍ରିକ ଶିକ୍ଷା ଅଧୀନରେ ଯାଉଥିବା ୩୨ ଗୋଟି ବିଦ୍ୟାଳୟର ବିଭିନ୍ନ ସମସ୍ୟା ତଥା ବିଦ୍ୟାଳୟ ଗୃହ,ଶୌଚାଳୟ, ଖେଳପଡ଼ିଆ,ଅତିରିକ୍ତ ଶ୍ରେଣୀଗୃହ, ସୁରକ୍ଷା ପ୍ରାଚୀର, ପାନୀୟ ଜଳ ଆଦି ସମସ୍ୟା କିପରି ସମାଧାନ ହେବ ସେ ବିଷୟରେ ଆଲୋଚନା ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟର ସାମାଜିକ ବୈଠକରେ ମନରେଗା ଯୋଜନା ସମ୍ବନ୍ଧୀୟ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନ ହୋଇଥିଲା । ବିଭିନ୍ନ ପଞ୍ଚାୟତର କେସ ରେକର୍ଡ ଗଠନ ସମୟରେ ଅନିୟମିତତା ଏବଂ ସଠିକ କାଗଜ ପତ୍ର ନ ଥିବାରୁ କରବର, ଶାସନ, ଗୋଳାପୋଖରୀ, ଶାଳପଡା, କଇଁଫୁଲିଆ, ଫତେଗଡ଼,ଭାପୁର, ଭଗବାନପୁର, ବାଘୁଆପଲ୍ଲୀ ଗ୍ରାମପଞ୍ଚାୟତ ଉପରେ ଆର୍ଥିକ ଜୋରିମାନା ଆଦାୟ କରିବା ପାଇଁ ନୋଡାଲ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ ।

# ବିପଦସଙ୍କୁଳ ଚଣ୍ଡିଖୋଲ–ପାରାଦୀପ ଜାତୀୟ ରାଜପଥ

## ବାରମ୍ୱାର ଧସୁଛି ରାସ୍ତା, ଯାତାୟାତ ସୁରକ୍ଷା ନେଇ ପ୍ରଶ୍ନ

କେନ୍ଦ୍ରାପଡ଼ା (ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଦେଇ ଯାଇଥିବା ଚଣ୍ଡିଖୋଲ–ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥର ସୁରକ୍ଷାକୁ ନେଇ ଏବେ ପ୍ରଶ୍ନ ଉଠିଛି । ବିଭିନ୍ନ ସମୟରେ ରାସ୍ତା ଧସିଯିବା, ପୋଲ ଓ ରାସ୍ତାର ବିଭିନ୍ନ ଅଂଶ ଭାଙ୍ଗିଯିବା ଏବଂ ବଡ଼ ବଡ଼ ଗାତ ସୃଷ୍ଟି ହେବା ଯୋଗୁଁ ଯାତାୟାତକାରୀଙ୍କ ସୁରକ୍ଷା ନେଇ ଚିନ୍ତା ବଢ଼ିଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ରାମ ମନ୍ଦିର ପରିସରରେ ବରିଷ୍ଠ ସାମ୍ବାଦିକ ଅମରବର ବିଶ୍ୱାଳ ଓ ଯୁବ ସମାଜସେବୀ ଉମେଶ ପାଢ଼ୀଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିବା ଜଣାପଡ଼ିଛି । ରାଜପଥ ନିର୍ମାଣର ଗୁଣବତ୍ତା, ତଦାରଖ ବ୍ୟବସ୍ଥା ଏବଂ ରାସ୍ତା ବାରମ୍ବାର ଧସିବାର କାରଣକୁ ନେଇ ସେମାନେ ପ୍ରଶ୍ନ ଉଠାଇବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । ସୂଚନା ଅନୁସାରେ, କିଛି ମାସ ପୂର୍ବରୁ ଗ୍ୟାସୁନ୍ଦରପୁର ନିକଟରେ ଜାତୀୟ ରାଜପଥର ଓଭରବ୍ରିଜ୍‌ର ଏକ ବଡ଼ ଅଂଶ ଧସିଯିବା ଘଟଣା ସାମ୍ନାକୁ ଆସିଥିଲା । ଏହାପରେ ଅଗଷ୍ଟ ୧୫ ତାରିଖରେ ମାର୍ଶାଘାଇ ନିକଟ ନୀଳାଞ୍ଚଳ ବଜାର ନିକଟରେ ୫୩ ନମ୍ବର ଜାତୀୟ ରାଜପଥର ପ୍ରାୟ ୧୦୦ ଫୁଟ୍ ଅଂଶ ଧସିଯାଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ତିନୋଟି ଖାଲି ଟ୍ରକ୍ ରାସ୍ତାରୁ ବିଲ ମଧ୍ୟକୁ ଖସି ଓଲଟି ପଡ଼ିଥିବା ମଧ୍ୟ କୁହାଯାଇଛି । ବାରମ୍ବାର ରାସ୍ତା ଧସିବା ଓ ଭାଙ୍ଗିବା ଘଟଣାକୁ ନେଇ ରାଜପଥର ନିର୍ମାଣ ମାନ ଏବଂ ରକ୍ଷଣାବେକ୍ଷଣ ବ୍ୟବସ୍ଥା ଉପରେ ଅଭିଯୋଗକାରୀମାନେ ପ୍ରଶ୍ନ ଉଠାଇଛନ୍ତି । ଚଣ୍ଡିଖୋଲ–ପାରାଦୀପ ରାସ୍ତାକୁ ୮ ଲେନ୍‌ରେ ପରିଣତ କରିବା ପ୍ରକଳ୍ପରେ ନିର୍ମାଣ କାର୍ଯ୍ୟର ତଦାରଖ ଓ ଗୁଣବତ୍ତା ଯାଞ୍ଚ ପାଇଁ ଡିଏନ୍ କନସଲଟାଣ୍ଟ ନାମକ ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ଦାବି କରାଯାଇଛି । ତେବେ ରାସ୍ତା ନିର୍ମାଣରେ ତ୍ରୁଟି କିମ୍ବା ତଦାରଖରେ ଅବହେଳା ହୋଇଛି କି ନାହିଁ, ତାହା ତଦନ୍ତ ହେବା ଆବଶ୍ୟକ ବୋଲି ସାମ୍ବାଦିକ ସମ୍ମିଳନୀରେ ଦାବି ହୋଇଛି । ଡିଏନ୍ କନସଲଟାଣ୍ଟର ଭୂମିକା ଏବଂ ଏହା ସହ ଜଡ଼ିତ ବିଭିନ୍ନ ଅଭିଯୋଗର ମଧ୍ୟ ନିରପେକ୍ଷ ଯାଞ୍ଚ ଦାବି କରାଯାଇଛି । ଏସବୁ ଅଭିଯୋଗର ସତ୍ୟତା ସ୍ୱାଧୀନ ତଦନ୍ତ ମାଧ୍ୟମରେ ସ୍ପଷ୍ଟ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି । ରାଜପଥ ନିର୍ମାଣରେ ବ୍ୟୟ ହୋଇଥିବା ସରକାରୀ ଅର୍ଥର ସଠିକ୍ ବିନିଯୋଗ ହୋଇଛି କି ନାହିଁ, ନିର୍ମାଣର ଗୁଣବତ୍ତା ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ଥିଲା କି ନାହିଁ ଏବଂ ତଦାରଖ ଦାୟିତ୍ୱରେ ଥିବା ସଂସ୍ଥା ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଇଥିଲା କି ନାହିଁ—ଏସବୁ ଦିଗରେ ତଦନ୍ତ କରିବାକୁ ଦାବି ହୋଇଛି । ଏଥିସହ ରାଜପଥରେ ଘଟିଥିବା ରାସ୍ତା ଧସିବା ଓ କ୍ଷୟକ୍ଷତିର କାରଣ ଚିହ୍ନଟ କରିବା ସହ ଯଦି ତଦନ୍ତରେ କୌଣସି ସଂସ୍ଥା, ଠିକାଦାର କିମ୍ବା ଅଧିକାରୀଙ୍କ ଅବହେଳା ପ୍ରମାଣିତ ହୁଏ, ତେବେ ନିୟମ ଅନୁଯାୟୀ କଡ଼ା ପଦକ୍ଷେପ ନେବାକୁ ଦାବି କରାଯାଇଛି ।



ତିଥି :(ସପ୍ତମୀ): (ସ୍ୱାତୀ ତୁଳା)
ଅମୃତ ବେଳା: ଦିବା ଘ ୭ ।୬ ମଧ୍ୟେ ଘ୭ ।୫୫ ଗତେ

## ଆଜିର ଅନୁଚିନ୍ତନ

ମନକୁ ବଶୀଭୂତ କରିଥିବା ସାଧକଙ୍କୁ ଯୋଗପ୍ରାପ୍ତି ହୋଇପାରେ ।
- ଶ୍ରୀମଦ୍ ଭଗବଦ୍ ଗୀତା

# ରଣକୌଶଳର ଭିତ୍ତିଭୂମି

ଦେଶର ରାଜନୀତିରେ ବହୁ ସମୟରେ ଆଞ୍ଚଳିକ, ଜାତିଗତ ଓ ସାମାଜିକ ସମୀକରଣକୁ ଏକାଧିକ ପ୍ରମୁଖ ରାଜନୈତିକ ଦଳ ଗୁରୁତ୍ୱ ଦେଇଆସିଛନ୍ତି। ଏସବୁ ତତ୍ତ୍ୱକୁ ସଜାଡ଼ି ରଣକୌଶଳ ଆଧାରରେ ଆଗକୁ ବଢ଼ିଲେ ନିର୍ବାଚନ ଯୁଦ୍ଧକୁ ନିଜ ସପକ୍ଷରେ ନେବାରେ ସଫଳତା ବହୁ ସମୟରେ ପ୍ରାପ୍ତ ହୋଇଥାଏ। ସମ୍ଭବତଃ ଏପରି ବିଶ୍ୱାସ ଆଧାରରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିକଟରେ ନୂଆଟିମ୍ ଘୋଷଣା କରିଛନ୍ତି। କାରଣ ୨୦୨୭ରେ ୭ ରାଜ୍ୟର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ପୁଣି ୨୦୨୯ରେ ରହିଛି ସାଧାରଣ ନିର୍ବାଚନ। ସୁତରାଂ ବେଳହୁଁ ସତର୍କତା ଅବଲମ୍ବନ କରିବାରେ ଅସ୍ୱାଭାବିକତା ନାହିଁ। ହୁଏତ ବିଜେପି ଏହାର ନୂଆ ଟିମ୍ ସଂପ୍ରସାରଣ/ପରିବର୍ତ୍ତନ ବିଳମ୍ବିତ କରିପାରିଥାଆନ୍ତା, ମାତ୍ର ତାହା ନିକଟରେ ହେବା ପଛରେ ଯାହା ମନେହୁଏ, ଜେନ୍-ଜି ଆନ୍ଦୋଳନର ପ୍ରଭାବକୁ ଦଳ ଏଡ଼ାଇ ପାରିନାହିଁ। ଜେନ୍ -ଜିଙ୍କ ଆନ୍ଦୋଳନ ଯନ୍ତରମନ୍ତରରେ ସଫଳ ହେବା ପରେ ଖୋଦ୍ ପ୍ରଧାନମନ୍ତ୍ରୀ ମୋଦି ଇନ୍‌ଷ୍ଟାଗ୍ରାମରେ ଅଧିକ ସକ୍ରିୟ ହେବାକୁ ମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏପରି ପରାମର୍ଶ ସେ ପୂର୍ବରୁ କେବେ ଦେଇନଥିଲେ ବୋଲି କୁହାଯାଏ। ନିଜେ ସେ ଇନ୍‌ଷ୍ଟାଗ୍ରାମ୍ ଭିଡିଓ ଜାରି କରି ଜେନ୍-ଜି ଓ ଯୁବ ଗୋଷ୍ଠୀଙ୍କ ତୀବ୍ର ବିରୋଧର ମୁକାବିଲା ଦକ୍ଷତାର ସହ ସଂପନ୍ନ କରିଥିଲେ।

ଜେନ୍-ଜି ବୟସ୍କମାନେ କହିଥିବା କଥାକୁ ଆଖିବୁଜି ଗ୍ରହଣ କରନ୍ତିନାହିଁ। ବରଂ ଯୁକ୍ତିଯୁକ୍ତ ଉତ୍ତର ଖୋଜିଥାନ୍ତି। ପ୍ରତିବାଦ ଓ ଆନ୍ଦୋଳନକୁ ଭୁଲ୍ ଭାବେ ଗଣମାଧ୍ୟମରେ ନ ଦେଖାଇ ବରଂ ଏହାକୁ ଗଣତାନ୍ତ୍ରିକ ଆଲୋଚନାର ବୈଧ ମାଧ୍ୟମ ଭାବେ ଗ୍ରହଣ କରିଥାନ୍ତି। ଜେନ୍-ଜିର ଆନ୍ଦୋଳନକାରୀଙ୍କ ସଂପର୍କରେ ନିକଟ ଅତୀତରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ମୋହନ ଭାଗବତ ଏପରି ମତ ରଖିଥିଲେ। କେବଳ ସେତିକି ନୁହେଁ, କକ୍‌ରୋଚ ଜନତା ପାର୍ଟି ବା ସିଜେପିର ସଂସଦ ପଦଯାତ୍ରାବେଳେ ଆନ୍ଦୋଳନକାରୀଙ୍କ ଉପରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇ ସୁପ୍ରିମକୋର୍ଟରେ ରୁଜୁ ହୋଇଥିବା ମାମଲାର ଶୁଣାଣିରେ କୁହାଗଲା-ଶାନ୍ତିପୂର୍ଣ୍ଣ ଓ ଆଇନଗତ ପ୍ରତିବାଦ ଭାରତୀୟ ନାଗରିକଙ୍କ ଏକ ସାମ୍ବିଧାନିକ ଅଧିକାର। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବାରେ ସମସ୍ତଙ୍କ ଅଧିକାର ରହିଛି। ବିକ୍ଷୋଭ ପ୍ରଦର୍ଶନ ପାଇଁ ଉପଯୁକ୍ତ ସ୍ଥାନ ଯୋଗାଇ ଦିଆଯିବା ଉଚିତ ଏବଂ ଅନାବଶ୍ୟକ କଟକଣା ଲଗାଯିବା ଅନୁଚିତ। ଯଦି କୌଣସି ପ୍ରତିବାଦ ଶାନ୍ତିପୂର୍ଣ୍ଣ ତଥା ଆଇନସମ୍ମତ ଭାବରେ ହେଉଛି ତେବେ ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଠିକ୍ ନୁହେଁ। ଛାତ୍ର ଆନ୍ଦୋଳନ ସମୟରେ ପୋଲିସର ପେଲେଟଗନ୍ ବ୍ୟବହାରରେ ଅନ୍ୟୁନ ୫ ଜଣ ଆହତ ହୋଇଥିବା ଅଭିଯୋଗ ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କ ଠାରୁ ଜବାବ ଲୋଡ଼ିଥିଲେ ହେଁ ପେଲେଟଗନ୍ ବ୍ୟବହାର ସଂକ୍ରାନ୍ତରେ ମାର୍ଗଦର୍ଶିକା ଜଣାଅ। ଏପରି ମର୍ମରେ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଜବାବ ଲୋଡ଼ିବାବେଳେ କହିଥିଲେ ପେଲେଟଗନ୍ ବ୍ୟବହାରକୁ ସଂପୂର୍ଣ୍ଣ ନିଷେଧ କରାଯାଇପାରିବନାହିଁ। ଯେବେ ବିକ୍ଷୋଭକୁ ହିଂସ୍ର ରୂପ ଦେବା ପାଇଁ ଅସାମାଜିକ ତତ୍ତ୍ୱମାନେ ଅପପ୍ରୟାସ ଚଳାନ୍ତି ସେତେବେଳେ ସୁରକ୍ଷା କର୍ମୀଙ୍କ ପକ୍ଷେ ପେଲେଟଗନ୍ ବ୍ୟବହାର ବ୍ୟତୀତ ଅନ୍ୟ ପନ୍ଥା ନାହିଁ। ଏସବୁ ଦର୍ଶାଇବାର ଅର୍ଥ ନିକଟରେ ଜେନ୍-ଜିଙ୍କ ଆନ୍ଦୋଳନ ପରିପ୍ରେକ୍ଷୀରେ ଏସବୁ ଟିପ୍ପଣୀ ବହୁ ଗୁରୁତ୍ୱ ରଖେ। ଆଗାମୀ ନିର୍ବାଚନରେ ଏହି ପିଢ଼ି ବେଶ୍ ସତର୍କ ହେବେ। ସୁତରାଂ ବିଜେପିର ନୂଆ ଟିମ୍‌ରେ କିଛି ନୂଆ ମୁହଁକୁ ସାମିଲ କରାଯାଇଛି। ଯେଉଁମାନେ କି ଯୁବଗୋଷ୍ଠୀଙ୍କୁ ପ୍ରଭାବିତ କରିବାରେ ସମର୍ଥ ହୋଇପାରିବେ, ସମ୍ଭବତଃ ଏପରି ବିଶ୍ୱାସ ରଖାଯାଇଛି। ଏହି ଟିମ୍‌ରେ ୪୦ ପ୍ରତିଶତ ସଦସ୍ୟ ପଛୁଆ ବର୍ଗରୁ ଆସୁଥିବାରୁ ବିଜେପିର ରଣକୌଶଳ ଆଧାର ଆଗାମୀ ଦିନରେ ଅଧିକ ଶାଣିତ ହେବ, ଅନ୍ତତଃପକ୍ଷେ ଏପରି ଅନୁମାନ କରିହେଉଛି।

# ପ୍ରଗତିର ସପ୍ତସ୍ରୋତ : ସପ୍ତଧାରା ଯୋଜନା

**‘ସପ୍ତଧାରା ଯୋଜନା’ କେବଳ କିଛି ଆର୍ଥିକ ସଂସ୍କାରର ସମାହାର ନୁହେଁ, ବରଂ ଆତ୍ମନିର୍ଭରଶୀଳ ଭାରତ ଗଠନର ଏହା ଏକ ମହାମନ୍ତ୍ର। ଯୋଜନାର ସାତଟି ସ୍ରୋତକୁ ସଠିକ୍ ଭାବେ ପରିଚାଳିତ କଲେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର ରୂପେ ଗଢ଼ିତୋଳିବାର ସ୍ୱପ୍ନ ସାକାର ହେବ। ଏହି ଯୋଜନା ଦେଶର ପ୍ରତ୍ୟେକ ନାଗରିକକୁ ବିକାଶ ପ୍ରକ୍ରିୟାରେ ଭାଗିଦାରୀ ହେବାର ପ୍ରେରଣା ପ୍ରଦାନ କରୁଛି।**

**ଭାରତ ବର୍ତ୍ତମାନ ବିଶ୍ୱର ସବୁଠାରୁ ବଡ଼ ଯୁବ ଦେଶ। ସପ୍ତଧାରା ଯୋଜନା ଯୁବଶକ୍ତିର ଦକ୍ଷତା ବିକାଶ ଓ ବିନିଯୋଗ ଉପରେ ଗୁରୁତ୍ୱାରୋପ କରେ। ଟେକ୍ନୋଲୋଜି, ଉତ୍ପାଦନ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ସଂସ୍କାର ଆସିଲେ କୋଟି କୋଟି ଯୁବକଯୁବତୀଙ୍କ ପାଇଁ ନୂତନ ତଥା ଉଚ୍ଚମାନର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଦେଶର ବେକାରି ସମସ୍ୟା ଦୂର କରିବାରେ ଏହା ବହୁତ ବଡ଼ ଭୂମିକା ନିର୍ବାହ କରିବ।**

## ଡ. ପ୍ରମୋଦ କୁମାର ପଣ୍ଡା

ଦେଶର ଅଶୀତମ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଐତିହାସିକ ଲାଲକିଲ୍ଲା ପ୍ରାଚୀରରୁ ଦେଶବାସୀଙ୍କୁ ଏକ ନୂତନ ସଂକଳ୍ପ, ‘ସପ୍ତଧାରା ଯୋଜନା’ ସହ ଯୋଡ଼ିଛନ୍ତି। ଏହା କେବଳ ଏକ ସରକାରୀ ନୀତି ନୁହେଁ, ବରଂ ଆଗାମୀ ପାଞ୍ଚରୁ ସାତ ବର୍ଷ ମଧ୍ୟରେ ଦେଶକୁ ବିଶ୍ୱର ଏକ ଅଗ୍ରଣୀ ଅର୍ଥନୀତି ତଥା ସମୃଦ୍ଧ ରାଷ୍ଟ୍ରରେ ପରିଣତ କରିବାକୁ ଏକ ଦୂରଦୃଷ୍ଟି ସମ୍ପନ୍ନ ରଣନୀତି। ଶକ୍ତିର ସପ୍ତଧାରା ମାଧ୍ୟମରେ ଦେଶର ଯୁବଶକ୍ତି ଏବଂ ସମ୍ବଳକୁ ସଠିକ୍ ଦିଗଦର୍ଶନ ପ୍ରଦାନ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ଯାହା ‘ବିକଶିତ ଭାରତ ୨୦୪୭’ ର ମୂଳଦୁଆକୁ ଅଧିକ ମଜଭୁତ କରିବ। ସାତଟି ପ୍ରମୁଖ କ୍ଷେତ୍ର ଉପରେ ଆଧାରିତ ଏହି ଯୋଜନା ପ୍ରଗତିର ନୂଆ ଦିଗ୍‌ବଳୟ ସୃଷ୍ଟି କରିବ। ଦେଶର ସର୍ବାଙ୍ଗୀନ ବିକାଶରେ ସହାୟକ ହେବ।

ଏହି ଯୋଜନା ମାଧ୍ୟମରେ ଭାରତର ଉତ୍ପାଦନ କ୍ଷମତା ବୃଦ୍ଧି କରିବାର ବିଶେଷ ଲକ୍ଷ୍ୟ ରହିଛି। ଭାରତକୁ ବିଶ୍ୱର ସପ୍ଲାଇ ଚେନ୍‌ର ପ୍ରମୁଖ କେନ୍ଦ୍ର କରିବା ଓ ପ୍ରତ୍ୟେକ ଛୋଟରୁ ବଡ଼ ସାମଗ୍ରୀ ଦେଶରେ ଉତ୍ପାଦନ କରିବା ଏହି ଯୋଜନାର ପ୍ରଥମ ସ୍ତମ୍ଭ ଅଟେ। ଏହି ଧାରା ଅଧୀନରେ କେବଳ ସାଧାରଣ ସାମଗ୍ରୀ ନୁହେଁ, ବରଂ ଯନ୍ତ୍ରପାତିର ଛୋଟ ପାର୍ଟସରୁ ଆରମ୍ଭ କରି ବଡ଼ବଡ଼ ସାମଗ୍ରୀ ସବୁକିଛି ଭାରତରେ ତିଆରି କରାଯିବ। ଫଳରେ ବିଶ୍ୱର ସପ୍ଲାଇ ଚେନ୍‌ରେ ଭାରତର ନିର୍ଭରଯୋଗ୍ୟତା ବଢ଼ିବ ଓ ଦେଶରେ ଲକ୍ଷ ଲକ୍ଷ ନୂତନ ରୋଜଗାର ସୃଷ୍ଟି ହେବ।

ଚାଷର ଆଧୁନିକୀକରଣ ସହିତ ପାରମ୍ପରିକ ଉତ୍ପାଦ ଯଥା: ମାଣ୍ଡିଆ ଏବଂ ମସଲାକୁ ବିଶ୍ୱ ବଜାରରେ ପହଞ୍ଚାଇବା ଏହାର ଦ୍ୱିତୀୟ ସ୍ତମ୍ଭ। କୃଷି ଓ ଖାଦ୍ୟ ପ୍ରସଂସ୍କରଣ ଶକ୍ତି ମାଧ୍ୟମରେ ଦେଶର ଚାଷୀମାନଙ୍କୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସହ ଯୋଡ଼ାଯିବ ଓ ଖାଦ୍ୟ ପ୍ରସଂସ୍କରଣର ବ୍ୟାପକ ବିସ୍ତାର କରାଯିବ। ମାଣ୍ଡିଆ, ମସଲା ଓ ଅନ୍ୟାନ୍ୟ ପାରମ୍ପରିକ କୃଷିଜାତ ଦ୍ରବ୍ୟ ବିଶ୍ୱ ବଜାରରେ ପହଞ୍ଚାଇବା ଦ୍ୱାରା କୃଷକମାନଙ୍କ ଆୟ ବୃଦ୍ଧି ସହ ଖାଦ୍ୟ ନଷ୍ଟ ହେବା ସମସ୍ୟା ଦୂରୀଭୂତ ହେବ।

ପ୍ରଯୁକ୍ତିବିଦ୍ୟା ଏବଂ ନବୋନ୍ମେଷ ଏହି ଯୋଜନାର ତୃତୀୟ ସ୍ତମ୍ଭ ଅଟେ। କୃତ୍ରିମ ବୁଦ୍ଧିମତ୍ତା, କ୍ୱାଣ୍ଟମ୍ ଟେକ୍ନୋଲୋଜି, ସ୍ପେସ୍ ଏବଂ ରୋବୋଟିକ୍ସ କ୍ଷେତ୍ରରେ ଭାରତ ବିଶ୍ୱର ନେତୃତ୍ୱ ନେବ। ଫଳତଃ, ଦେଶର ଯୁବପିଢ଼ିଙ୍କ ନୂତନ ଚିନ୍ତାଧାରା ଓ ଷ୍ଟାର୍ଟଅପ୍‌କୁ ବଡ଼ ପ୍ରୋତ୍ସାହନ ମିଳିବ।

ହାଇ-ସ୍ପିଡ୍ ଟ୍ରେନ୍, ବିଶ୍ୱସ୍ତରୀୟ ଏୟାରପୋର୍ଟ ଏବଂ ବନ୍ଦର ବିକାଶ କରି ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏହି ଯୋଜନାର ଚତୁର୍ଥ ସ୍ତମ୍ଭ। ଭୌତିକ ଭିତ୍ତିଭୂମିର ଆଧୁନିକୀକରଣ ଦ୍ୱାରା ଯାତାୟାତ ସହଜ ହେବ। ବ୍ୟାବସାୟିକ ସାମଗ୍ରୀ କମ୍ ସମୟରେ ଓ କମ୍ ଖର୍ଚ୍ଚରେ ଦେଶର କୋଣ ଅନୁକୋଣକୁ ପଠାଯାଇପାରିବ।

ସୁରକ୍ଷା କ୍ଷେତ୍ରରେ ଭାରତକୁ ସମ୍ପୂର୍ଣ୍ଣ ଆତ୍ମନିର୍ଭର କରିବା ଏହି ବିନ୍ଦୁର ମୁଖ୍ୟ ଉଦ୍ଦେଶ୍ୟ। ଭାରତୀୟ ସେନା ପାଇଁ ଆବଶ୍ୟକ ପଡୁଥିବା ଅସ୍ତ୍ରଶସ୍ତ୍ର, ଯୁଦ୍ଧବିମାନ ଏବଂ ଅନ୍ୟାନ୍ୟ ପ୍ରତିରକ୍ଷା ଉପକରଣ ବିଦେଶରୁ ଆଣିବା ପରିବର୍ତ୍ତେ ଦେଶ ଭିତରେ ପ୍ରସ୍ତୁତ କରାଯିବ। ଭାରତର ସୁରକ୍ଷା ବ୍ୟବସ୍ଥା ଅଧିକ ଶକ୍ତିଶାଳୀ ହେବା ସହିତ ପ୍ରତିରକ୍ଷା ରପ୍ତାନିରେ ମଧ୍ୟ ବୃଦ୍ଧି ଘଟିବ। ଏହା ସପ୍ତଧାରା ଯୋଜନାର ପଞ୍ଚମ ସ୍ତମ୍ଭ।

ସବୁଜ ଏବଂ ନୀଳ ଅର୍ଥନୀତିର ସମୃଦ୍ଧି ଗ୍ରୀନ୍ ହାଇଡ୍ରୋଜେନ୍, ସୌର ଶକ୍ତି ଏବଂ ସାମୁଦ୍ରିକ ସମ୍ବଳର ସଦୁପଯୋଗ ଦ୍ୱାରା ସମ୍ଭବପର। ଏହି ବିକାଶ ପରିବେଶ-ଅନୁକୂଳ କରିବା ଷଷ୍ଠ ସ୍ତମ୍ଭର ଉଦ୍ଦେଶ୍ୟ। ହରିତ ହାଇଡ୍ରୋଜେନ୍ ଓ ସୌର ଶକ୍ତି ଭଳି ଅକ୍ଷୟ ଶକ୍ତିର ବୃଦ୍ଧି ପ୍ରଦୂଷଣ ହ୍ରାସ କରିବ। ଭାରତର ବିଶାଳ ସମୁଦ୍ର ଉପକୂଳ ବ୍ୟବହାର କରି ମତ୍ସ୍ୟ ଚାଷ ଓ ସାମୁଦ୍ରିକ ବ୍ୟବସାୟକୁ ମଧ୍ୟ ସମୃଦ୍ଧ କରାଯାଇପାରିବ।

ଭାରତୀୟ ପ୍ରାଚୀନ ସଂସ୍କୃତି, ଜ୍ଞାନ ଏବଂ ପରମ୍ପରା ମାଧ୍ୟମରେ ବିଶ୍ୱ ଦରବାରରେ ଦେଶର ପରିଆରା ବୃଦ୍ଧି କରିବା ସପ୍ତଧାରା ଯୋଜନାର ସପ୍ତମ ତଥା ଅନ୍ତିମ ଲକ୍ଷ୍ୟ। ଯୋଗ, ଆୟୁର୍ବେଦ, ଭାରତୀୟ ସାହିତ୍ୟ ଏବଂ ଆଧ୍ୟାତ୍ମିକ ଚିନ୍ତାଧାରାକୁ ସମଗ୍ର ବିଶ୍ୱରେ ଆହୁରି ବ୍ୟାପକ ଭାବେ ପ୍ରସାରିତ କରାଯିବ ଯଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ଭାରତର ପ୍ରଭାବ ଏବଂ ସାଂସ୍କୃତିକ ପରିଚୟ ଅଧିକ ସୁଦୃଢ଼ ହେବ।

‘ସପ୍ତଧାରା ଯୋଜନା’ କେବଳ କିଛି ଆର୍ଥିକ ସଂସ୍କାରର ସମାହାର ନୁହେଁ, ବରଂ ଆତ୍ମନିର୍ଭରଶୀଳ ଭାରତ ଗଠନର ଏହା ଏକ ମହାମନ୍ତ୍ର। ଯୋଜନାର ସାତଟି ସ୍ରୋତକୁ ସଠିକ୍ ଭାବେ ପରିଚାଳିତ କଲେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର ରୂପେ ଗଢ଼ିତୋଳିବାର ସ୍ୱପ୍ନ ସାକାର ହେବ। ଏହି ଯୋଜନା ଦେଶର ପ୍ରତ୍ୟେକ ନାଗରିକକୁ ବିକାଶ ପ୍ରକ୍ରିୟାରେ ଭାଗିଦାରୀ ହେବାର ପ୍ରେରଣା ପ୍ରଦାନ କରୁଛି।



ଭାରତ ବର୍ତ୍ତମାନ ବିଶ୍ୱର ସବୁଠାରୁ ଯୁବ ଦେଶ। ସପ୍ତଧାରା ଯୋଜନା ଯୁବଶକ୍ତିର ଦକ୍ଷତା ବିକାଶ ଓ ବିନିଯୋଗ ଉପରେ ଗୁରୁତ୍ୱାରୋପ କରେ। ଟେକ୍ନୋଲୋଜି, ଉତ୍ପାଦନ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ସଂସ୍କାର ଆସିଲେ କୋଟି କୋଟି ଯୁବକଯୁବତୀଙ୍କ ପାଇଁ ନୂତନ ତଥା ଉଚ୍ଚମାନର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଦେଶର ବେକାରି ସମସ୍ୟା ଦୂର କରିବାରେ ଏହା ବହୁତ ବଡ଼ ଭୂମିକା ନିର୍ବାହ କରିବ।

ଯେକୌଣସି ବଡ଼ ଯୋଜନା ଭଳି ସପ୍ତଧାରା ଯୋଜନା ସମ୍ମୁଖରେ ମଧ୍ୟ କିଛି ଆହ୍ୱାନ ରହିବା ଅସ୍ୱାଭାବିକ ନୁହେଁ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି ନୀତିର ସଠିକ କାର୍ଯ୍ୟାନ୍ୱୟନ, ଗ୍ରାମୀଣ କ୍ଷେତ୍ର ପର୍ଯ୍ୟନ୍ତ ଟେକ୍ନୋଲୋଜି ଏବଂ ଭିତ୍ତିଭୂମି ପହଞ୍ଚାଇ ସବଳ ମୂଳଦୁଆ ସ୍ଥାପନ ଏବଂ ବୃହତ ପ୍ରକଳ୍ପଗୁଡ଼ିକ ପାଇଁ ଘରୋଇ ଓ ବିଦେଶୀ ପୁଞ୍ଜି ନିବେଶକୁ ଆକର୍ଷଣ ଦ୍ୱାରା ସମସ୍ତ ପ୍ରକାର ଆହ୍ୱାନର ସରଳ ତଥା ସୁଦୃଢ଼ ସମାଧାନ ଖୋଜାଯାଇପାରିବ। ଶକ୍ତି ସପ୍ତଧାରା ଯୋଜନା ଦେଶକୁ ବିକାଶର ଶିଖରରେ ପହଞ୍ଚାଇପାରିବ। ଏହା ନିଃସନ୍ଦେହ। ଏହି ଅମୂଲ୍ୟ ଓ ଅଭିନ୍ନ ଶକ୍ତି ଯୋଜନାରେ ଦେଶବାସୀଙ୍କ ଶକ୍ତି ନିୟୋଜିତ ହେଲେ ଦେଶ ସଶକ୍ତ ହେବା ନିଶ୍ଚିତ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ- ୭୯୭୮୨୮୩୧୯୦

# ଉଚ୍ଚ ଶିକ୍ଷାନୁଷ୍ଠାନରେ ଆଦର୍ଶ ଆଚରଣ ବିଧି

## ବିକ୍ରମ କେଶରୀ ବିଶ୍ୱାଳ

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଉଚ୍ଚ ଶିକ୍ଷା କ୍ଷେତ୍ରକୁ ବିଶେଷ ଓ ବ୍ୟାପକ ଗୁରୁତ୍ୱ ଦେଇଛି। ଶିକ୍ଷକ ଛାତ୍ର ସମ୍ପର୍କର ପରିବର୍ତ୍ତିତ ରୂପରେଖ ଓ ସାମାଜିକ ପରିବେଶକୁ ଦୃଷ୍ଟିରେ ରଖି ଶୃଙ୍ଖଳା, ପାରସ୍ପରିକ ସମ୍ମାନ, ଶୈକ୍ଷିକ ସାଧୁତା ଓ ଶିକ୍ଷାନୁଷ୍ଠାନ ପରିସରରେ ଏକ ଅନୁକୂଳ ଶିକ୍ଷାଦାନ ପରିବେଶ ସୃଷ୍ଟି କରିବା ଉପରେ ପ୍ରାଧାନ୍ୟ ଦିଆଯାଇଛି।

ଆଜିର ବିଦ୍ୟାର୍ଥୀମାନେ ହେଉଛନ୍ତି ଦେଶର ଗୌରବ ଓ ଉଜ୍ଜ୍ୱଳତମ ସମ୍ପତ୍ତି। ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀଙ୍କ ନିୟମିତ ଉପସ୍ଥାନ ବାଧ୍ୟତାମୂଳକ ହୋଇଛି। ଯଦି କୌଣସି ଛାତ୍ରଛାତ୍ରୀ ଅନ୍ୟ କୌଣସି ଅନୁଚିତ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥାନ୍ତି ଓ ବିଦ୍ୟାଳୟ ନିମିତ୍ତ ନିର୍ଦ୍ଦେଶାବଳୀ ଉଲ୍ଲଂଘନ କରନ୍ତି ତେବେ ସେମାନଙ୍କ ବିରେଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଛାତ୍ରଛାତ୍ରୀମାନେ ନିଜ ଅନୁପସ୍ଥିତି ପାଇଁ ପୂର୍ବରୁ ସମ୍ମତିମୂଳକ ଅନୁମତି ନେବା କିମ୍ବା ଅନୁପସ୍ଥିତିରେ ଯଥୋଚିତ୍ତ କାରଣ ଦର୍ଶାଇବେ। ବିନା ଅନୁମତିରେ ଶିକ୍ଷାନୁଷ୍ଠାନରେ ପ୍ରତିବାଦ, ଆନ୍ଦୋଳନ, ହରତାଳ ଓ ସଭା ସମିତି ଉପରେ କଟକଣା ଲଗାଯାଇଛି। ବାସ୍ତବରେ ଅନେକ ଶିକ୍ଷାନୁଷ୍ଠାନର ମୂଲ୍ୟବାନ ସମୟ ବିଶେଷକରି ଛାତ୍ରଛାତ୍ରୀଙ୍କ ପାଇଁ ହିଁ ଅକାରଣରେ ନଷ୍ଟ ହୋଇଯାଏ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କ୍ୟାମ୍ପସ ପରିସରରେ ଅଶ୍ଳୀଳ ଇଙ୍ଗିତ କିମ୍ବା ଯୌନ ଉତ୍ପୀଡ଼ନ ସମ୍ପର୍କିତ କୌଣସି ଆଚରଣକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ। ଏଭଳି କୌଣସି ଘଟଣା ଘଟିଲେ ପ୍ରାଥମିକ ଭାବରେ ଏହା ସମ୍ପର୍କରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ନଜରକୁ ଅଣାଯିବ ଏବଂ କମିଟି ଦ୍ୱାରା ନିରପେକ୍ଷ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ପାଇଁ ସେମାନଙ୍କ ଶିକ୍ଷା ବର୍ଷଟି ଯେତିକି ଗୁରୁତ୍ୱପୂର୍ଣ୍ଣ ସେତିକି ସ୍ମରଣୀୟ ଓ ଶିକ୍ଷଣୀୟ। ଶିକ୍ଷାବର୍ଷ ଆରମ୍ଭରେ ସମସ୍ତ ବିଭାଗ ଦ୍ୱାରା ଛାତ୍ରଛାତ୍ରୀ ପରିଚୟ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ଶୈକ୍ଷିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଆଚରଣ, ଶିଷ୍ଟାଚାର ଓ କଣ କରିବେ ଓ ନ କରିବେ ସେ ସମ୍ପର୍କରେ ସଚେତନ ହେବେ। ଶିକ୍ଷାନୁଷ୍ଠାନ ଓ ହଷ୍ଟେଲରେ ସମସ୍ତ ପ୍ରକାର ନିଶାଦ୍ରବ୍ୟ ସେବନ ସମ୍ପୂର୍ଣ୍ଣ ନିଷିଦ୍ଧ। ଗୋଷ୍ଠୀ ବିବାଦ, ଅନ୍ୟକୁ ଚିଡ଼ାଇବା, ର୍‍ୟାଗିଂ ଭଳି କାର୍ଯ୍ୟକ୍ରମ ଉପରେ କଠୋର କଟକଣା ଲାଗିଛି। ଛାତ୍ରାବାସ ଅଧୀକ୍ଷକ କିମ୍ବା କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କୌଣସି ଅଣଛାତ୍ର କ୍ୟାମ୍ପସକୁ ପ୍ରବେଶ କରିପାରିବେ ନାହିଁ। ସମସ୍ତ ଛାତ୍ରଛାତ୍ରୀ ପରିଚୟ ପତ୍ର ପିନ୍ଧିବା ବାଧ୍ୟତାମୂଳକ। ଅଧ୍ୟାପକ, ଆଧ୍ୟାପିକା ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବେ। ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର, ଧମକ ଦେବା କିମ୍ବା ଯୌନ ଉତ୍ପୀଡ଼ନ ଭଳି ଅସାମାଜିକ କାର୍ଯ୍ୟ ନେଇ ଅଭିଯୋଗ ପ୍ରମାଣିତ ହେଲେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ତ୍ୱରିତ୍ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଶିକ୍ଷା ଓ ପରିଚାଳନାଗତ ପ୍ରସଙ୍ଗର ସମାଧାନ ନିମିତ୍ତ ପ୍ରତି କ୍ୟାମ୍ପସରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବ୍ୟତୀତ, ବିବାଦ ସମାଧାନ କମିଟି ରହିବ। ସେମାନେ ସମ୍ପୂର୍ଣ୍ଣ ନିରପେକ୍ଷ ରହିବେ ଏବଂ କୌଣସି ନିର୍ଦ୍ଦିଷ୍ଟ ଛାତ୍ର ବା ଗୋଷ୍ଠୀଙ୍କ ପ୍ରତି ଏକ ପାକ୍ଷିଆ ନିଷ୍ପତ୍ତି ନେବା ଅନୁଚିତ। ପରୀକ୍ଷା ଭୟ ଆଳ ଦେଖାଇ ଛାତ୍ରଛାତ୍ରୀଙ୍କୁ ବ୍ୟବହାର କରିପାରିବେ ନାହିଁ, ସେମାନଙ୍କ ଆଚରଣ ସନ୍ଦେହର ଊର୍ଦ୍ଧ୍ୱରେ ରହିବା ଆବଶ୍ୟକ। ଯଦି କୌଣସି ବିଦ୍ୟାର୍ଥୀ ଅଧ୍ୟାପକ, ଅଧ୍ୟାପିକାଙ୍କ ବିରୋଧରେ ଅଭିଯୋଗ ରଖନ୍ତି ତେବେ ତୁରନ୍ତ ଦାୟିତ୍ୱରେ ଥିବା ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ ଏଥିପାଇଁ ଏକାଡ଼େମିକ ଛୁଟି ନେବେ ତାହା ସହିତ ନିୟମିତ ସମୟାନୁବର୍ତ୍ତୀ ରହିବେ। ଯଦି କୌଣସି ପରିସ୍ଥିତିରେ କ୍ୟାମ୍ପସରେ ଛାତ୍ର ଅଶାନ୍ତି କିମ୍ବା ମେଳି ଦେଖାଦିଏ ତେବେ ସେମାନେ ଅଧ୍ୟକ୍ଷଙ୍କୁ ଅବଗତ କରାଇବେ। କ୍ୟାମ୍ପସରେ ଶାନ୍ତି ବଜାୟ ରଖିବା ନିମିତ୍ତ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷ, ମହାବିଦ୍ୟାଳୟ ଅଧ୍ୟକ୍ଷମାନେ ପ୍ରାଥମିକତା ଦେବେ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଓ କ୍ୟାମ୍ପସର ପ୍ରତିଟି ଘଟଣା ଉପରେ ତୀକ୍ଷ୍ଣ ନଜର ରଖିବେ। କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କୌଣସି ସଭା କିମ୍ବା ସମାବେଶ କରାଯାଇପାରିବ ନାହିଁ। ସେହିପରି ଶିକ୍ଷାନୁଷ୍ଠାନ ମୁଖ୍ୟ ପ୍ରତି ମାସରେ ଅତିକମରେ ଥରେ ବିଭିନ୍ନ ବିଭାଗ ପରିଦର୍ଶନ କରି ପାଠ୍ୟ ଯୋଜନା ଓ ରେଜିଷ୍ଟର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ଅନେକ ଦୂରଦୃଷ୍ଟି ସମ୍ପନ୍ନ ଯୋଜନା, ଛାତ୍ରବୃତ୍ତି, ଶିକ୍ଷା, ପ୍ରୋତ୍ସାହନ ପ୍ରଶଂସନୀୟ। ସର୍ବଭାରତୀୟ ସ୍ତରରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶାର ଅନେକ ଶିକ୍ଷାନୁଷ୍ଠାନ ଅନେକ ମେଧାବୀଙ୍କୁ ସୃଷ୍ଟି କରିଛି।

ଯାଜପୁର, ମୋ : ୯୯୩୮୫୩୬୦୭୬

# ପ୍ରାଚୀନ ପରମ୍ପରା ଓ ଶିଶୁ ସାହିତ୍ୟ ରଚନା

**ଶିଶୁ ସାହିତ୍ୟର ମୂଳ ଆମର ପ୍ରାଚୀନ ଲୋକ ପରମ୍ପରାରେ ଦେଖିବାକୁ ମିଳେ। ଆମ ଜେଜେବାପା, ଜେଜେମା, ଆଇ ଓ ମାଆମାନେ ଶିଶୁମାନଙ୍କୁ ବିଭିନ୍ନ ଲୋକକଥା, ପୌରାଣିକ କାହାଣୀ, ନୀତିକଥା ଓ ରୂପକଥା କହୁଥିଲେ। ଏହି ମୌଖିକ ପରମ୍ପରା ଶିଶୁ ସାହିତ୍ୟର ଏକ ପ୍ରାଚୀନ ଭିତ୍ତି। ପଞ୍ଚତନ୍ତ୍ର, ହିତୋପଦେଶ, ଜାତକ କଥା ଆଦିରେ ଶିଶୁମାନଙ୍କ ଉପଯୋଗୀ ଅନେକ ନୀତିକଥା ମିଳିଥାଏ। ପଶୁପକ୍ଷୀଙ୍କୁ ଚରିତ୍ର କରି ରଚିତ କାହାଣୀ ମାଧ୍ୟମରେ ସତ୍ୟ, ନ୍ୟାୟ, ବୁଦ୍ଧି, ସାହସ ଓ ସତର୍କତା ଭଳି ଗୁଣର ଶିକ୍ଷା ଦିଆଯାଇଛି।**

## ଡ. ଅମୂଲ୍ୟ କୁମାର ପଣ୍ଡା

ଶିଶୁ ସାହିତ୍ୟ ହେଉଛି ଶିଶୁମନର ଆନନ୍ଦ, କଳ୍ପନା, ଜ୍ଞାନ ଓ ସ୍ୱପ୍ନର ଏକ ସୁନ୍ଦର ଜଗତ। ଏହା ଶିଶୁଙ୍କୁ କେବଳ ମନୋରଞ୍ଜନ ଦିଏ ନାହିଁ, ବରଂ ତାଙ୍କର ଚରିତ୍ର, ଚିନ୍ତାଧାରା, ଭାଷା, ସୃଜନଶୀଳତା ଓ ମାନବିକତାକୁ ଗଢ଼ି ତୋଳେ। ଏକ ଭଲ ଶିଶୁ ସାହିତ୍ୟ ଶିଶୁଙ୍କୁ ପ୍ରଶ୍ନ କରିବାକୁ, ଚିନ୍ତା କରିବାକୁ, ସ୍ୱପ୍ନ ଦେଖିବାକୁ ଓ ନିଜ ସ୍ୱପ୍ନକୁ ସାକାର କରିବାକୁ ପ୍ରେରଣା ଦିଏ। ଶିଶୁମାନଙ୍କ ପାଇଁ ସରଳ ଭାଷାରେ, ସେମାନଙ୍କ ବୟସ ଓ ମାନସିକ ଚାହିଦା ଅନୁଯାୟୀ ରଚିତ ସାହିତ୍ୟକୁ ଶିଶୁ ସାହିତ୍ୟ କୁହାଯାଏ। ଶିଶୁ ସାହିତ୍ୟର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆନନ୍ଦ ଦେବା ସହିତ ଜ୍ଞାନ ଓ ମୂଲ୍ୟବୋଧର ବିକାଶ କରିବା। ଶିଶୁ ସାହିତ୍ୟ ଏପରି ହେବା ଆବଶ୍ୟକ, ଯାହା ଶିଶୁଙ୍କୁ ଆକର୍ଷିତ କରିବ, ତାଙ୍କ କଳ୍ପନାକୁ ଉଦ୍‌ବୁଦ୍ଧ କରିବ ଏବଂ ନୂତନ କିଛି ଜାଣିବା ପାଇଁ ଉତ୍ସାହିତ କରିବ। ଅତ୍ୟଧିକ ଜଟିଳ ଭାଷା, କଠିନ ଧାରଣା ଓ ଭାରୀ ଉପଦେଶ ଶିଶୁ ସାହିତ୍ୟକୁ ଶିଶୁଙ୍କ ଠାରୁ ଦୂରେଇ ଦିଏ। ତେଣୁ ସରଳତା, ସୁନ୍ଦରତା, ରସ, କଳ୍ପନା ଓ ଶିକ୍ଷା ଏହାର ପ୍ରମୁଖ ବୈଶିଷ୍ଟ୍ୟ। ଶିଶୁ ହେଉଛି ଦେଶ ଓ ଜାତିର ଭବିଷ୍ୟତ। ଶିଶୁମାନଙ୍କର ମନ ନିର୍ମଳ, କୋମଳ ଓ କଳ୍ପନାଶୀଳ। ସେମାନେ ଯାହା ଦେଖନ୍ତି, ଶୁଣନ୍ତି ଓ ପଢ଼ନ୍ତି, ତାହା ସେମାନଙ୍କ ମନରେ ଗଭୀର ପ୍ରଭାବ ପକାଏ। ତେଣୁ ଶିଶୁମାନଙ୍କର ବୟସ, ମାନସିକ ସ୍ତର, ଆଗ୍ରହ ଓ ରୁଚିକୁ ଧ୍ୟାନରେ ରଖି ଯେଉଁ ସାହିତ୍ୟ ରଚନା କରାଯାଏ, ତାହାକୁ ଶିଶୁ ସାହିତ୍ୟ କୁହାଯାଏ। ଏହା କେବଳ ଶିଶୁଙ୍କର ମନୋରଞ୍ଜନର ମାଧ୍ୟମ ନୁହେଁ; ଏହା ଶିଶୁମାନଙ୍କ ଜ୍ଞାନ, କଳ୍ପନାଶକ୍ତି, ନୈତିକତା, ସୃଜନଶୀଳତା ଓ ମାନବିକ ମୂଲ୍ୟବୋଧର ବିକାଶରେ ଏକ ଶକ୍ତିଶାଳୀ ମାଧ୍ୟମ। ଶିଶୁ ସାହିତ୍ୟରେ ଗଳ୍ପ, କବିତା, ଉପନ୍ୟାସ, ନାଟକ, ଜୀବନୀ, ରୂପକଥା, ହାସ୍ୟକଥା, ବିଜ୍ଞାନକଥା, ଲୋକକଥା, ପ୍ରବନ୍ଧ ଓ ଚିତ୍ରକଥା ଆଦି ଅନ୍ତର୍ଭୁକ୍ତ। ଏହା ଶିଶୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବା ସହିତ ତାଙ୍କୁ ଜୀବନ ବିଷୟରେ ଜାଣିବାର ସୁଯୋଗ ଦିଏ। ଶିଶୁ ସାହିତ୍ୟର ପ୍ରଥମ ଉଦ୍ଦେଶ୍ୟ ହେଉଛି ଶିଶୁଙ୍କୁ ଆନନ୍ଦ ଦେବା। ଆନନ୍ଦ ସହିତ ଏହା ତାଙ୍କୁ ନୂତନ ଜ୍ଞାନ ଦିଏ। ପ୍ରକୃତି, ସମାଜ, ଦେଶ, ବିଜ୍ଞାନ ଓ ମାନବ ଜୀବନ ସମ୍ପର୍କରେ ଶିଶୁମାନେ ସାହିତ୍ୟ ମାଧ୍ୟମରେ ଅନେକ କିଛି ଜାଣିପାରନ୍ତି। ଏହା ଶିଶୁମାନଙ୍କ ମଧ୍ୟରେ ଭଲ ଚରିତ୍ର ଗଠନରେ ସାହାଯ୍ୟ କରେ। ସତ୍ୟ କହିବା, ଅନ୍ୟକୁ ସମ୍ମାନ କରିବା, ଦୁର୍ବଳଙ୍କୁ ସାହାଯ୍ୟ କରିବା, ପ୍ରକୃତିକୁ ଭଲ ପାଇବା ଓ ଦେଶ ପ୍ରତି ଦାୟିତ୍ୱବୋଧ ରଖିବା ଭଳି ଗୁଣ ସାହିତ୍ୟ ମାଧ୍ୟମରେ ବିକଶିତ ହୋଇପାରେ। ଶିଶୁମାନଙ୍କର ମାନସିକ ବିକାଶରେ ଶିଶୁ ସାହିତ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗଳ୍ପ ପଢ଼ିବା ସମୟରେ ଶିଶୁ ଚରିତ୍ର, ଘଟଣା ଓ ପରିସ୍ଥିତି ବିଷୟରେ ଚିନ୍ତା କରେ। ଏହା ତାଙ୍କର ଚିନ୍ତନଶକ୍ତି ଓ ବିଶ୍ଳେଷଣ କ୍ଷମତା ବଢ଼ାଏ। କଳ୍ପନାମୂଳକ ଗଳ୍ପ ଶିଶୁଙ୍କ ମନରେ ନୂତନ ଚିତ୍ର ସୃଷ୍ଟି କରେ। କବିତା ତାଙ୍କର ଭାଷା ଓ ଭାବନାକୁ ସମୃଦ୍ଧ କରେ। ନୀତିକଥା ତାଙ୍କୁ ଭଲ ଓ ମନ୍ଦ ମଧ୍ୟରେ ପାର୍ଥକ୍ୟ ବୁଝିବାରେ ସହାୟତା କରେ। ବିଜ୍ଞାନ ଗଳ୍ପ ତାଙ୍କ ମଧ୍ୟରେ ପ୍ରଶ୍ନ କରିବା ଓ ଉତ୍ତର ଖୋଜିବାର ଆଗ୍ରହ ବଢ଼ାଏ।

ଶିଶୁ ସାହିତ୍ୟର ମୂଳ ଆମର ପ୍ରାଚୀନ ଲୋକ ପରମ୍ପରାରେ ଦେଖିବାକୁ ମିଳେ। ଆମ ଜେଜେବାପା, ଜେଜେମା, ଆଈ ଓ ମାଆମାନେ ଶିଶୁମାନଙ୍କୁ ବିଭିନ୍ନ ଲୋକକଥା, ପୌରାଣିକ କାହାଣୀ, ନୀତିକଥା ଓ ରୂପକଥା କହୁଥିଲେ। ଏହି ମୌଖିକ ପରମ୍ପରା ଶିଶୁ ସାହିତ୍ୟର ଏକ ପ୍ରାଚୀନ ଭିତ୍ତି। ପଞ୍ଚତନ୍ତ୍ର, ହିତୋପଦେଶ, ଜାତକ କଥା ଆଦିରେ ଶିଶୁମାନଙ୍କ ଉପଯୋଗୀ ଅନେକ ନୀତିକଥା ମିଳିଥାଏ। ପଶୁପକ୍ଷୀଙ୍କୁ ଚରିତ୍ର କରି ରଚିତ କାହାଣୀ ମାଧ୍ୟମରେ ସତ୍ୟ, ନ୍ୟାୟ, ବୁଦ୍ଧି, ସାହସ ଓ ସତର୍କତା ଭଳି ଗୁଣର ଶିକ୍ଷା ଦିଆଯାଇଛି। ଆଧୁନିକ ଯୁଗରେ ମୁଦ୍ରଣ ବ୍ୟବସ୍ଥାର ବିକାଶ ସହିତ ଶିଶୁମାନଙ୍କ ପାଇଁ ପୃଥକ ପୁସ୍ତକ, ପତ୍ରିକା ଓ ଶିକ୍ଷାମୂଳକ ରଚନା ପ୍ରକାଶ ପାଇବା ଆରମ୍ଭ ହେଲା। ଓଡ଼ିଆ ଭାଷାରେ ମଧ୍ୟ କ୍ରମେ ଶିଶୁ ସାହିତ୍ୟର ଏକ ସମୃଦ୍ଧ ପରମ୍ପରା ଗଢ଼ିଉଠିଲା। ଓଡ଼ିଆ ଶିଶୁ ସାହିତ୍ୟର ଇତିହାସ ଗୌରବମୟ। ଓଡ଼ିଆ ଭାଷାର ଅନେକ ସାହିତ୍ୟିକ ଶିଶୁମାନଙ୍କ ପାଇଁ ସୁନ୍ଦର ଗଳ୍ପ, କବିତା, ଛନ୍ଦ, ନୀତିକଥା ଓ ଶିକ୍ଷାମୂଳକ ରଚନା ସୃଷ୍ଟି କରିଛନ୍ତି। ଓଡ଼ିଆ ଶିଶୁ ସାହିତ୍ୟର ବିକାଶରେ ଫକୀରମୋହନ ସେନାପତି, ନନ୍ଦକିଶୋର ବଳ, ଗୋଦାବରୀଶ ମହାପାତ୍ର, ଲକ୍ଷ୍ମୀକାନ୍ତ ମହାପାତ୍ର, ନୀଳକଣ୍ଠ ଦାସ ଆଦି ସାହିତ୍ୟିକଙ୍କ ଅବଦାନ ସ୍ମରଣୀୟ। ପରବର୍ତ୍ତୀ କାଳରେ ଅନେକ ଲେଖକ ଶିଶୁମାନଙ୍କ ପାଇଁ ନୂତନ ଧାରାର ଗଳ୍ପ, କବିତା, ବିଜ୍ଞାନ ରଚନା ଓ ଉପନ୍ୟାସ ଲେଖିଛନ୍ତି। ଶିଶୁମାନଙ୍କ ପାଇଁ ପ୍ରକାଶିତ ବିଭିନ୍ନ ପତ୍ରିକା ମଧ୍ୟ ଓଡ଼ିଆ ଶିଶୁ ସାହିତ୍ୟକୁ ଲୋକପ୍ରିୟ କରିଛି। ପତ୍ରିକାଗୁଡ଼ିକରେ ଗଳ୍ପ, କବିତା, ଧାଡ଼ିପ୍ରଶ୍ନ, ବିଜ୍ଞାନ ତଥ୍ୟ, ଚିତ୍ର, ଜୀବନୀ ଓ ଜ୍ଞାନବର୍ଦ୍ଧକ ବିଷୟ ପ୍ରକାଶ ପାଏ।

ଶିଶୁ ସାହିତ୍ୟରେ ବିଭିନ୍ନ ପ୍ରକାର ରୂପକୁ ନେଇ ଗଠିତ। ଯେପରି ଗଳ୍ପ ହେଉଛି ଶିଶୁ ସାହିତ୍ୟର ସବୁଠାରୁ ଲୋକପ୍ରିୟ ଅଂଶ। ଶିଶୁମାନେ ଗଳ୍ପ ଶୁଣିବା ଓ ପଢ଼ିବାକୁ ଭଲ ପାଆନ୍ତି। ରାଜା-ରାଣୀ, ପଶୁପକ୍ଷୀ, ଜଙ୍ଗଲ, ଅଦ୍ଭୁତ ଘଟଣା, ବୀରତା ଓ ବୁଦ୍ଧିମତ୍ତାକୁ ନେଇ ଗଳ୍ପ ଶିଶୁମାନଙ୍କ କଳ୍ପନାଶକ୍ତିକୁ ବଢ଼ାଏ। ଠିକ୍ ସେହିପରି ଶିଶୁ କବିତାରେ ଛନ୍ଦ, ତାଳ, ଧ୍ୱନି ଓ ସରଳ ଭାଷାର ବ୍ୟବହାର ହୋଇଥାଏ। ପ୍ରକୃତି, ପକ୍ଷୀ, ଫୁଲ, ନଦୀ, ପାହାଡ଼, ମାଆ, ବାପା, ଦେଶ ଓ ମାନବିକତା ଆଦି ବିଷୟ ଶିଶୁ କବିତାରେ ସ୍ଥାନ ପାଇଥାଏ। କବିତା ଶିଶୁଙ୍କ ଭାଷାଜ୍ଞାନ ଓ ସୃଜନଶୀଳତା ବୃଦ୍ଧି କରେ। ଏହାଛଡା ରୂପକଥା ଶିଶୁମାନଙ୍କ କଳ୍ପନାର ଜଗତକୁ ବିସ୍ତାର କରେ। ରାଜକୁମାର, ରାଜକୁମାରୀ, ଯାଦୁ, ପରୀ, କଥା କହୁଥିବା ପଶୁପକ୍ଷୀ ଓ ଅଦ୍ଭୁତ ଘଟଣା ଆଦି ରୂପକଥାର ବିଶେଷ ଆକର୍ଷଣ। ଏଥି ସହ ନୀତିକଥା ମାଧ୍ୟମରେ ଶିଶୁମାନେ ସତ୍ୟବାଦିତା, ପରୋପକାର, ସାହସ, ଧୈର୍ଯ୍ୟ, ଶୃଙ୍ଖଳା ଓ ନ୍ୟାୟର ଶିକ୍ଷା ପାଆନ୍ତି। ଉପଦେଶ ଦେବା ପରିବର୍ତ୍ତେ ଗଳ୍ପ ମାଧ୍ୟମରେ ଶିକ୍ଷା ଦିଆଯାଇଥିବାରୁ ଏହା ଶିଶୁଙ୍କ ମନରେ ସହଜରେ ରହିଯାଏ। ଆଧୁନିକ ଯୁଗରେ ଶିଶୁ ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଶାଖା ହେଉଛି ବିଜ୍ଞାନ ସାହିତ୍ୟ। ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା, ପଶୁପକ୍ଷୀ, ପରିବେଶ, ମାନବ ଶରୀର ଓ ପ୍ରଯୁକ୍ତି ବିଷୟରେ ସରଳ ଭାଷାରେ ଲେଖାଯାଇଥିବା ରଚନା ଶିଶୁଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରେ। ନାଟକ ମାଧ୍ୟମରେ ଶିଶୁମାନେ ଏକାସାଙ୍ଗେ ଶିଖିବା ଓ ଅଭିନୟ କରିବାର ସୁଯୋଗ ପାଆନ୍ତି। ଏହା ତାଙ୍କର ଆତ୍ମବିଶ୍ୱାସ, ଉଚ୍ଚାରଣ, ଦଳଗତ ମନୋଭାବ ଓ ସୃଜନଶୀଳତା ବଢ଼ାଏ। ମହାନ ବ୍ୟକ୍ତିମାନଙ୍କ ଜୀବନୀ ଶିଶୁଙ୍କ ପାଇଁ ପ୍ରେରଣାର ଉତ୍ସ। ସ୍ୱାଧୀନତା ସଂଗ୍ରାମୀ, ବୈଜ୍ଞାନିକ, ଶିକ୍ଷାବିତ୍, ସାହିତ୍ୟିକ, କ୍ରୀଡ଼ାବିତ୍ ଓ ସମାଜସେବୀଙ୍କ ଜୀବନର ସଂଘର୍ଷ ଓ ସଫଳତା ବିଷୟରେ ପଢ଼ି ଶିଶୁମାନେ ପରିଶ୍ରମ ଓ ଦୃଢ଼ତାର ମହତ୍ତ୍ୱ ବୁଝିପାରନ୍ତି।

ଶିଶୁମାନଙ୍କ ଚରିତ୍ର ଗଠନରେ ନୈତିକ ଶିକ୍ଷାର ଭୂମିକା ବହୁତ ବଡ଼। କିନ୍ତୁ କେବଳ ଉପଦେଶ ଦେଇ ଶିଶୁଙ୍କୁ ନୈତିକତା ଶିଖାଇବା ସବୁବେଳେ ସହଜ ନୁହେଁ। ଗଳ୍ପ ମାଧ୍ୟମରେ ଏହି ଶିକ୍ଷା ଦେଲେ ତାହା ଅଧିକ ପ୍ରଭାବଶାଳୀ ହୁଏ। ଜଣେ ସତ୍ୟବାଦୀ ଚରିତ୍ରର ସଫଳତା, ଜଣେ ସାହସୀ ଚରିତ୍ରର ସଂଘର୍ଷ କିମ୍ବା ଜଣେ ସ୍ୱାର୍ଥପର ଚରିତ୍ରର ଭୁଲରୁ ଶିଶୁ ନିଜେ ଶିକ୍ଷା ଗ୍ରହଣ କରିପାରେ। ଏହି କାରଣରୁ ଶିଶୁ ସାହିତ୍ୟ ନୈତିକ ଶିକ୍ଷାର ଏକ ସୁନ୍ଦର ମାଧ୍ୟମ। ଶିଶୁମାନେ ନିୟମିତ ଭାବରେ ଭଲ ସାହିତ୍ୟ ପଢ଼ିଲେ ତାଙ୍କର ଶବ୍ଦଭଣ୍ଡାର ବଢ଼େ। ସେମାନେ ନୂତନ ଶବ୍ଦ, ବାକ୍ୟ ଗଠନ ଓ ଭାଷାର ସୌନ୍ଦର୍ଯ୍ୟ ଶିଖନ୍ତି। କବିତା ଓ ଗଳ୍ପ ପଢ଼ିବା ଦ୍ୱାରା ଶିଶୁମାନେ ସୁନ୍ଦର ଭାବରେ କଥା କହିବା ଓ ଲେଖିବାର କ୍ଷମତା ଅର୍ଜନ କରନ୍ତି। ମାତୃଭାଷାରେ ଶିଶୁ ସାହିତ୍ୟ ପଢ଼ିବା ଦ୍ୱାରା ଶିଶୁ ନିଜ ଭାଷା ଓ ସଂସ୍କୃତି ସହିତ ଗଭୀର ଭାବରେ ଯୋଡ଼ିତ ହୁଏ। ତେଣୁ ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶ ପାଇଁ ମଧ୍ୟ ଶିଶୁ ସାହିତ୍ୟ ଅତ୍ୟନ୍ତ ଆବଶ୍ୟକ। ପ୍ରକୃତି ଶିଶୁଙ୍କ ମନକୁ ସହଜରେ ଆକର୍ଷିତ କରେ। ଫୁଲ, ପକ୍ଷୀ, ଗଛ, ନଦୀ, ପାହାଡ଼, ଆକାଶ ଓ ବର୍ଷାକୁ ନେଇ ରଚିତ କବିତା ଓ ଗଳ୍ପ ଶିଶୁଙ୍କୁ ପ୍ରକୃତି ସହିତ ପରିଚିତ କରାଏ। ଆଜିର ପରିବେଶ ସଙ୍କଟର ସମୟରେ ଶିଶୁ ସାହିତ୍ୟରେ ପରିବେଶ ସୁରକ୍ଷା, ବୃକ୍ଷରୋପଣ, ଜଳ ସଂରକ୍ଷଣ ଓ ପଶୁପକ୍ଷୀଙ୍କ ପ୍ରତି ଦୟା ଭଳି ବିଷୟ ରହିବା ଆବଶ୍ୟକ। ଏହା ଶିଶୁଙ୍କ ମନରେ ପରିବେଶ ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିପାରେ। ଶିଶୁ ସାହିତ୍ୟର ବିକାଶରେ କିଛି ସମସ୍ୟା ରହିଛି। ଆଜିର ଶିଶୁମାନେ ମୋବାଇଲ ଓ ଅନ୍ୟାନ୍ୟ ଡିଜିଟାଲ ମନୋରଞ୍ଜନରେ ଅଧିକ ସମୟ ବିତାଉଛନ୍ତି। ଫଳରେ ପୁସ୍ତକ ପଢ଼ିବା ପ୍ରତି ଆଗ୍ରହ କେତେକ କ୍ଷେତ୍ରରେ ହ୍ରାସ ପାଇଛି। ଅନ୍ୟ ଏକ ସମସ୍ୟା ହେଉଛି ଗୁଣାତ୍ମକ ଓ ଆକର୍ଷଣୀୟ ଶିଶୁ ସାହିତ୍ୟର ପର୍ଯ୍ୟାପ୍ତ ଉପଲବ୍ଧତା। ଶିଶୁମାନଙ୍କ ଆଗ୍ରହ ଓ ଆଧୁନିକ ଜୀବନର ପରିବର୍ତ୍ତନ ସହିତ ସମନ୍ୱୟ ରଖି ନୂତନ ବିଷୟରେ ସାହିତ୍ୟ ରଚନା କରିବା ଆବଶ୍ୟକ। ଶିଶୁ ସାହିତ୍ୟରେ ଅତ୍ୟଧିକ ଉପଦେଶ, ଭୟ କିମ୍ବା ଅବାସ୍ତବ ଧାରଣା ଦେବା ପରିବର୍ତ୍ତେ ଶିଶୁଙ୍କ ପ୍ରଶ୍ନ, ଅନୁଭୂତି, ସୃଜନଶୀଳତା ଓ ବୈଜ୍ଞାନିକ ଚିନ୍ତାକୁ ସମ୍ମାନ କରିବା ଦରକାର। ଶିଶୁମାନଙ୍କ ମଧ୍ୟରେ ପଢ଼ିବାର ଅଭ୍ୟାସ ଗଢ଼ିବାରେ ଅଭିଭାବକ ଓ ଶିକ୍ଷକଙ୍କ ଭୂମିକା ବହୁତ ବଡ଼। ଛୋଟବେଳୁ ଶିଶୁଙ୍କୁ ବୟସ ଅନୁଯାୟୀ ଗଳ୍ପ ଓ କବିତା ପଢ଼ାଇବା ଉଚିତ। ଶିଶୁ ନିଜେ ପଢ଼ିବା ସହିତ ଅଭିଭାବକମାନେ ତାଙ୍କୁ ଗଳ୍ପ ପଢ଼ି ଶୁଣାଇପାରନ୍ତି।ବିଦ୍ୟାଳୟରେ ପୁସ୍ତକାଳୟକୁ ଶିଶୁମାନଙ୍କ ପାଇଁ ଆକର୍ଷଣୀୟ କରିବା ଆବଶ୍ୟକ। ଗଳ୍ପ ପଢ଼ା, କବିତା ଆବୃତ୍ତି, ନାଟକ, ପୁସ୍ତକ ଆଲୋଚନା ଓ ରଚନା ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମ ଶିଶୁଙ୍କ ମଧ୍ୟରେ ସାହିତ୍ୟ ପ୍ରତି ଆଗ୍ରହ ବଢ଼ାଇପାରେ। ଶିଶୁ ସାହିତ୍ୟ ମାଧ୍ୟମରେ ଦେଶପ୍ରେମର ଭାବନା ମଧ୍ୟ ଜାଗ୍ରତ କରାଯାଇପାରେ। ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ, ଦେଶର ଇତିହାସ, ଜାତୀୟ ପ୍ରତୀକ ଓ ଦେଶର ବିଭିନ୍ନ ସଂସ୍କୃତି ବିଷୟରେ ଶିଶୁମାନେ ପଢ଼ିଲେ ନିଜ ଦେଶ ପ୍ରତି ଗର୍ବ ଓ ଦାୟିତ୍ୱବୋଧ ଉତ୍ପନ୍ନ ହୁଏ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

# ଏସ୍ଆଇଆର ସମ୍ପର୍କିତ ଦାବି ଓ ଆପତ୍ତି ପ୍ରକ୍ରିୟାର ସମୀକ୍ଷା

ନୟାଗଡ଼,୧୮।୮ (ନିପ୍ର); ନୟାଗଡ଼ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଏସଆଇଆର୍ -୨୦୨୬ ସମ୍ପର୍କିତ ଦାବି ଓ ଆପତ୍ତି ପ୍ରକ୍ରିୟାର



ସମୀକ୍ଷା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ସମସ୍ତ ଇଆର ଓ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଏବଂ ନିର୍ବାଚନ ବିଭାଗର ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହିତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ। ବୈଠକରେ ଏସ୍ଆଇଆର -୨୦୨୬ ଅନ୍ତର୍ଗତ ଦାବି ଓ ଆପତ୍ତି ସମ୍ପର୍କିତ ଫର୍ମ-୯, ୧୦,୧୧, ୧୧ଏ ଏବଂ ୧୧ବି ରେ ପ୍ରାପ୍ତ ଆବେଦନଗୁଡ଼ିକର ସ୍ଥିତି, ଯାଞ୍ଚ ଓ ପ୍ରକ୍ରିୟାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପାରଦର୍ଶିତା ଓ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ନିମନ୍ତେ ଉକ୍ତ ଫର୍ମଗୁଡ଼ିକରେ ପ୍ରାପ୍ତ ଦାବି ଓ ଆପତ୍ତିର ରିପୋର୍ଟ ସମ୍ପୃକ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ହସ୍ତାନ୍ତର କରାଯାଇଥିଲା। ଦାବି ଓ ଆପତ୍ତି ସମ୍ପର୍କିତ ସମସ୍ତ ତଥ୍ୟ ନିୟମାନୁସାରେ ଯାଞ୍ଚ କରି ନିର୍ଦ୍ଧାରିତ ପ୍ରକ୍ରିୟାରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପାଇଁ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ନିର୍ବାଚନ ପ୍ରକ୍ରିୟାରେ ସମସ୍ତ ହିତଧାରୀଙ୍କ ସହଯୋଗ ଓ ସକ୍ରିୟ ଅଂଶଗ୍ରହଣ ସହିତ ଏସ୍ଆଇଆର -୨୦୨୬ କାର୍ଯ୍ୟକ୍ରମକୁ ସ୍ୱଚ୍ଛ, ନିରପେକ୍ଷ ଓ ସୁଚାରୁ ଭାବେ ସମ୍ପାଦନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ରକ୍ତଦାନ ଶିବିର ସଫଳ, ୬୩ ୟୁନିଟ୍ ସଂଗ୍ରହ

ତରଭା,୧୮।୮ (ନିପ୍ର): ପ୍ରବଳ ବର୍ଷାକୁ ଖାତିର ନକରି ମାନବସେବାର ମହତ୍ ଉଦ୍ଦେଶ୍ୟ ନେଇ ଆୟୋଜିତ ମହେଶ୍ୱରୀ ସଂଗଠନ, ତରଭାର ଦ୍ୱିତୀୟ ରକ୍ତଦାନ ଶିବିର ଆଜି ସଫଳତାର ସହ ସମ୍ପନ୍ନ ହୋଇଛି। ଶିବିରରେ ମୋଟ ୬୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବାବେଳେ ବର୍ଷା ସତ୍ତ୍ୱେ ରକ୍ତଦାତା ଓ ସଂଗଠନର ସଦସ୍ୟମାନଙ୍କ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ ଆଇଆଇସି ଡୋଳାମଣି ନାଏକ, ସମ୍ମାନିତ ଅତିଥି ଭାବେ ତରଭା ଏନ୍ଏସିର ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ, ଏନ୍ଏସି ତରଭାର ସାଂସଦ ମନୋନୀତ ପ୍ରତିନିଧି ମାନସ ସାହୁ, ମହେଶ୍ୱରୀ ସଂଗଠନର ଏମ୍ଡି ଅଙ୍କୁଶ ପାଣ୍ଡିଆ, ବଲାଙ୍ଗିର ମହେଶ୍ୱରୀ ସଂଗଠନର ସଭାପତି ଶୋଭନ ଅଗ୍ରୱାଲ ଏବଂ ତରଭା ମହେଶ୍ୱରୀର ସଭାପତି ପ୍ରଦୀପ ମେହେର ଯୋଗଦେଇ ଶିବିରକୁ ଉତ୍ସାହିତ କରିଥିଲେ। ଶିବିରର ସଫଳ ଆୟୋଜନରେ ମହେଶ୍ୱରୀ ସଂଗଠନ, ତରଭାର ସକ୍ରିୟ ସଦସ୍ୟମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସହଯୋଗ ରହିଥିଲା।

## ମାତୃସଦନରେ ଶ୍ରୀଅରବିନ୍ଦଙ୍କ ଜୟନ୍ତୀ

ଯାଜପୁର,୧୮।୮ (ନିପ୍ର); ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ନରଣପୁରସ୍ଥ ମାତୃସଦନରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ମହାନଯୋଗୀ ଶ୍ରୀଅରବିନ୍ଦଙ୍କ ପବିତ୍ର ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ପୂର୍ବାହ୍ନରେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରାଯିବା ପରେ ଶ୍ରୀଅରବିନ୍ଦଙ୍କ ସମାଧିରେ ଧୂପ ଫୁଲ ପ୍ରଦାନ ପରେ ସମବେତ ଧ୍ୟାନ ଅନୁଷ୍ଠିତ ହୋଇଥିଲା। ଏହାପରେ 'ଶ୍ରୀଅରବିନ୍ଦଙ୍କ ସମାଧି ଓ ତାର ଦିବତ୍ୱ' ଉପରେ ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରେ ସମୂହ ପ୍ରସାଦ ସେବନ କରାଯାଇଥିଲା।ଅପରାହ୍ନରେ ଆଧ୍ୟାତ୍ମିକ ପତାକା ଅବତରଣ କରାଯାଇଥିଲା। ଏହି ପବିତ୍ର ଉତ୍ସବରେ ଯାଜପୁର ତଥା ଆଖପାଖ ଅଂଚଳର ବହୁ ଶ୍ରଦ୍ଧାଳୁ ଓ ମାତୃପ୍ରେମୀ ଯୋଗ ଦେଇଥିଲେ।

## ଆବାସ ଯୋଜନାରେ ଗୃହ ପ୍ରଦାନ ମୁଖ୍ୟ ସମସ୍ୟା

ଜଟଣୀ,୧୮।୮ (ନିପ୍ର): ଜଟଣୀ ବ୍ଲକର ଛଣଘର ପଞ୍ଚାୟତ କାର୍ଯ୍ୟାଳୟରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିଡ଼ିଓ ବସନ୍ତ କୁମାର ହାତୀ ଅଭିଯୋଗ ଶୁଣାଣି କରିଥିଲେ। ଏବିଡ଼ିଓ ସଲୀଳ କୁମାର ଦାଶ ଏବଂ ଅନ୍ୟମାନେ ସହାୟତା କରିଥିଲେ। ଛଣଘର ପଞ୍ଚାୟତରେ ସ୍ଥିତିବାନ ପ୍ରଜାଙ୍କ ସାତ ପୁରୁଷର ଜମିବାଡ଼ି ମହାପ୍ରଭୁ ଶ୍ରୀଜଗନ୍ନାଥ ବିଜେ ପୁରୀଙ୍କ ଖାତାକୁ ଚାଲି ଯାଇଥିବାରୁ ସ୍ଥିତିବାନ ପ୍ରଜା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ଲାଭ ଉଠାଇ ପାରୁ ନଥିବା ସ୍ଥାନୀୟ ସରପଞ୍ଚ ସୁବାସିନୀ ବିଶ୍ୱାଳ ଏବଂ ପ୍ରାକ୍ତନ ସମିତିସଭ୍ୟ ହରମୋହନ ରାଉତରାୟ ଅଭିଯୋଗ କରିଥିଲେ। ହିତାଧିକାରୀଙ୍କୁ ଆବାସ ଯୋଜନାର ଗୃହ ଏବଂ ଚାଷୀଙ୍କୁ ଧାନ କିଣା ଟୋକନ ପ୍ରଦାନ କରିବା ଲାଗି ଅଭିଯୋଗକାରୀ ହିତାଧିକାରୀ ଅନୁରୋଧ କରିଥିଲେ। ଶିବିରରେ ରେସନ କାର୍ଡ଼ ଏବଂ ବାର୍ଦ୍ଧକ୍ୟ ଭତ୍ତା ସମସ୍ୟାର ସମାଧାନ କରା ଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧ୍ୟକ୍ଷ ଡ଼ାକ୍ତର ଜିତେନ୍ଦ୍ର କୁମାର ପଣ୍ଡା ଏବଂ ବ୍ଲକ ସ୍ତରୀୟ ବିଭିନ୍ନ ସରକାରୀ ବିଭାଗର ଉପସ୍ଥିତ ଥିଲେ। ଏସଏଚଜି ଉତ୍ପାଦନ ଗୋଷ୍ଠି ପକ୍ଷରୁ ଉତ୍ପାଦିତ ଦ୍ରବ୍ୟର ଷ୍ଟଲ ଖୋଲା ଯାଇଥିଲା। ପିଇଓ ପିଙ୍କି ସେଠୀ,ରାକେଶ କୁମାର ନାୟକ,ପ୍ରଶାନ୍ତ କୁମାର ସାହୁ ପ୍ରମୁଖ କାର୍ଯକ୍ରମକୁ ପରିଚାଳନା କରିଥିଲେ।

# ପ୍ରଦୂଷିତ ପୋଖରୀର ଅପରିଷ୍କାର ପାଣି: ସ୍ନାନ କରୁଛନ୍ତି ଦେବାଦେବୀ

କଣ୍ଟିଲୋ,୧୮।୮(ନିପ୍ର):ନୟାଗଡ ଜିଲ୍ଲାର କଣ୍ଟିଲୋ ନୀଳମାଧବ ମନ୍ଦିର ନିକଟସ୍ଥ ଭାପୁର ବ୍ଲକ ପଥର ଚକଡ଼ା ଗ୍ରାମ ପଞ୍ଚାୟତ ଅଧୀନରେ ବିରାଜମାନ ମା' ନାରାୟଣୀ ଏବଂ ପଶ୍ଚିମମୁଖା ସ୍ୱପ୍ନେଶ୍ୱର ମହାଦେବ। ଏବେ ଏହି ଦେବାଦେବୀ ଅପରିଷ୍କାର ପାଣିରେ ସ୍ନାନ କରୁଛନ୍ତି। ସେମାନଙ୍କ ସ୍ନାନ ଓ ଅନ୍ୟାନ୍ୟ ନୀତିକାନ୍ତି ପାଇଁ ମନ୍ଦିର ପାର୍ଶ୍ୱରେ ଥିବା ପୋଖରୀଟି ବହୁଦିନ ହେବ ଭୀଷଣ ପ୍ରଦୂଷିତ ହୋଇପଡିଛି। ଫଳରେ ମା ନାରାୟଣୀ ଓ ମହାଦେବଙ୍କୁ ଅପରିଷ୍କାର ପାଣିରେ ଗାଧୋଇବାକୁ ପଡୁଛି ବୋଲି ମନ୍ଦିର ପୂଜକମାନେ କହୁଛନ୍ତି। ଯଦିଓ ସରକାରୀ ସ୍ତରରେ ଏହି ପୀଠକୁ ଜିଲ୍ଲା ତଥା ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବରେ ଘୋଷଣା କରା ଯାଇ ନାହିଁ ତଥାପି ଏହାର ସୁନାମ ରହିଛି । ଦେବୀ ଶକ୍ତି ପୀଠ ଭାବରେ ବେଶ୍ ନାଁ ରହିଛି ।

ଯାହାର ମନସ୍କାମନା ଥାଏ ମା'ଙ୍କ ମସ୍ତକରୁ ଭକ୍ତ ଦେଇଥିବା ଦୂବ, ଫୁଲ ଖସିଲେ ଆଶୀର୍ବାଦ ସବୁ ପୂରଣ କରନ୍ତି ବୋଲି ଦୀର୍ଘ ବର୍ଷ ଧରି ଦେଖିବାକୁ ମିଳେ । ଏହି ମନ୍ଦିର ଭାପୁର ବ୍ଲକ ଅଧୀନରେ ଥିବାବେଳେ ଖଣ୍ଡପଡା ଦେବୋତ୍ତର ବିଭାଗ କଣ୍ଟିଲୋ ନୀଳମାଧବ ମନ୍ଦିର ପରିଚାଳନା ଅଧୀନରେ ରହିଛି । ସବୁ ସମୟରେ ମା'ଙ୍କ ପୀଠରେ ଗହଳି ଲାଗି ରହିଥାଏ । ବିବାହ କାର୍ଯ୍ୟ ହେଉ କିମ୍ବା ଅନ୍ୟ କୌଣସି ସଭା ସମିତି ହେଉ କି ଭୋଜିଭାତ ହେଉ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ 'ମା ନାରାୟଣୀ'ଙ୍କ ପୀଠ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପୂର୍ବ ଓ ଶାନ୍ତ ପରିବେଶ ଯୋଗୁଁ ବିଶେଷତା ପର୍ଯ୍ୟଟନ ଋତୁରେ



ଦୂର ଦୂରାନ୍ତରୁ ଭୋଜି ଭାତ କରିବା ପାଇଁ ଲୋକଙ୍କର ସୁଅ ଛୁଟିଥାଏ । ସୂଚନା ଯୋଗ୍ୟ ମା ନାରାୟଣୀଙ୍କ ପୀଠ ମନ୍ଦିର ସମ୍ମୁଖରେ ଥିବା ଏକ ପୋଖରୀ କାଇଁ କେଉଁ କାଳରୁ ରହିଥିଲେ ମଧ୍ୟ ପୋଖରୀର ପାଣି ସଦାବେଳେ ଅପରିଷ୍କାର । ସେ ପୋଖରୀରୁ କୌଣସି ପଶୁ ପକ୍ଷୀ ଗାଈଗୋରୁମାନେ ପାଣି ପିଅନ୍ତି ନାହିଁ ବୋଲି ପ୍ରବାଦ ରହିଛି । କିମ୍ବଦନ୍ତୀରୁ ଜଣାଯାଏ ପୁରାଣ ଦର୍ଶିତ ବିଷୟ ବସ୍ତୁ ଅନୁସାରେ ଗୋସିଂହ ଦୈତ୍ୟର ଆରାଧ ଠାକୁରାଣୀ ମା ନାରାୟଣୀ ପୂଜା ପାଉଥିଲା ବେଳେ ପୂର୍ବ ବର୍ଣ୍ଣିତ ଏହି ପୋଖରୀ ଥିଲା ଦୈତ୍ୟର ଯଜ୍ଞ କୁଣ୍ଡ ଓ କାଳକ୍ରମେ ଏହା ପୁଷ୍କରିଣୀ ରେ ପରିଣତ ହୋଇଛି ଓ ବର୍ଷା ପାଣି ଉପରେ ନିର୍ଭର କରି ପରିପୁଷ୍ଟ ହେଉଥିବା ଏହି ପାଣି ବେଳକୁ ବେଳ ଦୂଷିତ ହୋଇ ଗଲାଣି ସେହି ପାଣି ରେ ମା ଠାକୁରାଣୀ, ପଶ୍ଚିମମୁଖା ସ୍ୱପ୍ନେଶ୍ୱର ମହାଦେବଙ୍କର ନିତିଦିନିଆ ସ୍ନାନ କାମ ଚାଲିଛି ଓ ଏଠାରେ ଥିବା ଏକ ମାତ୍ର ନଳ କୂପ କାମ କରୁନଥିବାରୁ ପାନୀୟ ଜଳ ଟିକେ ମିଳିବା ଅସମ୍ଭବ ହୋଇ ଯାଉଛି ଓ ଏହାର ପୁନରୁଦ୍ଧାର ପାଇଁ କେତେବେଳେ ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଚିନ୍ତା କରୁନଥିବାରୁ ପାଣି ଦୂଷିତ, ଅପରିଷ୍କାର, ଦୁର୍ଗନ୍ଧ ହେଉଛି। ତେଣୁ ସ୍ଥାନୀୟ ଜନ ପ୍ରତିନିଧି ଦେବୋତ୍ତର ବିଭାଗ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି। ତୁରନ୍ତ ଏହି କାମକୁ କାର୍ଯ୍ୟକାରୀ କରିଲେ ଅବସ୍ଥା ସୁଧୁରି ଯିବ ବୋଲି ଆଶା କରାଯାଉଛି ଓ ଏହି ମନ୍ଦିର ପରିଚାଳନା ପାଇଁ କମିଟି ମାଧ୍ୟମରେ ସବୁ ପ୍ରକାର ପଦକ୍ଷେପ ନେଇ ପାରିଲେ ଅବସ୍ଥାରେ ଉନ୍ନତି ଘଟିବ ବୋଲି ସେଠାର ପୂଜାରି ଭବାନୀ ଶଙ୍କର ଦୀକ୍ଷିତ ଅନ୍ୟ ପୂଜାରୀଙ୍କ ସମେତ ସେଠିକାର ଅଞ୍ଚଳବାସୀ ଦାବି କରିଛନ୍ତି ।

## ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଜନଶୁଣାଣି

ବାଲିପାଟଣା,୧୮।୮ (ନିପ୍ର);ବାଲିପାଟଣା ବ୍ଲକରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଏକ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୫୨ ଟି ଅଭିଯୋଗ ଆସିଥିଲା । ୭ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଚାଷୀଙ୍କର ଫସଲ ନଷ୍ଟ କରୁଥିବା ଷଣ୍ଢଙ୍କୁ ନିୟନ୍ତ୍ରଣ କରିବା ପାଇଁ ଆସିଥିବା ଅଭିଯୋଗ ଉପରେ ଜିଲ୍ଲାପାଳ ଗୋଶାଳା ପାଇଁ ଆବଶ୍ୟକ ଜମି ଚିହ୍ନଟ କରି କାର୍ଯ୍ୟ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାଲିପାଟଣା ପଶୁ ଚିକିତ୍ସାଳୟ ପରିସରରେ ପାଣି ଜମିରହି ଚିକିତ୍ସାରେ ବାଧାସୃଷ୍ଟି ହେଉଥିବାରୁ ତୁରନ୍ତ ଜଳ ନିଷ୍କାସନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜନଶୁଣାଣି ଶିବିରରେ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜ ଉପଜିଲ୍ଲାପାଳ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ, ବିଡ଼ିଓ, ତହସିଲଦାରଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ,୧୮।୮ (ନିପ୍ର) : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସଓ୍ୱାନ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୭୧ଟି ଅଭିଯୋଗ ହସ୍ତଗତ ହୋଇଥିଲା । ତନ୍ମଧ୍ୟରେ ୭୦ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ଗୋଟିଏ ସାମୂହିକ ଅଭିଯୋଗ ରହିଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ମିନାକ୍ଷୀ ଠାକୁର,କଟକ ସଦର ଉପଜିଲ୍ଲାପାଳ,



ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ । ଲୋକମାନଙ୍କର ଉପସ୍ଥିତିରେ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ ଆସନ୍ତା ୨୪ତାରିଖରେ ଆଠଗଡ ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

## ବିକାଶ ପରିଷଦର ପ୍ରତିଷ୍ଠା ଦିବସ : ଜଟଣୀର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ

ଜଟଣୀ,୧୮।୮(ନି.ପ୍ର):ଛଣଘର ଗ୍ରାମସ୍ଥିତ କପାଳ ଲୋଚନ ମହାଦେବଙ୍କ ମନ୍ଦିର ପରିସରରେ ଜଟଣୀ ବିକାଶ ପରିଷଦର ୪ର୍ଥ ପ୍ରତିଷ୍ଠା ଦିବସ ଉତ୍ସବ ପାଳିତ ହୋଇଯାଇଛି । ଜଟଣୀର ସାମଗ୍ରିକ ବିକାଶ ଉପରେ ପରିଷଦର କାର୍ଯ୍ୟକର୍ତ୍ତା ଗୁରୁତ୍ୱାରୋପ କରିଥିଲେ। ପରିଷଦର ସଭାପତି ବିଜୁ ଛୋଟରାୟ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ସୁଦର୍ଶନ ସୁନ୍ଦରରାୟ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଜଟଣୀ ବିକାଶ ପରିଷଦ ଏକ ଅଣରାଜନୈତିକ ସଙ୍ଗଠନ । ଜଟଣୀର ବିକାଶ ସଙ୍ଗଠନର ମୂଳଲକ୍ଷ୍ୟ ବୋଲି ସେ ସୂଚନା ଦେଇଥିଲେ। ଜଟଣୀର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ପରିଷଦ ଉଦ୍ୟମ କରିବ ବୋଲି ସଙ୍ଗଠନର କାର୍ଯ୍ୟନିର୍ବାହୀ ସଭାପତି ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଯୋଗ ଦେଇ ଜଟଣୀ ଏଖରାଜାତ ମାହାଲରେ ୩୬ଟି ମୌଜାରେ ସ୍ଥିତିବାନ ପ୍ରଜାଙ୍କ ଜମି ଫେରି ପାଇବା ଲାଗି ଆନ୍ଦୋଳନ କରିବ ବୋଲି ଘୋଷଣା କରିଥିଲେ। ଏ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରା ଯାଉଥିବା ସେ ସୂଚନା ଦେଇଥିଲେ ।



ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡ଼ିର ସଭାପତି ତଥା ଖୋରଧାର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ,ଜିଲା ବଜେଡ଼ିର କାର୍ଯ୍ୟନିର୍ବାହୀ ସଭାପତି ମନ୍ମଥ ରାଉତରାୟ,କାଉନସିଲର ଶଶାଙ୍କ ଶେଖର ରାୟ ଓ ବିଷ୍ଣୁ ସାହୁ,ସାଂସଦଙ୍କ ପ୍ରତିନିଧି ବିଜେପି ନେତା ସତୀଶ ଶର୍ମା, କଂଗ୍ରେସ ନେତା ଚଇନା ପ୍ରଧାନ,ସରପଞ୍ଚ ରାଜ କିଶୋର ସାହୁ, ଅଧ୍ୟାପକ ବିଜୟ ପଣ୍ଡା, ଭାଲୁ ସାମନ୍ତରାୟ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପ୍ରଶାନ୍ତ କୁମାର ମିଶ୍ର, ପ୍ରାକ୍ତନ ସରପଞ୍ଚ ସୁନୀଲ କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇ ଜଟଣୀର ସାମଗ୍ରିକ ବିକାଶ ଦିଗରେ କାର୍ଯ୍ୟ କରିବା ନିମନ୍ତେ ଶପଥ ନେଇଥିଲେ । ଏହି ଅବସରରେ ଗୋପବନ୍ଧୁ ବଜାର କମିଟିର ସଭାପତି ସୁରେନ୍ଦ୍ର କୁମାର ସାହୁଙ୍କୁ ସମ୍ମାନିତ କରା ଯାଇଥିଲା । ପରିଷଦର ଉପଦେଷ୍ଟା ଅବନୀ କୁମାର ରାଉତରାୟ,ଡ଼.ସୁଶାନ୍ତ ରାଉତ,ଜଟଣୀ ପୌର ପାଳିକାର ପ୍ରାକ୍ତନ ଉପାଧ୍ୟକ୍ଷା ସୌମ୍ୟା ସୋମାଳିକା ରାୟ ପ୍ରମୁଖ ଯୋଗ ଦେଇଥିଲେ।

## ବିଜେପି ଯୁବ ମୋର୍ଚ୍ଚାର ପ୍ରତୀକାତ୍ମକ ବିକ୍ଷୋଭ

ହିଞ୍ଜିଳିକାଟୁ,୧୮।୮ (ନିପ୍ର); ହିଞ୍ଜିଳି ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ପ୍ରତୀକାତ୍ମକ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କଂଗ୍ରେସ ହାଇକମାଣ୍ଡ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଘୁମୁସର ଜିଲ୍ଲା କଂଗ୍ରେସ ସଭାପତି ବିଜୟ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ହିଞ୍ଜିଳିକାଟୁ ବସ୍ ଟର୍ମିନାଲ ପରିସରରୁ ଏକ ବିରାଟ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ବିଜୁ ପଟ୍ଟନାୟକ ଛକରେ ପହଞ୍ଚିଥିଲେ। ସ୍ୱାଧୀନତା ଦିବସ ଅବସରରେ କଂଗ୍ରେସ ଦଳ ରାଷ୍ଟ୍ରୀୟ ସଙ୍ଗୀତ 'ବନ୍ଦେ ମାତରଂ'କୁ ଅପମାନ କରିଥିବା ନେଇ ବିଜୁ ପଟ୍ଟନାୟକ ଛକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।'ବନ୍ଦେ ମାତରଂ' ଭାରତର ସ୍ୱାଧୀନତା ସଂଗ୍ରାମ ସହ ଗଭୀର ଭାବେ ଜଡିତ ଏକ ଐତିହାସିକ ଦେଶ ଭକ୍ତି ମୂଳକ ସଙ୍ଗୀତ। ସ୍ୱାଧୀନତା ଆନ୍ଦୋଳନ ସମୟରେ ଏକ ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ମନରେ ଦେଶପ୍ରେମ ଓ ଏକତାର ଭାବନା ସୃଷ୍ଟି କରିଥିଲା। ତେଣୁ ଏହା ପ୍ରତି ସମ୍ମାନ ରଖିବା ପ୍ରତ୍ୟେକ ଭାରତୀୟଙ୍କୁ ଦାୟିତ୍ୱ ବୋଲି ବିଜେପି ଯୁବମୋର୍ଚ୍ଚା ପକ୍ଷରୁ କୁହାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ହିଞ୍ଜିଳି ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ରାଜ୍ୟ ସମ୍ପାଦକ ରୋଶନ ଖୁଣ୍ଟିଆ, ଜିଲ୍ଲା ସଭାପତି ଅଜିତ ପଣ୍ଡା, ଅନୁସୂଚିତ ଜାତି ଜିଲ୍ଲା ସଭାପତି ବିକାଶ ସେଠିଙ୍କ ସମେତ ବହୁ ବିଜେପି ଯୁବମୋର୍ଚ୍ଚା ସଦସ୍ୟ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ସାଲେପୁର,୧୮।୮ (ନିପ୍ର); ସ୍ଥାନୀୟ ବ୍ଲକ୍ର କଟରପା ପଞ୍ଚାୟତର ଜାଗୁଳାଇପଡ଼ା ଗ୍ରାମର ରବୀନ୍ଦ୍ର ଭୋଇଙ୍କ ପୁଅ ରଞ୍ଜିତ ଭୋଇ(୨୯) ସ୍ଥାନୀୟ ଘରପାଖ ସୁକଭଦ୍ରା ନଦୀ କୂଳରେ ଶୌଚ ପାଇଁ ଯାଇଥିବା ବେଳେ ହଠାତ୍ ଏକ ଅଜଣା ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ପରେ ଘରକୁ ଆସି ମୋତେ କିଏ ଗୋଟା କାମୁଡ଼ିଦେଲା ବୋଲି କହି ଅଚେତ୍ ହୋଇ ପଡିଗଲା। ସଂଗେ ସଂଗେ ଘର ଲୋକ ଏବଂ ଗ୍ରାମ ଲୋକ ତାକୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା ବେଳେ ଡାକ୍ତର ଏଠାରେ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ପୁଲିସ ଏହି ଘଟଣାରେ ଶବ ଜବତ କରି ବ୍ୟବଚ୍ଛେଦ କରିବାକୁ ପଠାଇଥିବା ଜଣାଯାଇଛି।

## ମଞ୍ଜୁଶ୍ରୀ ମାଷ୍ଟର ମାଣିଆ ଜୟନ୍ତୀ

ଜଟଣୀ,୧୮।୮ (ନି.ପ୍ର) : ଗଡ଼ ରେଙ୍ଗଳ ଗ୍ରାମରେ ମଞ୍ଜୁଶ୍ରୀ ମାଷ୍ଟର ରାମଚନ୍ଦ୍ର ମାଣିଆଙ୍କ ୧୩୫ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉତ୍ସବ ଅବସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରା ଯାଇଥିଲା । ନୃତ୍ୟ ,ସଙ୍ଗୀତ, ବକ୍ତୃତା,କୁଇଜ ପ୍ରତିଯୋଗିତାରେ ସତ୍ୟଜିତ ବେହେରା, ଅଦ୍ୟାଶା ମହାପାତ୍ର,ଆକୃତି ପ୍ରିୟଦର୍ଶିନୀ,ସ୍ୱର୍ଣ୍ଣଲତା ଚମ୍ପତି, ଅଙ୍କିତା ମହାପାତ୍ର,ବୈଶାଖୀ ମହାଁ ପ୍ରମୁଖଙ୍କୁ ପୁରସ୍କାର ଏବଂ ପ୍ରମାଣ ପତ୍ର ପ୍ରଦାନ କରା ଯାଇଥିଲା।

# ବେଆଇନ ବାଲି ଚୋରା ଚାଲାଣ ବେଳେ ହାଇୱା ଜବତ

ଗୋଲାମୁଣ୍ଡା,୧୮।୮(ନିପ୍ର): କେଗାଁ ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଉଥିବା ବେଆଇନ ବାଲି ଚୋରା ଚାଲାଣ ଉପରେ ପୋଲିସର କଡ଼ା ଚଢ଼ାଉ। ବିଶେଷ ସୂତ୍ରରୁ ଖବର ପାଇ କେଗାଁ ଥାନା ଆଇଆଇସି ସଙ୍ଗୀତା ବେଗ ବୋର୍ଡି ନିକଟରେ ଚଢ଼ାଉ କରି ଗୋଟିଏ ବାଲି ବୋଝେଇ ଓଡି୦୮ଏକ୍ସ୨୪୫୧ ନମ୍ବର ବିଶିଷ୍ଟ ହାଇୱାକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି । ସ୍ଥାନୀୟ କଣ୍ଟାମାଲ ନିକଟ ଉଦନ୍ତି ନଦୀ ପଠାରୁ ଏହି ହାଇବାରେ ବାଲି ଚାଲାଣ ହେଉଥିବା ପୋଲିସ ସୂତ୍ରରୁ ପ୍ରକାଶ । ସୂଚନା ଅନୁସାରେ, ଉଦନ୍ତି ନଦୀ ପଠାରୁ ବେଆଇନ ଭାବେ ବାଲି ଉଠାଣ କରାଯାଇ ଅନ୍ୟତ୍ର ଚୋରା ଚାଲାଣ ହେଉଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଏହାକୁ ଆଧାର କରି ପୋଲିସ ଟିମ୍ ଚଢ଼ାଉ କରିଥିଲେ। ବର୍ତ୍ତମାନ ଗାଇଡଲାଇନ ଅନୁସାରେ ବାଲି ଉଠାଣ ବନ୍ଦ ଥିବା ବେଳେ ରୟାଲଟି ଚାଲାଣ ନଥିବାରୁ ପୋଲିସ ଗାଡ଼ିଟିକୁ ଜବତ କରି ଥାନାକୁ ଆଣିଛି। ଏହି ସମ୍ବନ୍ଧରେ କେଗାଁ ଥାନା କେସ ନମ୍ବର ୧୮୪/୨୬ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଆଗାମୀ ଦିନରେ ଏହିପରି ବେଆଇନ ଚୋରା ଚାଲାଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆହୁରି କଡ଼ାକଡ଼ି କରାଯିବ ବୋଲି କେଗାଁ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ଗତ ଜୁନ ମାସ ୨୮ ତାରିଖରୁ ଆସନ୍ତା ଅକ୍ଟୋବର ମାସ ୧୫ ତାରିଖ ପର୍ଯ୍ୟନ୍ତ ବର୍ଷା ଦିନ ପାଇଁ କଳାହାଣ୍ଡି ଖଣି ବିଭାଗ ପକ୍ଷରୁ ବାଲି ଉଠାଣ ବନ୍ଦ ରହିବ ବୋଲି ଏକ ବିଜ୍ଞପ୍ତି ବାହାରି ଥିବା ବେଳେ ଗୋଲାମୁଣ୍ଡା ବ୍ଲକର ଅନେକ ବାଲି ଘାଟରେ ଏହାକୁ ବେଖାତିର କରି ଦିନ ରାତି ବାଲି ଉଠାଇ ଜିଲ୍ଲା ଓ ଜିଲ୍ଲା ବାହାରକୁ ଶହ ଶହ ହାଇୱା ଗାଡ଼ିରେ ମାଫିଆ ମାନେ ଚୋରା ଚାଲାଣ କରୁଥିବା ଅଭିଯୋଗ ଚର୍ଚ୍ଚାର ବିଷୟ ହୋଇଛି।

## ଲଗାଣ ବର୍ଷାରେ ଚମ୍ପୁଆ ତହସିଲରେ ବହୁ ଘର କ୍ଷତିଗ୍ରସ୍ତ

ଚମ୍ପୁଆ ,୧୮।୮ (ନିପ୍ର); ଗତ ସପ୍ତାହରେ ଲଗାତାର ଦୁଇଟି ଲଘୁଚାପ ଚମ୍ପୁଆ ତହସିଲ ରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଚମ୍ପୁଆ ତହସିଲର ସାତଟି ଆରଆଇ ସର୍କଲ ଅଧୀନସ୍ଥ ଗ୍ରାମରେ ଘର ଭାଙ୍ଗି ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ବର୍ଷା ଜାରି ରହିଲେ ଆଗକୁ କ୍ଷୟକ୍ଷତି ବଢ଼ିବାର ସମ୍ଭାବନା ରହିଛି । ପ୍ରଥମ ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ପାଇଁ ୫୪ଟି ଘର ଭାଙ୍ଗି ଥିବା ବେଳେ ଦ୍ୱିତୀୟ ଲଘୁଚାପରେ ୩୪ଟି ଘର ଭାଙ୍ଗି ଥିବା ତହସିଲ ସୂତ୍ରରୁ ଜଣାପିଛି। ଆଗକୁ କ୍ଷୟକ୍ଷତି ପରିମାଣ ବୃଦ୍ଧି ପାଇବାର ଆଶଂକା ମଧ୍ୟ ରହିଛି । ସେହିପରି ଲଗାଣ



ବର୍ଷାରେ ଚମ୍ପୁଆ ବ୍ଲକରେ ପ୍ରଥମ ଲଘୁଚାପ ବର୍ଷାରେ ଦୁଇ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଦ୍ୱିତୀୟ ଲଘୁଚାପରେ ୧୮ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ସୋଇଥିବା କୃଷି ବିଭାଗ ଆକଳନ କରିଛି। କ୍ଷୟକ୍ଷତିର ଆକଳନ ଓ ଆବଶ୍ୟକ ସରକାରୀ ସହାୟତା ନେଇ ପ୍ରଶାସନିକ ସ୍ତରରେ ପଦକ୍ଷେପ ନିଆଯାଉଥିବା ଜଣାଯାଇଛି ।

# ଲାନ୍ଥ ନଦୀରେ ଭୁଶୁଡ଼ିଲା ଆଡିବନ୍ଧ: ବର୍ଷାଦିନରେ ଚାଲିଥିଲା କାମ

## ଠିକାଦାରଙ୍କୁ ବିଭାଗୀୟ ଅଧିକାରୀଙ୍କ ଅନୁକମ୍ପା ଅଭିଯୋଗ

ବଲାଙ୍ଗିର,୧୮।୮ (ନିପ୍ର):ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ ଲାନ୍ଥ ନଦୀରେ ବର୍ଷାଦିନରେ ବି କାମ ଚାଲିଥିବା ଅଭିଯୋଗ ହୋଇଥିଲା। କିନ୍ତୁ ଜଳ ସଂପଦ ବିଭାଗ ତାକୁ ଗୁରୁତର ସହ ନେଲା ନାହିଁ। ଯାହାଦ୍ୱାରା ପ୍ରଥମ ବନ୍ୟାରେ ହିଁ ଆଡିବନ୍ଧ ଭୁଶୁଡି ପଡିଥିଲା। ପୂର୍ବ ପ୍ରସ୍ତାବିତ ଯୋଜନା ଅନୁସାରେ, ବେଲପଡା ବ୍ଲକ ମଣ୍ଡଳ ଗାଁ ନିକଟରେ ଲାନ୍ଥ ନଦୀରେ ୨୦୨୫-୨୬ ଆର୍ଥିକ ବର୍ଷରେ ୫୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆଡିବନ୍ଧ କାମ ଆରମ୍ଭ ହୋଇଥିଲା। କାମ ଚଳିତ ବର୍ଷ ମଧ୍ୟ ଜାରି ରହିଥିଲା। ଆଡିବନ୍ଧରେ ପଥର ଗୁଡିକ କାମଚଳା ପେକିଙ୍ଗ କରାଯାଇଥିଲା । ଯାହାକୁ ନେଇ ସ୍ଥାନୀୟ ଲୋକେ ଜଳସଂପଦ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ଏବଂ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ କେହି କାମର ତଦାରଖ କରିବା ତ ଦୂରର କଥା କେହି କର୍ଣ୍ଣପାତ ମଧ୍ୟ କଲେ ନାହିଁ। ଯାହାଦ୍ୱାରା ଠିକାଦାର ମନମୁଖି କାମ ଜାରି ରଖିଥିଲେ । ଚଳିତ ବର୍ଷ ପ୍ରଥମ ବନ୍ୟା ପାଣିରେ ଏହି ଆଡିବନ୍ଧ ଭୁଶୁଡି ପଡିଛି। ଏନେଇ ବିଭାଗୀୟ ଅଧିକାରୀମାନଙ୍କୁ ପଚାରିଲେ ସମ୍ପୃକ୍ତ ଠିକାଦାର ପୁନର୍ବାର ମରାମତି କାମ କରିବେ ଏବଂ କାମ ଅଧୁରା



ଥିଲା ବୋଲି ସଫେଇ ଦେବା ସହ ଚଳିତ ବର୍ଷ ସବୁ ଆଡେ ବନ୍ୟା ପରିସ୍ଥିତ ସୃଷ୍ଟି ହୋଇଛି । ତେଣୁ କିଛି ଆଡିବନ୍ଧ ଖାଇ ଯାଇଛି। ଜୁଲାଇ ୧୫ ରୁ ଅଗଷ୍ଟ ୧୫ ଭିତରେ ଘାସ ମିଳେ । ତେଣୁ ଘାସ ଲଗାଇବା ଆଗରୁ ବର୍ଷା ପାଣି ଯୋରରେ ଆସିବାରୁ କିଛି କ୍ଷୟକ୍ଷତି ଘଟିଛି। ଠିକାଦାର ପୁଣି ସେହି କାମକୁ ଆଉଥରେ କରିବେ ବୋଲି ସଫେଇ ଦେଇଛନ୍ତି। ଏଠାରେ ସାଧାରଣରେ ପ୍ରଶ୍ନ ଉଠୁଛି ଯେ, ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ନା ନାହିଁ । ଲୋକେ ଅଭିଯୋଗ କରିବା ସମୟରେ ଅଧିକାରୀମାନେ ତଦନ୍ତ କଲେନି କାହିଁକି ? ତଦାରଖ କରୁଥିବା ଅଧିକାରୀଙ୍କ ବିରୋଧରେ ଉପରିସ୍ଥ ଅଧିକାରୀ କ'ଣ କାର୍ଯ୍ୟନୁଷ୍ଠାନ ନେବେ ? ଆଗକୁ ଯଦି ନଦୀରେ ପୁଣି ବନ୍ୟା ପାଣି ଆସେ, ତେବେ ତଟବର୍ତ୍ତୀ ଜମିଗୁଡିକ ଧୋଇ ହେବା ଆଶଙ୍କା ରହିଛି। ଚାଷୀମାନେ କ୍ଷତିଗ୍ରସ୍ତ ହେଉଥିବା ବେଳେ ଠିକଦାରଙ୍କୁ ବିଭାଗୀୟ ଅଧିକାରୀ ଅନୁକମ୍ପା ଦେଖାଇବା ବୁଝାପଡୁନାହିଁ। ଲାନ୍ଥ ନଦୀରେ ସର୍ବାଧିକ ୧୦୦ କିଲୋମିଟର ଆଡିବନ୍ଧ ତିଆରି କାମ ବାକି ରହିଛି । ବର୍ଷା ଦିନରେ କିଛି ଆଡିବନ୍ଧ କରି କାମଚଳା ବନ୍ୟା ମୁକାବିଲା ପାଇଁ ଯୋଜନା କରିବା ବୁଦ୍ଧିଜୀବୀଙ୍କୁ ଚକିତ କରିଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହେଉଛି।

## ୧୧ ଦଫା ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଭଦ୍ରକ,୧୮।୮ (ନିପ୍ର): ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍)ର ଜାତୀୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁଯାୟୀ ଦେଶବ୍ୟାପୀ ପ୍ରତିବାଦ ଆନ୍ଦୋଳନର ଅଂଶସ୍ୱରୂପ ଭଦ୍ରକ ଜିଲ୍ଲାରେ ମଧ୍ୟ ପ୍ରତିବାଦ ସଭା ଆୟୋଜନ କରାଯାଇଛି । ଗତ ଜୁଲାଇ ୨୬, ୨୭ ଓ ୨୮ ତାରିଖରେ ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ସରଳା ବିର୍ଲା ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବିଏମ୍ଏସ୍ର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଆଧାରରେ ଅଗଷ୍ଟ ୧୭ ତାରିଖରେ ଦେଶର ସମସ୍ତ ଜିଲ୍ଲା ମୁଖ୍ୟାଳୟରେ ଏହି ପ୍ରତିବାଦ ଆନ୍ଦୋଳନ କରାଯାଉଛି।ଏହି କ୍ରମରେ ଭଦ୍ରକ ଜିଲ୍ଲାରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଏମ୍ଏସ୍ ପକ୍ଷରୁ ପ୍ରତିବାଦ ସଭା ଆୟୋଜନ କରାଯାଇଛି। ସଭାରେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରାଯିବା ସହ ୧୧ ଦଫା ଦାବି ସମ୍ବଳିତ ଦାବିପତ୍ର ଭଦ୍ରକ ଜିଲ୍ଲାପାଳଙ୍କ ମାଧ୍ୟମରେ ଭାରତ ସରକାରଙ୍କ ମାନ୍ୟବର ପ୍ରଧାନମନ୍ତ୍ରୀ ଓ ଓଡ଼ିଶା ସରକାରଙ୍କ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ। ଏହି ପ୍ରତିବାଦ ସଭାରେ ଜିଲ୍ଲା ସଭାପତି ମନୋଜ କୁମାର ବଦନ୍ତରାୟ ଓ ଜିଲ୍ଲା ସମ୍ପାଦକ ପରେଶ ନାଥ ଧଳଙ୍କ ସମେତ ବିଭୁତି ଭୁଷଣ ପାଣିଗ୍ରାହୀ, କମଳାକାନ୍ତ ସାହୁ, ସଞ୍ଜୟ ନାୟକ, ନାରୀ ନେତ୍ରୀ ଲକ୍ଷ୍ମୀପ୍ରିୟା ମହାପାତ୍ର, ଅନିତା ବିଶ୍ୱାଳ, ରେଶମା ଖାତୁନ ଓ କୌଶଲ୍ୟା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଫାଶୀ ପ୍ରକ୍ରିୟା ବଦଳାଇବାର ଆଧାର ନାହିଁ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୮।୮: ମୃତ୍ୟୁଦଣ୍ଡ ପାଇଥିବା ଦୋଷୀଙ୍କୁ ଫାଶୀ ଦେବା ପରିବର୍ତ୍ତେ ଅଧିକ ମାନବୀୟ ଓ କମ୍ ଯନ୍ତ୍ରଣାଦାୟକ ପ୍ରଣାଳୀ ଆପଣାଇବା ଉଚିତ । ଏଭଳି ଦାବିରେ ଏକ ଜନସ୍ୱାର୍ଥ ଆବେଦନ ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିଲା । ଏହା ଉପରେ ମଙ୍ଗଳବାର ସର୍ବୋଚ୍ଚ ନ୍ୟାୟାଳୟ ଦେଇଛନ୍ତି ବଡ଼ ରାୟ । ଜଷ୍ଟିସ୍ ବିକ୍ରମ ନାଥ ଏବଂ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । ଦୁଇଜଣିଆ ଖଣ୍ଡପୀଠ ଫାଶୀ ଦଣ୍ଡକୁ ବାତିଲ କରି ଲେଥାଲ୍ ଇଞ୍ଜେକ୍ସନ୍ କିମ୍ବା ଅନ୍ୟ ବିକଳ୍ପ ପ୍ରଣାଳୀ ଆଣିବାର ଦାବିକୁ ଖାରଜ କରିଛନ୍ତି । ଏହା ସହ ସ୍ପଷ୍ଟ କରିଛନ୍ତି ଯେ, ବର୍ତ୍ତମାନ ଦେଶରେ ଫାଶୀ ଦେବାର ବ୍ୟବସ୍ଥା ସମ୍ବିଧାନିକ ରୂପରେ ବୈଧ ରହିବ । ସୁପ୍ରିମକୋର୍ଟ ଏହି ମାମଲା ସହ ଜଡିତ ତିନୋଟି ପୁରୁଣା ରାୟ (ଦିନା ବନାମ ଭାରତ ସଂଘ) କୁ ବଡ ବେଞ୍ଚଙ୍କ ପାଖକୁ ପଠାଇବାର ଦାବିକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି, ଏଥିପାଇଁ କୌଣସି ଠୋସ୍ ଆଧାର ନାହିଁ । ତେବେ ଫାଶୀ ପଦ୍ଧତିକୁ ସମ୍ବିଧାନିକ ଭାବେ ବୈଧ ରଖାଯାଇଥିବା ବେଳେ କେନ୍ଦ୍ର ସରକାର ଚାହିଁଲେ ଏକ ବିଶେଷଜ୍ଞ କମିଟି ଗଠନ କରି ଅନ୍ୟ କୌଣସି କମ୍ କଷ୍ଟଦାୟକ ବିକଳ୍ପ ଉପରେ ସମୀକ୍ଷା କରିପାରିବେ ବୋଲି କୋର୍ଟ କହିଛନ୍ତି । ବରିଷ୍ଠ ଆଇନଜୀବୀ ଋଷି ମାଲହୋତ୍ରାଙ୍କ ଦ୍ୱାରା ୨୦୧୭ ମସିହାରେ ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ ଭାବେ ଖାରଜ କରିଛନ୍ତି । ଋଷି ଆବେଦନରେ ଦାବି କରିଥିଲେ ଫାଶୀରେ ଝୁଲାଇ ମୃତ୍ୟୁଦଣ୍ଡ ଦେବା ଏକ ଅମାନୁଷିକ ଓ ଅତ୍ୟନ୍ତ କଷ୍ଟଦାୟକ ପ୍ରକ୍ରିୟା, ଯେଉଁଥିରେ ଅତିକମରେ ୪୦ ମିନିଟ୍ ପର୍ଯ୍ୟନ୍ତ କଷ୍ଟ ଭୋଗିବାକୁ ପଡ଼େ । ଏହା ବଦଳରେ ଆମେରିକା ଭଳି ମାରାତ୍ମକ ଇଞ୍ଜେକ୍ସନ, ଗୁଳି ମାରିବା କିମ୍ବା ଗ୍ୟାସ୍ ଚାମ୍ବର ଭଳି ବୈଜ୍ଞାନିକ ତଥା କମ୍ କଷ୍ଟଦାୟକ ଉପାୟ ଆପଣାଯାଉ । ଆଟର୍ଣ୍ଣି ଜେନେରାଲ ଆର. ଭେଙ୍କଟରମଣି ପୂର୍ବରୁ କୋର୍ଟ କହିସାରିଛନ୍ତି ଯେ, କେନ୍ଦ୍ର ସରକାର ଏହା ଉପରେ ବିଚାର କରୁଛନ୍ତି । ଏଥିପାଇଁ ଏକ କମିଟି ଗଠନ କରାଯାଇଛି । ତେବେ ଶୁଣାଣି ବେଳେ ଯେତେବେଳେ କଏଦୀଙ୍କୁ ଫାଶୀ କିମ୍ବା ବିଷାକ୍ତ ଇଞ୍ଜେକସନ ଦ୍ୱାରା ମୃତ୍ୟୁଦଣ୍ଡ ଦିଆଯିବାର ବିକଳ୍ପ କଥା ଉଠିଛି, ସେତେବେଳେ କେନ୍ଦ୍ର ସରକାର ଏହି ପ୍ରସ୍ତାବକୁ ବିରୋଧ କରିଛନ୍ତି । କେନ୍ଦ୍ର ସରକାର କହିଛନ୍ତି,ଫାଶୀ ହିଁ ସବୁଠାରୁ ସୁରକ୍ଷିତ ଏବଂ ଶୀଘ୍ର ମୃତ୍ୟୁ ପ୍ରଦାନ କରୁଥିବା ପଦ୍ଧତି । ଅନ୍ୟ ପକ୍ଷରେ ଇଞ୍ଜେକ୍ସନ ଭଳି ଉପାୟଗୁଡ଼ିକରେ ବେଳେବେଳେ ବଡ଼ ଧରଣର ତ୍ରୁଟି ଦେଖାଯାଏ ଏବଂ ଏହା ଅଧିକ ଯନ୍ତ୍ରଣାଦାୟକ ହୋଇଥାଏ ।

## ହର୍ମୁଜ୍ ପ୍ରଣାଳୀ ଦେଇ ଯିବାକୁ ୧୬ ଭାରତୀୟ ନାବିକ ମନା କଲେ




ନୂଆଦିଲ୍ଲୀ,୧୮।୮: ଯୁଦ୍ଧ ପରିସ୍ଥିତି ମଧ୍ୟରେ ବିପଜ୍ଜନକ ହୋଇପଡ଼ିଥିବା ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଇବାକୁ ୧୬ ଜଣ ଭାରତୀୟ ନାବିକ ମନା କରିଦେଇଛନ୍ତି । କମ୍ପାନି ପକ୍ଷରୁ ସେମାନଙ୍କୁ ଅଧିକ ବିପଦପୂର୍ଣ୍ଣ ଜଳପଥ ଦେଇ ଜାହାଜ ନେବାକୁ ଚାପ ଦିଆଯାଉଥିବା ଅଭିଯୋଗ କରି ସେମାନେ ଭାରତ ସରକାରଙ୍କୁ ଏସ୍ଓଏସ୍ ପଠାଇଛନ୍ତି । ନିଜ ଜୀବନକୁ ବିପଦରେ ପକାଇ ଯାତ୍ରା କରିବାକୁ ସେମାନେ ଚାହୁଁନଥିବା ଜଣାଇଛନ୍ତି । ହର୍ମୁଜ୍ ପ୍ରଣାଳୀ ଏବେ ଆମେରିକା-ଇରାନ ଯୁଦ୍ଧର ପ୍ରମୁଖ ବିପଦପୂର୍ଣ୍ଣ ଅଞ୍ଚଳ ହୋଇଛି । ଏହି ଜଳପଥ ଦେଇ ବିଶ୍ୱର ବିପୁଳ ପରିମାଣରେ ତୈଳ ଓ ଗ୍ୟାସ୍ ପରିବହନ ହୋଇଥାଏ । ଯୁଦ୍ଧ ଆରମ୍ଭ ପରଠାରୁ ଏଠାରେ ବାଣିଜ୍ୟିକ ଜାହାଜଗୁଡ଼ିକର ଯାତାୟାତ ବାଧାପ୍ରାପ୍ତ ହେବା ସହ ନାବିକଙ୍କ ସୁରକ୍ଷା ନେଇ ଗମ୍ଭୀର ଚିନ୍ତା ସୃଷ୍ଟି ହୋଇଛି । ଆକ୍ରମଣର ଆଶଙ୍କା ସହ ଜିପିଏସ୍ ସଙ୍କେତରେ ବାଧା ଓ ଜାହାଜର ଅବସ୍ଥାନ ଚିହ୍ନଟ କରିବାରେ ସମସ୍ୟା ମଧ୍ୟ ଦେଖାଦେଉଛି । ନାବିକମାନଙ୍କ ଅଭିଯୋଗ ଅନୁସାରେ, ସୁରକ୍ଷିତ ବିକଳ୍ପ ପଥ ଅପେକ୍ଷା ଶୀଘ୍ର ଗନ୍ତବ୍ୟରେ ପହଞ୍ଚିବା ପାଇଁ କମ୍ପାନି ହର୍ମୁଜ୍ ଦେଇ ଯିବାକୁ ଚାପ ପକାଉଛି । ଏଭଳି ପରିସ୍ଥିତିରେ ଯାତ୍ରା କରିବା ନିଜ ଜୀବନକୁ ବିପଦରେ ପକାଇବା ସହ ସମାନ ବୋଲି ସେମାନେ କହିଛନ୍ତି । ନାବିକମାନେ ନିଜ ସୁରକ୍ଷା ନେଇ ଚିନ୍ତା ପ୍ରକାଶ କରି ସରକାରଙ୍କ ତୁରନ୍ତ ହସ୍ତକ୍ଷେପ ଲୋଡ଼ିଛନ୍ତି । ଆନ୍ତର୍ଜାତିକ ନିୟମ ଅନୁସାରେ ଅତ୍ୟଧିକ ବିପଦପୂର୍ଣ୍ଣ ଅଞ୍ଚଳରେ ଜାହାଜ ଚଳାଇବାକୁ ନାବିକଙ୍କୁ ବାଧ୍ୟ କରାଯାଇପାରିବ ନାହିଁ । ତେବେ ଚାକିରି ହରାଇବା କିମ୍ବା ଭବିଷ୍ୟତରେ କାମ ନ ମିଳିବାର ଭୟରେ ଅନେକ ନାବିକ ଏଭଳି ଅଧିକାର ପ୍ରୟୋଗ କରିପାରୁନାହାନ୍ତି । ବର୍ତ୍ତମାନ ୧୬ ଭାରତୀୟ ନାବିକଙ୍କ ଏହି ଏସ୍ଓଏସ୍ ସେମାନଙ୍କ ସୁରକ୍ଷା ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି । ସେମାନଙ୍କ ଦାବି ଉପରେ ସରକାର କି ପଦକ୍ଷେପ ନେଉଛନ୍ତି, ତାହା ଉପରେ ଏବେ ନଜର ରହିଛି ।


## ୩୨ ହଜାର ଶିକ୍ଷକଙ୍କ ନିଯୁକ୍ତି ପାଇଁ ବିହାର ସରକାରଙ୍କ ଘୋଷଣା

ପାଟନା,୧୮।୮ : ଜନ୍ତର-ମନ୍ତର ଓ ରାଞ୍ଚିର ଜୟପାଲ ସିଂହ ମୁଣ୍ଡା ଷ୍ଟାଡିୟମ ପରି ଯେତେବେଳେ ମଙ୍ଗଳବାର ସକାଳେ ପାଟନାର ଗର୍ଦ୍ଦନିବାଗରେ ପ୍ରତିଯୋଗୀ ଛାତ୍ରଛାତ୍ରୀ ଆମରଣ ଅନଶନରେ ବସିଲେ, ପ୍ରଶାସନିକ କରିଡରରେ କମ୍ପନ ସୃଷ୍ଟି ହେଲା । ଫଳାଫଳ ଏହା ହେଲା ଯେ, ଅନଶନ ଆରମ୍ଭର କିଛି ଘଣ୍ଟା ଭିତରେ ବିହାର ଲୋକ ସେବା ଆୟୋଗ (ବିପିଏସସି) ୪ର୍ଥ ପର୍ଯ୍ୟାୟର ବିଦ୍ୟାଳୟ ଅଧ୍ୟାପକ ନିଯୁକ୍ତି ପରୀକ୍ଷାର ସରକାରୀ ଅଧିସୂଚନା ଜାରି କରିଦେଇଛି । ଏହାକୁ ବିହାରର ଲକ୍ଷ ଲକ୍ଷ ବେରୋଜଗାର ଯୁବକଯୁବତୀ ଓ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କର ବହୁତ ବଡ଼ ସଫଳତା ଭାବେ ଦେଖା ଯାଉଛି । ୩୨,୩୮୮ ଟି ପଦବୀରେ ବମ୍ପର ନିଯୁକ୍ତି , ୧ ସେପଟ୍ଟେମ୍ବରରେ ଖୋଲିବ ଆବେଦନ ପୋର୍ଟଲ । କମିଶନ ଦ୍ୱାରା ଜାରି ଅଧିସୂଚନା ଅନୁସାରେ, ଏହି ଚତୁର୍ଥ ପର୍ଯ୍ୟାୟରେ ମୋଟ ୩୨,୩୮୮ ଖାଲି ଥିବା ପଦବୀରେ ଶିକ୍ଷକଙ୍କ ନିଯୁକ୍ତି କରାଯିବ । ଏହା ପୂର୍ବରୁ ମଙ୍ଗଳବାର ସକାଳେ ଛାତ୍ର ନେତା ଦିଲୀପ କୁମାରଙ୍କ ନେତୃତ୍ୱରେ ହଜାର ହଜାର ପ୍ରାର୍ଥୀ ଗର୍ଦ୍ଦନୀବାଗ ଧାରଣ ସ୍ଥଳରେ ଅନିଶ୍ଚିତ ସମୟ ପାଇଁ ଅନଶନରେ ବସି ଥିଲେ । ପ୍ରାର୍ଥୀମାନେ ସ୍ପଷ୍ଟ କହିଥିଲେ ଯେ, ଶିକ୍ଷାମନ୍ତ୍ରୀ ମିଥିଲେଶ ତିୱାରୀ ଜୁଲାଇରେ ବିଜ୍ଞାପନର ଯେଉଁ ପ୍ରତିଶ୍ରୁତି ଦେଇଥିଲେ,ଏହାକୁ ତୁରନ୍ତ ପୂରଣ କରନ୍ତୁ କିମ୍ବା ଇସ୍ତଫା ଦିଅନ୍ତୁ ।

## ପୂରା ଦେଶରେ ବଦଳିବ ବ୍ୟବସ୍ଥା: ରାହୁଲ

ନୂଆଦିଲ୍ଲୀ,୧୮।୮ : ଝାଡ଼ଖଣ୍ଡର ଛାତ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସୋମବାର ରାତିରେ ସହମତି ହୋଇଛି । ଏହାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିଜର ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି, ଛାତ୍ରମାନେ ନିଜର ଅନଶନ ଶେଷ କରିଛନ୍ତି । ଏହି ଖବର ଶୁଣି ଭଲ ଲାଗିଲା । ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ 'ଏକ୍ସ'ରେ ଲେଖିଛନ୍ତି, "ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ଝାଡ଼ଖଣ୍ଡ ସରକାର ଆଲୋଚନାର ରାସ୍ତା ବାଛି ସମାଧାନ ବାହାର କରିଛନ୍ତି । ଛାତ୍ରମାନେ ଧୈର୍ଯ୍ୟ ରଖି ନିଜର କଥା ଉପସ୍ଥାପନ କରିଛନ୍ତି ।

## ଇମ୍ରାନ ଖାନଙ୍କୁ ହସ୍ପିଟାଲ ନେବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ଇସ୍‌ଲାମାବାଦ୧୮।୮: ପୂର୍ବତନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ଖବର ଆସିଛି । ପାକିସ୍ତାନର ସୁପ୍ରିମକୋର୍ଟ ଜେଲ୍‌ରେ ଥିବା ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତାଙ୍କ ଦଳ ପାକିସ୍ତାନ ତେହେରିକ୍-ଏ-ଇନସାଫ (ପିଟିଆଇ) ଏବଂ ତାଙ୍କ ପରିବାରର ଦୀର୍ଘ ଦିନର ଦାବିର ଜବାବରେ ଏହି ନିର୍ଦ୍ଦେଶ ଦିଆଯାଇଛି । ଆଡିଆଲା ଜେଲରୁ ଇମ୍ରାନଙ୍କ ସାମ୍ପ୍ରତିକ ଡାକ୍ତରୀ ରିପୋର୍ଟକୁ ନେଇ ଦଳ ଏବଂ ପରିବାର ଚିନ୍ତା ପ୍ରକାଶ କରିଥିଲେ । ପିଟିଆଇ ମୁଖପାତ୍ର ନଇମ ହାଇଦର ପଞ୍ଜୁଥାଙ୍କ ଅନୁଯାୟୀ, ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ଇମ୍ରାନ ଖାନଙ୍କୁ ୪୮ ଘଣ୍ଟା ମଧ୍ୟରେ ଶିଫା ଇଣ୍ଟରନ୍ୟାସନାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯିବ ଏବଂ ୧୬ ସେପ୍ଟେମ୍ବର ପର୍ଯ୍ୟନ୍ତ ସେ ସେଠାରେ ରହିବ । କୋର୍ଟ ଇମ୍ରାନ ଖାନ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ସାପ୍ତାହିକ ବୈଠକ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଆଦେଶରେ କୁହାଯାଇଛି ଯେ ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ମୂଲ୍ୟାଙ୍କନ ପାଇଁ ଏକ ମେଡିକାଲ ବୋର୍ଡ ଗଠନ କରାଯିବ, ଯେଉଁଥିରେ ଇମ୍ରାନଙ୍କ ବ୍ୟକ୍ତିଗତ ଡାକ୍ତର ଏବଂ ତାଙ୍କ ଭଉଣୀ ଡାକ୍ତର ଉଜମା ଖାନ ରହିବେ । କୋର୍ଟ ଇମ୍ରାନ ଖାନଙ୍କ ଆଇନଜୀବୀ ଏବଂ ତାଙ୍କ ପରିବାରକୁ ମେଡିକାଲ ରିପୋର୍ଟ ଗଣମାଧ୍ୟମ ସହିତ ସେୟାର ନକରିବାକୁ କିମ୍ବା ଏହି ପ୍ରସଙ୍ଗକୁ ରାଜନୀତିକରଣ ନକରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

## ହାଫିଜ୍ କାଶ୍ମୀରକୁ ୧୦ ହଜାର ଆତଙ୍କବାଦୀ ପଠାଇଥିବା ନାସିର ମଦନିଙ୍କ ଦାବି

ନୂଆଦିଲ୍ଲୀ,୧୮।୮: ପାକିସ୍ତାନରେ ଲସ୍କର-ଇ-ତୋଏବା ସହିତ ଜଡିତ ଏକ କାର୍ଯ୍ୟକ୍ରମର ଭିଡିଓ ପ୍ରକାଶ ପାଇବା ପରେ, କାଶ୍ମୀର ସମ୍ପର୍କରେ ଆଉ ଏକ ବଡ଼ ଦାବି କରାଯାଇଛି । ମୌଲବୀ ନାସିର ମଦନି ହାଫିଜ୍ ସଇଦଙ୍କର ପ୍ରଶଂସା କରି କହିଛନ୍ତି ଯେ,ସେ କାଶ୍ମୀରକୁ ୧୦ ହଜାର ଆତଙ୍କବାଦୀ ପଠାଇଥିଲେ । ପୂର୍ବତନ ଭାରତୀୟ ସାମରିକ ଅଧିକାରୀ ଲେଫ୍ଟନାଣ୍ଟ ଜେନେରାଲ ଡିପି ପାଣ୍ଡେ ଏହି ବୟାନ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ସହ ତାଚ୍ଛଲ୍ୟ କରି କହିଛନ୍ତି, ବିଦାୟର ସମୟ ଆସିଗଲା । ପାଣ୍ଡେ କହିଛନ୍ତି, ଯେଉଁମାନେ ଭାରତୀୟ ସେନା, ଚିନାର କର୍ପସ ଏବଂ ଜାମ୍ମୁ ଓ କାଶ୍ମୀର ପୁଲିସର କାର୍ଯ୍ୟ ଦେଖିଛନ୍ତି ସେମାନେ ଆତଙ୍କବାଦୀମାନଙ୍କର ଭବିଷ୍ୟତ କ'ଣ ହେବ ତାହା ଜାଣିଛନ୍ତି । ଧାର୍ମିକ ଭାଷଣ ସମୟରେ ପଡ଼ିଯାଇଥିଲେ ନାସିର ମଦନି ସମ୍ପ୍ରତି ହୃଦଘାତରେ ପୀଡିତ ହୋଇ ଖବରର ଶିରୋନାମା ପାଲଟିଥିଲେ । ରିପୋର୍ଟ ଅନୁଯାୟୀ, ଜୁଲାଇ ମାସରେ ପାକିସ୍ତାନର ପଞ୍ଜାବ ପ୍ରଦେଶର ଜାହାନିୟାନ ସହରରେ ଏକ ଧାର୍ମିକ ଭାଷଣ ସମୟରେ ସେ ପଡ଼ିଯାଇଥିଲେ ଏବଂ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା । ପରେ ତାଙ୍କ ଅବସ୍ଥା ସ୍ଥିର ଥିବା ରିପୋର୍ଟ କରାଯାଇଥିଲା । ଏବେ, ଖବର ଆସିଛି ଯେ ସେ ଅଗଷ୍ଟ ୧୪ ତାରିଖରେ ବାହାୱଲନଗରରେ ଲସ୍କର-ଇ-ତୋଏବାର ଏକ କାର୍ଯ୍ୟକ୍ରମରେ ମଞ୍ଚ ଉପରେ ଦେଖା ଦେଇଥିଲେ ।

## ଜମି ବିକ୍ରି ପାଇଁ ମନା କରିବାରୁ ପତ୍ନୀଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ଲକ୍ଷ୍ନୌ,୧୮।୮: ଉତ୍ତରପ୍ରଦେଶର ରାମପୁରରେ ଜମି ବିକ୍ରି କରିବାକୁ ପତ୍ନୀ ମନା କରିବାରୁ ତାଙ୍କୁ ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି । ଘଟଣାରେ ପୁଲିସ ଅଭିଯୁକ୍ତ ସ୍ୱାମୀ ଇସରାରକୁ ଗିରଫ କରିଛି । ଜମି ବିବାଦକୁ କେନ୍ଦ୍ର କରି ଏହି ହତ୍ୟା ଘଟିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଘଟଣାଟି ରାମପୁର ଜିଲ୍ଲାର ଏକ ଗାଁରେ ଘଟିଥିବା ବେଳେ ପୁଲିସ ମାମଲାର ତଦନ୍ତ ଜାରି ରଖିଛି । ପୁଲିସର ସୂଚନା ଅନୁସାରେ, ପୀଡ଼ିତା ନାସରିନଙ୍କ ନାମରେ ଥିବା ବା ପରିବାରରୁ ମିଳିଥିବା ଜମିକୁ ବିକ୍ରି କରିବା ପାଇଁ ସ୍ୱାମୀ ଚାପ ପକାଉଥିଲେ । କିନ୍ତୁ ନାସରିନ ଏଥିରେ ରାଜି ହୋଇନଥିଲେ । ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ବିବାଦ ବଢ଼ିଥିଲା । ପରେ ସ୍ୱାମୀ ତାଙ୍କୁ ବିଦ୍ୟୁତ୍ ଝଟକା ଦେଇ ହତ୍ୟା କରିଥିବା ଅଭିଯୋଗ ହୋଇଛି । ତାଙ୍କ ଗୁପ୍ତାଙ୍ଗ ସମେତ ଶରୀରର ୬ଟି ସ୍ଥାନରେ ବିଦ୍ୟୁତ୍ ଆଘାତଜନିତ ପୋଡ଼ାଦାଗ ଥିବା ଜଣାପଡ଼ିଛି । ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି ପଚରାଉଚରା କରୁଛି । ପୁଲିସ ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

## ହାଫିଜ୍ ସଇଦ ସମେତ ୬ ଆତଙ୍କୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ

ମୁମ୍ବାଇ, ୧୮।୮: ପାକିସ୍ତାନର ବେଇମାନିରେ ଭାରତର କଡ଼ା ଆଇନଗତ ଝଟକା । ୧୮ ବର୍ଷ ପରେ ମୁମ୍ବାଇ କୋର୍ଟରେ ହାଫିଜ ସଇଦ ସମେତ ୬ ଆତଙ୍କୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ । ମୁମ୍ବାଇର ମାଟିକୁ ୨୬ ନଭେମ୍ବର ୨୦୦୮ରେ ରକ୍ତାକ୍ତ କରିଥିବା ପାକିସ୍ତାନୀ ଆତଙ୍କବାଦୀ ଏବଂ ସେମାନଙ୍କର ମାଷ୍ଟରମାଇଣ୍ଡମାନଙ୍କ ବିରୁଦ୍ଧରେ ଭାରତର ଆଇନ କଡ଼ାକଡ଼ି ହେବାରେ ଲାଗିଛି । ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ୧୮ ବର୍ଷ ପରେ, ଏହି ରକ୍ତାକ୍ତ ଷଡ଼ଯନ୍ତ୍ରର ମୁଖ୍ୟ ପ୍ରଣେତା ହାଫିଜ୍ ସଇଦ ଏବଂ ଜକି-ଉର-ରେହମାନ ଲଖଭି ସମେତ ୬ ଜଣ ପଳାତକ ପାକିସ୍ତାନୀ ଅଭିଯୁକ୍ତଙ୍କ ବିରୁଦ୍ଧରେ ମୁମ୍ବାଇର ସ୍ୱତନ୍ତ୍ର କୋର୍ଟରେ ସେମାନଙ୍କ ଅନୁପସ୍ଥିତିରେ ଏକ ଐତିହାସିକ ମାମଲାର ବିଚାର ଆରମ୍ଭ ହୋଇଛି ।

## ରାଜସ୍ଥାନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବୋମାରେ ଉଡାଇଦେବାକୁ ଧମକ

ନୂଆଦିଲ୍ଲୀ,୧୮।୮: ରାଜସ୍ଥାନର ରାଜଧାନୀ ଜୟପୁରରେ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମାଙ୍କ କାର୍ଯ୍ୟାଳୟକୁ ବୋମା ଧମକ ମିଳିଛି । ଆଜି ଏନେଇ, ଜୟପୁର ପୋଲିସ କଣ୍ଟ୍ରୋଲ ରୁମକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଉପରେ ବୋମା ପକାଇବାକୁ ଧମକ ଦିଆଯାଇଥିବା ଏକ ଫୋନ୍ ଆସିଥିଲା । ଧମକପୂର୍ଣ୍ଣ ଫୋନ୍ କଲ୍ ପାଇବା ପରେ ପୋଲିସ ଏବଂ ସୁରକ୍ଷା ଏଜେନ୍ସି ଗୁଡ଼ିକୁ ତୁରନ୍ତ ସତର୍କ କରାଯାଇଥିଲା । ଧମକ ଫୋନ୍ ପରେ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଆଖପାଖ ଅଞ୍ଚଳରେ ସୁରକ୍ଷା କଡ଼ାକଡ଼ି କରାଯାଇଥିଲା ଏବଂ ଏକ ସର୍ଚ୍ଚ ଅପରେସନ୍ ଆରମ୍ଭ କରାଯାଇଥିଲା । ପୋଲିସ ଦଳ ଗୁଡ଼ିକ ପ୍ରାୟ ସାଢ଼େ ଚାରି ଘଣ୍ଟା ଧରି ସମଗ୍ର ଅଞ୍ଚଳକୁ ଖୋଜାଖୋଜି କରିଥିଲେ । ବମ୍ ସ୍କ୍ୱାଡ୍ ଏବଂ ଅନ୍ୟାନ୍ୟ ସୁରକ୍ଷା ଦଳ ସନ୍ଦିଗ୍ଧ ବସ୍ତୁ ଯାଞ୍ଚ କରିଥିଲେ ।

## କଂଗ୍ରେସ 'ମାଓବାଦୀ ଦଳ'ରେ ପରିଣତ ହେଉଛି: କିରଣ ରିଜିଜୁ



ନୂଆଦିଲ୍ଲୀ,୧୮।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଦିମାଗୀ ନକ୍ସଲ' ମନ୍ତବ୍ୟକୁ ନେଇ ରାଜନୈତିକ ବିବାଦ ମଧ୍ୟରେ କଂଗ୍ରେସକୁ ଟାର୍ଗେଟ୍ କରିଛନ୍ତି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ । ମଙ୍ଗଳବାର ସେ ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ଏବେ 'ମାଓବାଦୀ ଓ ନକ୍ସଲଙ୍କ ଦଳ' ଭଳି ହେବାକୁ ଯାଉଛି । ତେବେ ମୋଦୀଙ୍କ 'ଦିମାଗୀ ନକ୍ସଲ' ମନ୍ତବ୍ୟ କୌଣସି ନିର୍ଦ୍ଦିଷ୍ଟ ବିରୋଧୀ ଦଳକୁ ଲକ୍ଷ୍ୟ କରି ଦିଆଯାଇନଥିଲା ବୋଲି ରିଜିଜୁ ସ୍ପଷ୍ଟ କରିଛନ୍ତି । ଅଗଷ୍ଟ ୧୫ରେ ଲାଲକିଲ୍ଲାରୁ ଦେଶକୁ ସମ୍ବୋଧନ କରିବା ବେଳେ ମୋଦି କହିଥିଲେ ଯେ ଜଙ୍ଗଲରେ ସକ୍ରିୟ ଥିବା ସଶସ୍ତ୍ର ନକ୍ସଲମାନଙ୍କୁ ବହୁ ପରିମାଣରେ ହଟାଯାଇଛି । କିନ୍ତୁ ଦେଶର ବିଭିନ୍ନ ଅଞ୍ଚଳରେ 'ଦିମାଗୀ ନକ୍ସଲ' ରହିଛନ୍ତି ଏବଂ ସେମାନଙ୍କୁ ଚିହ୍ନଟ କରି ହଟାଯିବା ଆବଶ୍ୟକ । ଏହି ମନ୍ତବ୍ୟ ପରେ ବିରୋଧୀ ଦଳଗୁଡ଼ିକ ଆପତ୍ତି ଉଠାଇଥିଲେ । କଂଗ୍ରେସ ସାଂସଦ ପି. ଚିଦମ୍ବରମ୍ 'ଦିମାଗୀ ନକ୍ସଲ' ଶବ୍ଦକୁ ନେଇ ସାମାଜିକ ଗଣମାଧ୍ୟମରେ 'ମୁଁ ବି ଜଣେ ଦିବାଗୀ ନକ୍ସଲ ଓ ମୁଁ ଏଥିପାଇଁ ଗର୍ବିତ' ବୋଲି କହିଥିଲେ । ଏହାକୁ ନେଇ ରିଜିଜୁ ପ୍ରଶ୍ନ ଉଠାଇଛନ୍ତି । ଏଏନ୍ଆଇକୁ ଦେଇଥିବା ସାକ୍ଷାତକାରରେ ସେ କହିଛନ୍ତି ଯେ ମୋଦିଙ୍କ ମନ୍ତବ୍ୟ କୌଣସି ନିର୍ଦ୍ଦିଷ୍ଟ ବିରୋଧୀ ଦଳ ପାଇଁ ନଥିଲା, କିନ୍ତୁ କଂଗ୍ରେସ ନେତାମାନେ ଏହାକୁ ନିଜ ଉପରକୁ ନେଇଛନ୍ତି । ରିଜିଜୁ ଅଭିଯୋଗ କରିଛନ୍ତି ଯେ ସୋନିଆ ଗାନ୍ଧୀଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ସମୟର ଜାତୀୟ ପରାମର୍ଶଦାତା ପରିଷଦରେ ଏଭଳି ବିଚାରଧାରା ରଖୁଥିବା ଲୋକଙ୍କ ପ୍ରଭାବ ଥିଲା । ତାଙ୍କ ମତରେ, କଂଗ୍ରେସ ଏବେ ମାଓବାଦ ଆଡ଼କୁ ଆଗକୁ ବଢୁଛି । ରିଜିଜୁ 'ବିଚାରଧାରାଗତ ନକ୍ସଲବାଦ'ର ଉଦାହରଣ ଦେଇ ବିଚ୍ଛିନ୍ନତାବାଦୀ ମନୋଭାବ, ଧାରା ୩୭୦ ପୁନଃସ୍ଥାପନ ଦାବି ଏବଂ ଉତ୍ତର-ପୂର୍ବ ଭାରତକୁ ଦେଶଠାରୁ ପୃଥକ୍ କରିବା ଭଳି ଦାବିକୁ ଉଲ୍ଲେଖ କରିଛନ୍ତି ।

## ୫ ଦିନ ପରେ ସରିଲା ରେସକ୍ୟୁ ଅପରେସନ୍ ଟନେଲ୍ ଧସିବା ଯୋଗୁଁ ୧୦ ଶ୍ରମିକ ମୃତ,୧୨ ଆହତ

ଚମୋଲି,୧୮।୮: ଉତ୍ତରାଖଣ୍ଡର ଚମୋଲି ପିପଲକୋଟି ସୁଡ଼ଙ୍ଗ ଦୁର୍ଘଟଣାରେ ଉଦ୍ଧାର ଅଭିଯାନ ଏବେ ଶେଷ ହୋଇଛି । ଉଦ୍ଧାରକାରୀ ଦଳ ସୁଡ଼ଙ୍ଗରେ ଫସି ରହିଥିବା ଶେଷ ନିଖୋଜ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରିଛନ୍ତି । ଦୁର୍ଘଟଣାରେ ମୋଟ ୧୦ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି, ଯେତେବେଳେ ଅନ୍ୟ ୧୨ଜଣ ଆହତ ହୋଇଛନ୍ତି । ୧୩ ଅଗଷ୍ଟ, ୨୦୨୬ରେ, ମାୟାପୁର (ପିପଲକୋଟି)ର ହାଟ-ସିଆସୈନରେ ନିର୍ମାଣାଧୀନ ଟେଲରେସ୍ ଟନେଲରେ ହଠାତ୍ ପାଣି ପଶିଯାଇଥିଲା । ଫଳରେ ଟନେଲ ଭିତରେ ଫସି ଯାଇଥିଲେ ୨୨ ଜଣ ଶ୍ରମିକ । ଘଟଣାର ତୁରନ୍ତ ପରେ ଜିଲ୍ଲା ପ୍ରଶାସନ, ପୋଲିସ, ଏନଡିଆରଏଫ୍ ଓ ଏସଡିଆରଏଫ୍ ଟିମକୁ ମୁତୟନ କରାଯାଇଥିଲା । ମିଳିତ ଟିମ୍ ଯୁଦ୍ଧସ୍ତରରେ ରେସକ୍ୟୁ ଅପରେସନ୍ ଆରମ୍ଭ କରିଥିଲେ । ସୁଡ଼ଙ୍ଗ ଭିତରେ ଅନେକ ଫୁଟର ଭଗ୍ନାବଶେଷ ଏବଂ ପାଣି ଜମା ହୋଇଯାଇଥିଲା, ଯାହା ଉଦ୍ଧାରକାରୀ ଦଳଙ୍କ ପ୍ରବେଶ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା । ଭଗ୍ନାବଶେଷ ବାହାର କରିବା ସହ ପାଣି ନିଷ୍କାସନ ପାଇଁ ବଡ଼ ସକ୍ସନ୍ ପମ୍ପ ଏବଂ ଉନ୍ନତ ଉପକରଣ ବ୍ୟବହାର କରାଯାଇଥିଲା । ଦିନ ରାତି ଚାଲିଥିବା ଏହି ଅଭିଯାନରେ ଟିମ୍ ଟନେଲର କୋଣ କୋଣରେ ସର୍ଚ୍ଚ ଅପରେସନ୍ କରିଥିଲା ।

## ଦୁଇ ଗାଡ଼ି ମଧ୍ୟରେ ଧକ୍କା: ୮ ଶ୍ରମିକ ମୃତ

ଭୋପାଳ,୧୮।୮: ମଧ୍ୟପ୍ରଦେଶର ଗ୍ୱାଲିୟରରୁ ଏକ ଦୁଃଖଦ ଖବର ଆସିଛି । ସୋମବାର-ମଙ୍ଗଳବାର ରାତିରେ ଭିଣ୍ଡ୍-ଗ୍ୱାଲିୟର ଜାତୀୟ ରାଜପଥ ୭୧୯ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଛିମକା ଗାଁ ନିକଟରେ ଶ୍ରମିକମାନଙ୍କୁ ନେଇ ଯାଉଥିବା ଏକ ଦ୍ରୁତଗାମୀ ପିକଅପ୍ ଟ୍ରକ୍ ସାମ୍ନାପଟୁ ଆସୁଥିବା ଏକ ଡମ୍ପର ସହିତ ଧକ୍କା ହୋଇଛି । ଦୁର୍ଘଟଣାରେ ଆଠ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି ଏବଂ ୩୨ ଜଣ ଆହତ ହୋଇଛନ୍ତି । ପୁଲିସ ସୂଚନା ଅନୁଯାୟୀ, ଦୁର୍ଘଟଣାଟି ରାତି ପ୍ରାୟ ୧ଟା ସମୟରେ ଘଟିଥିଲା । ଗାଈ ପଲକୁ ସୁରକ୍ଷା ଦେବାକୁ ଯାଇ ଦୁର୍ଘଟଣା ଘଟିଛି । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ରାଜପଥରେ ଶୋଇଥିବା ଏକ ଗାଈ ପଲକୁ ସୁରକ୍ଷା ଦେବା ପାଇଁ ଚେଷ୍ଟା କରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ପିକଅପରେ ଥିବା ସମସ୍ତ ଶ୍ରମିକ ଉତ୍ତର ପ୍ରଦେଶର ଲଖିମପୁର ଖେରି ଜିଲ୍ଲାର ବୋଲି କୁହାଯାଉଛି । ସେମାନେ ଧାନ ତଳି ରୋଇବା କାମରେ ଆସିଥିଲେ ଏବଂ କାମ ସାରି ଘରକୁ ଫେରୁଥିଲେ । ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ଗୋହାଡ ଚୌରାହା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା ।

## ଭାରତୀୟ ନିର୍ବାଚନ ବ୍ୟବସ୍ଥାକୁ ଟ୍ରମ୍ପଙ୍କ ପ୍ରଶଂସା

ୱାସିଂଟନ,୧୮।୮ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତର ନିର୍ବାଚନ ପ୍ରଣାଳୀ ଏବଂ ଭୋଟର ପରିଚୟ ପ୍ରଣାଳୀକୁ ପ୍ରଶଂସା କରି ସେଫଗାର୍ଡ ଆମେରିକାନ ଭୋଟର ଏଲଜିବିଲିଟି(ସେଭ୍)ଆମେରିକା ଆକ୍ଟ ପାସ୍ କରିବା ପାଇଁ ତାଙ୍କର ଆହ୍ୱାନକୁ ଦୋହରାଇଛନ୍ତି । ଟ୍ରମ୍ପ ଚଳିତ ମାସର ଆରମ୍ଭରେ ଆମେରିକାରେ ଭୋଟର ପରିଚୟ ଆବଶ୍ୟକତା ସମ୍ପର୍କରେ ଏକ ସୋସିଆଲ ମିଡିଆ ପୋଷ୍ଟରେ ଭାରତର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଛନ୍ତି । ଟ୍ରମ୍ପ ଆମେରିକାରେ କଠୋର ନିର୍ବାଚନ ନିୟମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି ଯେ, ଭାରତର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଟ୍ରମ୍ପଙ୍କ ପ୍ରଶାସନକୁ ପଚାରିଥିଲେ ଯେ, ବୈଧ ଫଟୋ ପରିଚୟ ପତ୍ର ବିନା ଆମେରିକାରେ ନିର୍ବାଚନ କିପରି କରାଯାଏ । ଭାରତର ଗତ ସାଧାରଣ ନିର୍ବାଚନ ବିଷୟରେ ଉଲ୍ଲେଖ କରି ଟ୍ରମ୍ପ କହିଛନ୍ତି ଯେ ଭାରତରେ ୬୪ କୋଟି ୬୦ ଲକ୍ଷ ଭୋଟର ଥିଲେ । ସେମାନଙ୍କ ମଧ୍ୟରୁ ୧ ପ୍ରତିଶତରୁ କମ୍ ଭୋଟର ଡାକ ମାଧ୍ୟମରେ ଭୋଟ ଦେଇଥିଲେ ଏବଂ ପ୍ରତ୍ୟେକ ଭୋଟରଙ୍କ ପାଇଁ ଏକ ବୈଧ ଫଟୋ ପରିଚୟ ପତ୍ର ରହିଥିଲା । ଟ୍ରମ୍ପ 'ସେଭ୍ ଆମେରିକା ଆକ୍ଟ' ସଂସଦରେ ପାସ୍ କରିବା ପାଇଁ ତାଙ୍କର ଆହ୍ୱାନକୁ ଦୋହରାଇ କହିଛନ୍ତି, ଏହା ବର୍ତ୍ତମାନ ଜରୁରୀ । ହ୍ୱାଇଟ୍ ହାଉସ୍ ଅନୁଯାୟୀ, ଏହି ଆଇନର ଲକ୍ଷ୍ୟ ହେଉଛି, କେବଳ ଆମେରିକୀୟ ନାଗରିକମାନେ ସଂଘୀୟ ନିର୍ବାଚନ ନିଷ୍ପତ୍ତିରେ ଅଂଶଗ୍ରହଣ କରିପାରିବେ । ଡୋନାଲ୍ଡ ଟ୍ରମ୍ପ ଏହି ଆଇନ ପ୍ରଣୟନ ପାଇଁ ଚାପ ପକାଇ ଆସୁଛନ୍ତି । ହ୍ୱାଇଟ୍ ହାଉସ୍ କହିଛି, କେବଳ ଆମେରିକୀୟ ନାଗରିକମାନେ ଆମେରିକୀୟ ନିର୍ବାଚନରେ ନିଷ୍ପତ୍ତି ନେବା ଉଚିତ୍ । ଏହାକୁ ସୁନିଶ୍ଚିତ କରିବା ପାଇଁ ସେଭ୍ ଆମେରିକା ଆଇନ ସ୍ୱାଗତ ଯୋଗ୍ୟ ବିଲ୍ ।

# ଅଗଷ୍ଟ ଏବଂ ସେପ୍ଟେମ୍ବରରେ ବର୍ଷା କମ୍ ସମ୍ଭାବନା



### ଏଲ୍ ନିନୋ ହେବ ସକ୍ରିୟ

ନୂଆଦିଲ୍ଲୀ,୧୮।୮: ମୌସୁମୀର ସ୍ଥିତି ଦୁର୍ବଳ ହେବା ସହିତ ମରୁଡ଼ିର ଆଶଙ୍କା ବୃଦ୍ଧି ପାଉଛି । ଘରୋଇ ପାଣିପାଗ ପୂର୍ବାନୁମାନ ସଂସ୍ଥା ସ୍କାଇମେଟ୍ ୱେଦର ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସମ୍ପର୍କରେ ସମାନ ସତର୍କତା ଜାରି କରିଛି । ସ୍କାଇମେଟ୍ ଚାରି ମୌସୁମୀ ମାସରେ ପୂର୍ବାନୁମାନ କରାଯାଇଥିବା ମୌସୁମୀ ବର୍ଷାର ମାତ୍ର ୮୫% ଆକଳନ କରିଛି । ଚଳିତ ବର୍ଷ ଦେଶରେ ମରୁଡ଼ିର ଆଶଙ୍କା ୭୦% ବୃଦ୍ଧି ପାଇଛି । ପୂର୍ବରୁ ଏପ୍ରିଲରେ, ସ୍କାଇମେଟ୍ ଦୀର୍ଘକାଳୀନ ହାରାହାରି (ଏଲପିଏ) ମୌସୁମୀ ବର୍ଷାର ୯୪% ଆକଳନ କରିଥିଲା । ତେବେ ପ୍ରଶାନ୍ତ ମହାସାଗରରେ ଦ୍ରୁତ ଗତିରେ ଶକ୍ତିଶାଳୀ ହେଉଥିବା ଏଲ୍ ନିନୋ ଯୋଗୁଁ ମୌସୁମୀ କ୍ରମାଗତ ଭାବରେ ଦୁର୍ବଳ ହେଉଛି । ସ୍କାଇମେଟ୍ ୱେଦର ଅନୁଯାୟୀ, ଦେଶର ଅନେକ ଅଞ୍ଚଳରେ ଅବଶିଷ୍ଟ ମୌସୁମୀ ଋତୁରେ ଅସମାନ ବର୍ଷା ହେବ । ଅଗଷ୍ଟ ଶେଷ ସୁଦ୍ଧା, ହାରାହାରି ୧୬% ବର୍ଷା କମ୍ ହେବା ଅନୁମାନ କରାଯାଉଛି । ସେପ୍ଟେମ୍ବରରେ ଏଲ୍ ନିନୋ ଶକ୍ତିଶାଳୀ ହେବ ଏବଂ ଏକ ସୁପର ଏଲ୍ ନିନୋରେ ରୂପାନ୍ତରିତ ହେବ, ଯାହା ଦ୍ୱାରା ସେପଟ୍ଟେମ୍ବରରେ ବର୍ଷା ପରିମାଣ ୨୦% ହ୍ରାସ ପାଇବ । ଅଗଷ୍ଟ ୧୭ ତାରିଖ ସୁଦ୍ଧା ଦେଶରେ ସ୍ୱାଭାବିକ ତୁଳନାରେ ୧୩% କମ୍ ବର୍ଷା ହୋଇଛି । ଜୁନ୍ ୧ ରୁ ଅଗଷ୍ଟ ୧୭ ତାରିଖ ମଧ୍ୟରେ ଭାରତରେ ମାତ୍ର ୫୧୮.୭ ମିମି ବର୍ଷା ରେକର୍ଡ କରାଯାଇଛି । ସାଧାରଣତଃ, ଏହି ସମୟ ମଧ୍ୟରେ ୫୯୬ ମିମି ବର୍ଷା ଆବଶ୍ୟକ ହେଉଥିଲା । ସମଗ୍ର ମୌସୁମୀ ଋତୁ ପାଇଁ ହାରାହାରି ପ୍ରାୟ ୮୭୦ ମିମି । ଭାରତ ପାଣିପାଗ ବିଭାଗ (ଆଇଏମଡି) ମଧ୍ୟ ପୂର୍ବରୁ ଜୁନ୍ ମାସରେ ଏହାର ପୂର୍ବାନୁମାନକୁ ୯୦%କୁ ହ୍ରାସ କରି ମରୁଡ଼ି ଆକଳନକୁ ୬୦% ଦର୍ଶାଇଥିଲା ।ଉତ୍ତର-ପଶ୍ଚିମ ଭାରତରେ, ଉତ୍ତର ପ୍ରଦେଶ, ଦିଲ୍ଲୀ, ପଞ୍ଜାବ, ରାଜସ୍ଥାନ ଏବଂ ହରିୟାଣା ସମେତ, ୩୬୧.୭ମିମି ବର୍ଷା ହୋଇଛି, ଯାହା ସାଧାରଣ ୪୦୮.୭ ମିମି ବର୍ଷା ତୁଳନାରେ ୧୨ ପ୍ରତିଶତ କମ୍ ବର୍ଷା ହୋଇଛି । ଦକ୍ଷିଣ ଉପଦ୍ୱୀପରେ ୩୭୫ ମିମି ବର୍ଷା ହୋଇଛି, ଯାହା ସାଧାରଣ ୪୭୭ ମିମି ବର୍ଷା ତୁଳନାରେ ୧୩ ପ୍ରତିଶତ କମ୍ ବର୍ଷା ହୋଇଛି । ସମଗ୍ର ଦେଶରେ ୫୧୮.୭ ମିମି ବର୍ଷା ହୋଇଛି, ଯାହା ସାଧାରଣ ୫୯୬.୨ ମିମି ବର୍ଷା ତୁଳନାରେ ୧୩ ପ୍ରତିଶତ କମ୍ ବର୍ଷା ହୋଇଛି । ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ ଭଳି ମଧ୍ୟ ଭାରତୀୟ ରାଜ୍ୟଗୁଡ଼ିକରେ ଅଗଷ୍ଟ ୧୭ ତାରିଖ ସୁଦ୍ଧା ୬୬୭.୫ ମିମି ବର୍ଷା ହୋଇଛି, ଯାହା ସାଧାରଣ ହାରାହାରି ୬୭୪.୭ ମିମି ବର୍ଷା ଅଟେ, ଯାହା ୧% ହ୍ରାସ । ଏହି ସମୟରେ, ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତରେ ୬୮୪.୮ ମିମି ବର୍ଷା ହୋଇଛି । ସେସବୁ ଅଞ୍ଚଳରେ ସାଧାରଣ ୯୩୮.୭ ମିମି ବର୍ଷା ହୋଇଥାଏ । ଏହା ୨୭% ବର୍ଷା ହ୍ରାସକୁ ସୂଚିତ କରିଛି । ଭାରତୀୟ ପାଣିପାଗ ବିଭାଗ ଏକ ସ୍ୱତନ୍ତ୍ର ମୌସୁମୀ ବୁଲେଟିନରେ କହିଛି ଯେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଏବେ ଏକ ଡିପ୍ରେସନରେ ପରିଣତ ହୋଇଛି । ଏହା ପୂର୍ବ ଭାରତର ଅନେକ ରାଜ୍ୟ, ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ସମେତ ଏବଂ ମଧ୍ୟ ପ୍ରଦେଶ ଏବଂ ଛତିଶଗଡ଼ ସମେତ ମଧ୍ୟ ଭାରତରେ ଆଗାମୀ ୨୪ ରୁ ୪୮ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବ ବୋଲି ସତର୍କ କରାଇ ଦେଇଛି । ଏହି ରାଜ୍ୟଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।ମୌସୁମୀ ଟ୍ରଫ୍, ଯାହା ଭଲ ବର୍ଷା ଆଣିପାରେ ବୋଲି ଆଶା କରାଯାଉଛି, ବର୍ତ୍ତମାନ ପଞ୍ଜାବର ଫିରୋଜପୁର, ମୁଜାଫରନଗର, ବସ୍ତି, ପାଟନା ଏବଂ ପଶ୍ଚିମବଙ୍ଗ ଉପରେ ଡିପ୍ରେସନ କେନ୍ଦ୍ରରୁ ବଙ୍ଗୋପସାଗର ପର୍ଯ୍ୟନ୍ତ ବିସ୍ତୃତ ରହିଛି ।

# ଚୋରି ର୍ୟାକେଟର ପର୍ଦ୍ଦାଫାଶ: ୧୨ ଗିରଫ

## ୮୦ ଗ୍ରାମ ସୁନା, ୫୮୧ ଗ୍ରାମ ରୁପା, ୧୨ ମୋବାଇଲ୍ ଫୋନ୍, ୪ଟି ଚାରିଚକିଆ ଓ ବାଇକ୍ ଜବତ



ରାୟଗଡ଼ା(ନିପ୍ର): ରାୟଗଡ଼ା ପୋଲିସକୁ ମିଳିଛି ବଡ଼ ସଫଳତା। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ହେଉଥିବା ଚୋରି ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ। ଘଟଣାରେ ୧୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ପ୍ରାୟ ୧୪ ଭରିରୁ ଅଧିକ ସୁନା, ୫୮୧ ଗ୍ରାମ ରୁପା, ୧୨ଟି ମୋବାଇଲ୍ ଫୋନ୍, ୪ଟି ଚାରିଚକିଆ ଗାଡ଼ି ଓ ଗୋଟିଏ ବୁଲେଟ୍ ଜବତ ହୋଇଛି। ରାୟଗଡ଼ା ଏସପି ରାଜପ୍ରସାଦଙ୍କ ତତ୍ତ୍ୱାବଧାନରେ ଗୁଇନ୍ଦା, ରେଡ୍ ଓ ସାଇବର ୟୁନିଟ୍‌ର ମିଳିତ ତଦନ୍ତରେ ଏହି ସଫଳତା ମିଳିଛି। ସମାନ ଢଙ୍ଗରେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଚୋରି ହେଉଥିବା ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ରାୟଗଡ଼ା, ରମାନାଗୁଡ଼ା, ଦୋରଗୁଡ଼ା ଓ ଗୁଣୁପୁର ଥାନାରେ ରୁଜୁ ହୋଇଥିବା ମାମଲାକୁ ନେଇ ଗଠନ ହୋଇଥିଲା ସ୍ୱତନ୍ତ୍ର ଟିମ୍। ଗୁଇନ୍ଦା ସୂଚନା, କ୍ଷେତ୍ର ତଦନ୍ତ ଓ ବୈଷୟିକ ବିଶ୍ଳେଷଣ ପରେ ୧୨ଜଣ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି ପୋଲିସ। ଅଭିଯୁକ୍ତଙ୍କଠାରୁ ୮୦ ଗ୍ରାମ ସୁନା, ୫୮୧ ଗ୍ରାମ ରୁପା, ତରଳାଯାଇଥିବା ୧୬.୭୫ ଗ୍ରାମ ଓ ୧୮ ଗ୍ରାମ ସୁନା ଜବତ ହୋଇଛି। ଏହାସହ ବ୍ୟାଙ୍କରେ ବନ୍ଧକ ରଖାଯାଇଥିବା ପ୍ରାୟ ୧୨୫ ଗ୍ରାମ ସୁନା ଅଳଙ୍କାର ମଧ୍ୟ ପୋଲିସ ଜବତ କରିଛି। ଚୋରିରେ ବ୍ୟବହୃତ ଏର୍ଟିଗା, ସେଭ୍ରୋଲେଟ୍, ବୋଲେରୋ ନିଓ ଓ ଗୋଟିଏ ବୁଲେଟ୍ ମୋଟରସାଇକେଲ୍ ଜବତ ହୋଇଛି। ତାଲା ଭାଙ୍ଗିବା ପାଇଁ ବ୍ୟବହୃତ କ୍ରୋବାର୍ ଓ ସ୍କ୍ରୁ ଡ୍ରାଇଭର ସହ ସୁନା ତରଳାଇବାରେ ବ୍ୟବହୃତ ଗ୍ୟାସ୍ ସିଲିଣ୍ଡର, ଅନ୍ୟାନ୍ୟ ସରଞ୍ଜାମ ଓ ସୁନା ଓଜନ ମେସିନ୍ ମଧ୍ୟ ଜବତ ହୋଇଛି। ପୋଲିସ ଅନୁସାରେ, ଅଭିଯୁକ୍ତମାନେ ପ୍ରଥମେ ଖାଲି ଘର ଓ ଜନଶୂନ୍ୟ ଘର ଚିହ୍ନଟ କରୁଥିଲେ। ପରେ ଯୋଜନାବଦ୍ଧ ଭାବେ ଚୋରି କରି ସୁନା ଅଳଙ୍କାରକୁ ତରଳାଇ ଦେଉଥିଲେ। ଏହାପରେ ସୁନାକୁ ବ୍ୟାଙ୍କରେ ବନ୍ଧକ ରଖି ଟଙ୍କା ନେଉଥିବା କିମ୍ବା କମ୍ ଦରରେ ବିକ୍ରି କରୁଥିଲେ। ରାୟଗଡ଼ା ଜିଲ୍ଲାର ବିଭିନ୍ନ ଥାନାରେ ରୁଜୁ ହୋଇଥିବା ୧୫ଟି ମାମଲାରେ ଏହି ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ରାଜ ପ୍ରସାଦ, ଆରକ୍ଷୀ ଅଧୀକ୍ଷକ, ରାୟଗଡ଼ା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

## ମଦ ଜବତ, ଅଭିଯୁକ୍ତ ଧରାପଡ଼ିଲା



ପିପିଲି(ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ରେସୀଙ୍ଗା ଛକରେ ବଳଙ୍ଗା ପୋଲିସ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ ଜବତ କରାଯିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲା ରେସିଙ୍ଗା ଗ୍ରାମର ଜଟାଧାରୀ ବେହେରା (୭୯) ବୋଲି ପୋଲିସ ସୂଚନା ଦେଇଛି। ସୋମବାର ସନ୍ଧ୍ୟାରେ ଜଟାଧାରୀ ରେସିଙ୍ଗା ଛକରେ ଚୋରା ମଦ କାରବାର କରୁଥିବା ନେଇ ଥାନା ଆଇଆଇସି ସସ୍ମିତା ସାହୁଙ୍କୁ ସୂଚନା ମିଳିଥିଲା। ସୂଚନା ଆଧାରରେ ପୋଲିସ ଟିମ ଘଟଣା ସ୍ଥଳରେ ଚଢ଼ଉ କରି ଅଭିଯୁକ୍ତ ଜଟାଧାରୀଙ୍କୁ ଗିରଫ କରି ତା ନିକଟରୁ ୬ଲିଟର ଦେଶୀ ମଦକୁ ଜବତ କରିଥିଲେ।

## ଗଡ଼ପୋସରେ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ: ପ୍ରେମିକ ଗିରଫ

ସମ୍ବଲପୁର: ଗଡ଼ପୋସ ଅଞ୍ଚଳରେ ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ଜଣେ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଗୋବିନ୍ଦପୁର ଥାନା ପୋଲିସ ତାଙ୍କ ପ୍ରେମିକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅନ୍ତର୍ଗତ ଗଡ଼ପୋସ ଦେହୁରିପଡ଼ା ଗ୍ରାମର ଲିଲିମା ଭେଙ୍ଗରାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ସୁଜାତା ଭେଙ୍ଗରାଙ୍କ ସହ ବୁଣ୍ଡୁ କାମାଲ ଗ୍ରାମର ଅନୁଜ ଲୁଗୁନଙ୍କ ପ୍ରେମ ସମ୍ପର୍କ ଥିଲା। ଗତ ୧୫ ଅଗଷ୍ଟ ସନ୍ଧ୍ୟାରେ ଅନୁଜ ସୁଜାତାଙ୍କୁ ନିଜ ଘରକୁ ଡାକିଥିଲେ। ପରଦିନ ସୁଜାତା ତାଙ୍କ ଘରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଅନୁଜ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ତେବେ ଘଟଣାସ୍ଥଳରେ ସୁଜାତାଙ୍କ ମୁହଁ ଓ ବେକରେ ଏକାଧିକ ଦାଗ ଦେଖିବା ପରେ ପରିବାର ଲୋକେ ହତ୍ୟା ସନ୍ଦେହ ପ୍ରକାଶ କରି ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହାପରେ ଅନୁଜ ଲୁଗୁନକୁ ହତ୍ୟା ଅଭିଯୋଗରେ ଗିରଫ କରାଯାଇ ଡାକ୍ତରୀ ପରୀକ୍ଷା ପରେ ତାକୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ନାଳରେ ବୁଡ଼ି ଜଣଙ୍କ ମୃତ୍ୟୁ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଆମ୍ବକଟା ଗ୍ରାମର ଜଣେ ବ୍ୟକ୍ତି ନାଳରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଚନ୍ଦ୍ରମଣି ଛୋଟରାୟ(୫୭)। ମିଳିଥିବା ସୂଚନା ଅନୁଯାୟୀ, ଚନ୍ଦ୍ରମଣି ସୋମବାର ଅପରାହ୍ନ ପ୍ରାୟ ୩ଟାରେ ଘରୁ ଶୌଚ ପାଇଁ ନିକଟସ୍ଥ ନାଳକୁ ଯାଇ ଫେରିନଥିଲେ। ମଙ୍ଗଳବାର ସକାଳେ ତାଙ୍କ ମୃତଦେହ ଗ୍ରାମ ନିକଟସ୍ଥ ନାଳରେ ଭାସୁଥିବା ଦେଖି ଗ୍ରାମବାସୀ କୁଚିଣ୍ଡା ପୋଲିସକୁ ଖବର ଦେଇଥିଲେ। କୁଚିଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା (ନଂ ୨୭/୨୦୦୬) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ଯୋବ୍ରା ବ୍ୟାରେଜରୁ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର

କଟକ(ନିପ୍ର): ମହାନଦୀର ଯୋବ୍ରା ବ୍ୟାରେଜର ୪୧ ନମ୍ବର ଗେଟରେ ଲାଗିଥିବା ଜଣେ ମହିଳାଙ୍କ ମୃତ ଦେହକୁ ପୁଲିସ ଓ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି । ମୃତକ ମହିଳାଙ୍କ ପରିଚୟ ମିଳିପାରିନାହିଁ। ମୃତକଙ୍କ ବୟସ ପ୍ରାୟ ୩୫ ବର୍ଷ ହେବ। ଅଗ୍ନିଶମ ବାହିନୀ ଉଦ୍ଧାର ପରେ ମୃତ ଦେହକୁ ପୋଲିସକୁ ହସ୍ତାନ୍ତର କରିଛି। ପୋଲିସ ମୃତ ଦେହକୁ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ମେଡିକାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନା ଯୋଗ୍ୟ, ସୋମବାର ରାତ୍ର ୧୦ ଘଟିକା ସମୟରେ ମହାନଦୀ ଯୋବ୍ରା ବ୍ୟାରେଜର ୪୧ ନମ୍ବର ଗୋଟରେ ଏକ ମୃତଦେହ ଭାସୁ ଥିବାର ଦେଖି କିଛି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚିଥିଲେ । କିନ୍ତୁ ପାଣିର ପ୍ରଖର ସ୍ରୋତ ଓ ରାତ୍ର ସମୟ ହୋଇ ଥିବାରୁ ଉଦ୍ଧାର କାର୍ଯ୍ୟକୁ ସ୍ଥଗିତ ରଖାଯାଇଥିଲା। ମଙ୍ଗଳବାର ସକାଳେ ଅଗ୍ନିଶମ ବାହିନୀ ଓ ପୁଲିସ ମହାନଦୀ ପାଣିରୁ ମୃତ ଦେହକୁ ଉଦ୍ଧାର କରିଥିଲେ । ପୋଷ୍ଟମଟମ ରିପୋଟ ଆସିବା ପରେ ଅଧିକ ତଥ୍ୟ ମିଳିପାରିବ ଓ ତଦନ୍ତରେ ସହାୟତା ହୋଇପାରିବ ବୋଲି ଥାନାଧିକାରୀ ପ୍ରଶାନ୍ତ କୁମାର ସାସମଲ ପ୍ରକାଶ କରିଛନ୍ତି।

## ଯୁବକଙ୍କ ଉନ୍ମତ୍ତକାଣ୍ଡ: ଯୁବତୀଙ୍କ ଘରେ ପଶି ୫ ଜଣଙ୍କୁ ହାଣିଲା

ସୋର: ବାଲେଶ୍ୱର ଔପଦା ଥାନା ପାଟପୁର ଗାଁରେ ଚାଞ୍ଚଲ୍ୟକର ଘଟଣା ଏକତରଫା ପ୍ରେମରୁ ଛୁରିରେ ଆକ୍ରମଣ କଲା ଯୁବକ। ଯୁବତୀଙ୍କ ସମେତ ବାପା, ମାଆ, ଭାଇ ଓ ଜେଜେବାପାଙ୍କୁ ଆକ୍ରମଣ କରିଛି ଯୁବକ। ସୂଚନା ଅନୁଯାୟୀ ପୂର୍ବରୁ ଯୁବକ-ଯୁବତୀ ଏକ ସରକାରୀ ସ୍କୁଲରେ ଶିକ୍ଷକତା କରୁଥିଲେ। ଏକତରଫା ପ୍ରେମକୁ ନେଇ ଯୁବକଙ୍କ ନାଁରେ ଯୁବତୀ ଜଣକ ଅଭିଯୋଗ କରିଥିଲେ। ଯୁବତୀଙ୍କ ଅଭିଯୋଗ ଆଧାରରେ ଚାକିରିରୁ ବିଦା ହୋଇଥିଲେ ଅଭିଯୁକ୍ତ ଯୁବକ। ତେବେ ପୁରୁଣା ରାଗ ରଖି ଯୁବତୀଙ୍କ ପରିବାରକୁ ଛୁରିରେ ଆକ୍ରମଣ କରିଛି ବୋଲି ଅନୁମାନ କରାଯାଉଛି। ଯୁବକଙ୍କ ଆକ୍ରମଣର ଶିକାର ହୋଇ ଗୁରୁତର ଅବସ୍ଥାରେ ପରିବାର ସମସ୍ତଙ୍କୁ ବାଲେଶ୍ୱର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀ ଯୁବକଙ୍କୁ କାବୁ କରି ପୋଲିସ୍ ଜିମା ଦେଇଛନ୍ତି ଗାଁ ଲୋକେ। ଘଟଣାକୁ ଅଧିକ ତଦନ୍ତ ଆରମ୍ଭ କରିଛି ପୋଲିସ୍।

## ଗୋପରେ ଚାଞ୍ଚଲ୍ୟ: ବାପା-ମାଆଙ୍କୁ ଛୁରାମାଡ଼

ଗୋପ: ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ଗଣେଶ୍ୱରପୁର ଗାଁରେ ଘଟିଛି ଚାଞ୍ଚଲ୍ୟକର ଘଟଣା। ଜଣେ ଯୁବକ ନିଜ ବାପା-ମାଆଙ୍କୁ ଛୁରାମାଡ଼ କରିଥିବା ବେଳେ ତାଙ୍କୁ କାବୁ କରିବାକୁ ଯାଇଥିବା ପୁଲିସ କର୍ମଚାରୀଙ୍କୁ ମଧ୍ୟ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ ବାପା-ମାଆଙ୍କୁ ଉଦ୍ଧାର କରାଯାଇ ଗୋପ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ଗୋପ ଥାନା ପୁଲିସ ଗଣେଶ୍ୱରପୁରରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲା। ତେବେ ଅଭିଯୁକ୍ତ ପୁଲିସ ଉପରକୁ ମଧ୍ୟ ଛୁରାମାଡ଼ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗଣେଶ୍ୱରପୁର ଗ୍ରାମର ରାମଚନ୍ଦ୍ର ରଥଙ୍କ ଏକମାତ୍ର ପୁଅ ବିକ୍ରମ ରଥ ଆଜି ସକାଳେ ନିଜ ବାପାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ପରେ ମାଆଙ୍କୁ ମଧ୍ୟ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ପହଞ୍ଚିଥିବା ଗୋପ ଥାନାର ୩ ଜଣ କର୍ମଚାରୀ ମଧ୍ୟ ଯୁବକଙ୍କ ଆକ୍ରମଣର ଶିକାର ହୋଇଥିବା ଜଣାପଡ଼ିଛି। ଏହାପରେ ଅଭିଯୁକ୍ତ ଏକ ବନ୍ଦ କୋଠରୀ ଭିତରେ ଛୁରି ଧରି ରହିଥିବା ବେଳେ ତାଙ୍କୁ କାବୁ କରିବା ପାଇଁ ପୁଲିସ ଓ ସ୍ଥାନୀୟ ଅଗ୍ନିଶମ ବାହିନୀ କର୍ମଚାରୀ ଉଦ୍ୟମ ଜାରି ରଖିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଏପର୍ଯ୍ୟନ୍ତ ଛୁରାମାଡ଼ର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ପାରିବାରିକ କଳହକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ପ୍ରାଥମିକ ଭାବେ ସନ୍ଦେହ କରାଯାଉଛି। ଅଭିଯୁକ୍ତଙ୍କ ମାନସିକ ବିକୃତ ଥିବା ନେଇ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ ଏନେଇ ଅଧିକାରିକ ଭାବେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଘଟଣାକୁ ନେଇ ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ଛୁରାମାଡ଼ର ପ୍ରକୃତ କାରଣ ଓ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ତଦନ୍ତ ପରେ ସ୍ପଷ୍ଟ ହେବ।

## ନାବାଳିକାକୁ ଆକ୍ରମଣ କରିଥିବା ଅଭିଯୁକ୍ତକୁ ଗିରଫ କରିବା ପାଇଁ ଦାବି

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ନିକିରାଇ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗାଁରେ ନାବାଳିକାକୁ ଆକ୍ରମଣ କରିଥିବା ଅଭିଯୁକ୍ତକୁ ଗିରଫ କରିବା ପାଇଁ ଦାବି ହୋଇଛି । ଆଜି ପୀଡିତା ନାବାଳିକାର ପରିବାର ଲୋକେ ଏସ୍ପି ଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିଛନ୍ତି । ଅଭିଯୋଗ ଅନୁଯାୟୀ ଜଗନ୍ନାଥପୁର ଗାଁର ବେଣୁଧର ମଲ୍ଲିକ ଘରେ ନଥିବାବେଳେ ତାଙ୍କ ପଡୋଶୀ ମୁନା ନାମକ ଜଣେ ଯୁବକ ତାଙ୍କ ନାବାଳିକା ଝିଅଙ୍କୁ ଆକ୍ରମଣ କରିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କେନ୍ଦ୍ରାପଡା ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା । ତେବେ ଘଟଣାକୁ ୭ ଦିନ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତକୁ ଗିରଫ କରି ନଥିବା ନାବାଳିକାଙ୍କ ମା ରେଣୁବାଳା ମଲ୍ଲିକ ଅଭିଯୋଗ କରିଛନ୍ତି ।

### ମାମୁଁ-ଭଣଜାଙ୍କ ଘରେ ଲୁଟ୍

## ଗୋଟିଏ ରାତିରେ ୫୦ ତୋଳା ସୁନା ଚୋରି !

କୋରାପୁଟ: କୋରାପୁଟ ସହର ମେଘରାଜ ଅଞ୍ଚଳରେ ବଡ଼ଧରଣର ଚୋରି ଘଟଣାକୁ ନେଇ ଆତଙ୍କ। ଗୋଟିଏ ରାତିରେ ମାମୁ ଓ ଭଣଜାଙ୍କ ଦୁଇଟି ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଚୋରି ହୋଇଛି। ଏହି ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚୋରକୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ରେଲୱେର ପୂର୍ବତନ କର୍ମଚାରୀ ଏସ୍. ଭାସ୍କର ରାଓ ଚିକିତ୍ସା ପାଇଁ ବିଶାଖାପାଟଣା ଯାଇଥିଲେ। ସେହିପରି ତାଙ୍କ ଭଣଜା କେ. ଶ୍ରୀନୁ ମଧ୍ୟ ଏକ କାର୍ଯ୍ୟରେ ଜିଲ୍ଲା ବାହାରକୁ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତ ତାଲା ଭାଙ୍ଗି ଦୁଇଟି ଘରୁ ଚୋରି କରିଥିବା ଅଭିଯୋଗ ହୋଇଛି। ଭାସ୍କର ରାଓଙ୍କ ଘରୁ ପ୍ରାୟ ୩୦ ତୋଳା ସୁନା ସହ ନଗଦ ଟଙ୍କା ଚୋରି ହୋଇଥିବା ବେଳେ ଶ୍ରୀନୁଙ୍କ ଘରୁ ପ୍ରାୟ ୨୦ ତୋଳା ସୁନା ସହ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ଚୋରି ହୋଇଛି। ଘଟଣା ପରେ ମେଘରାଜ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଅଞ୍ଚଳରେ ବାରମ୍ବାର ଚୋରି ଘଟଣା ଘଟୁଥିବା ଅଭିଯୋଗ କରି ସ୍ଥାନୀୟ ବାସିନ୍ଦା କଡ଼ାକଡ଼ି ପାଟ୍ରୋଲିଂ ବ୍ୟବସ୍ଥା ସହ ଲୋକଙ୍କୁ ସୁରକ୍ଷା ଯୋଗାଇବାକୁ ଦାବି କରିଛନ୍ତି।

## ଦୁଇ ହୋଟେଲ୍ ସିଲ୍: ବାସି ଖାଦ୍ୟ ସହ ପନିର ଜବତ



କଟକ(ନିପ୍ର): କଟକ ସିଡିଏ ସେକ୍ଟର-୬ରେ ଦୁଇଟି ହୋଟେଲ୍ ଉପରେ ଚଢ଼ାଉ କରାଯାଇଛି । ବାସି ଓ ଅପମିଶ୍ରିତ ଖାଦ୍ୟ ସହ ଏକ୍ସପାରୀ ଦହି ଏବଂ ସିନ୍ଥେଟିକ୍ ପନିର ମିଳିବା ପରେ ହୋଟେଲ୍ ଦୁଇଟିକୁ ସିଲ୍ କରିଛି କେଏମସି ସ୍ୱାସ୍ଥ୍ୟ ବିଭାଗ। ଚଢ଼ାଉ ବେଳେ ହୋଟେଲ୍ ରୋଷେଇ ଘରର ଅସ୍ୱାସ୍ଥ୍ୟକର ପରିବେଶ ସାମ୍ନାକୁ ଆସିଥିଲା। ଏହାସହ ବିପୁଳ ପରିମାଣର ବାସି ଖାଦ୍ୟ ମଧ୍ୟ ଜବତ କରାଯାଇଛି। ଦୀର୍ଘଦିନ ଧରି ଫ୍ରିଜରେ ବାସି ଖାଦ୍ୟ ରଖି ଗ୍ରାହକଙ୍କୁ ପରିବେଷଣ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଚଢ଼ାଉ କରି ଯାଞ୍ଚ କରିଥିଲା କେଏମସି। ଖାଦ୍ୟର ମାନ ଓ ପରିଚ୍ଛନ୍ନତା ନିୟମ ଉଲ୍ଲଂଘନ ନେଇ ହୋଟେଲ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ମହାନଗର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି । ଆଗାମୀ ଦିନରେ ଏହି ଚଢ଼ାଉ ଜାରି ରହିବ ବୋଲି ଜଣାପଡିଛି ।

## ସମ୍ପାଦିକାଙ୍କୁ ହତ୍ୟା ଧମକ

ପିପିଲି(ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ସାଦେରିଆ ପାଣି ପଞ୍ଚାୟତ ସମ୍ପାଦିକାଙ୍କୁ ୨ଜଣ ବ୍ୟକ୍ତି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ୨୪୩/୨୬ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ସୂଚନା ମୁତାବକ ଏହି ଥାନା ଅନ୍ତର୍ଗତ ଭୂତପଦା ଗ୍ରାମର ସୁବାଷ ବେହେରାଙ୍କ ପତ୍ନୀ ବନିତା ବେହେରା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ବନିତା ସଦେରିଆ ପାଣି ପଞ୍ଚାୟତର ସମ୍ପାଦିକା ରହିଥିଲା ବେଳେ ପ୍ରତ୍ୟକ ବର୍ଷ ଭଳି ଚଳିତବର୍ଷ କେନାଲ ସଫେଇ ପାଇଁ ତାଙ୍କ ଦିଅର ମେସିନ ଆଣି କେନାଲ ସଫା କରୁଥିଲେ। ମେସିନ ଅପରେଟରକୁ ଗ୍ରାମ କୋଠ ଘରେ ରହୁଥିଲା ବେଳେ ଗତ କିଛିଦିନ ତଳେ ଗ୍ରାମର ରଘୁନାଥ ମଲ୍ଲିକ ଓ ବ୍ରହ୍ମାନନ୍ଦ ବେହେରା କୋଠଘରେ ପହଞ୍ଚି ଅପରେଟରକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମେସିନରେ ପେଟ୍ରୋଲ ପକାଇ ନିଆଁ ଲଗାଇବାକୁ ଉଦ୍ୟମ କଲାବେଳେ ବନିତା ଓ ଗ୍ରାମର ଅନ୍ୟ ୩ଜଣ ବ୍ୟକ୍ତି ଘଟଣା ସ୍ଥଳରେ ପହଞ୍ଚି ପ୍ରତିବାଦ କରିବାରୁ ଆସାମୀମାନେ ପଳାଇଥିଲେ। ଏହି ଘଟଣା ଭଦ୍ର ଲୋକଙ୍କ ମାଧ୍ୟମରେ ସମାଧାନ ପାଇଁ ନିଷ୍ପତ୍ତି ହୋଇଥିଲା ବେଳେ ଆସାମୀ ମାନେ ଧରାଛୁଆଁ ଦେଇ ନଥିଲେ। ତେବେ ସୋମବାର ମଧ୍ୟାହ୍ନରେ ବନିତା ଦାଣ୍ଡରେ ଠିଆ ହୋଇଥିଲା ବେଳେ ଆସାମୀମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ହତ୍ୟା ଧମକ ଦେଇଥିବା ନେଇ ବନିତା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

## ଗୋମାଂସ ଚାଲାଣକାରୀ ଡ୍ରାଇଭରକୁ କୋର୍ଟ ଚାଲାଣ

### ଅନ୍ୟ କାର୍ପଟଦାର ଗିରଫ ହେବେ କେବେ ?



ଜଟଣୀ(ନିପ୍ର): ଗତକାଲି ବିଳମ୍ବିତ ରାତିରେ ଏକ ଛୋଟ ଡାଲା ଟ୍ରକରେ ବିପୁଳ ପରିମାଣର ଗୋମାଂସ ବୋଝେଇ କରି ନେଉଥିବା ତେଲେଙ୍ଗାନା ରାଜ୍ୟ ସାଇବରବାଡ ଜିଲ୍ଲାର ଶେକ ହାବୀବ (୩୦) ନାମକ ଜଣେ ଡ୍ରାଇଭରକୁ ପୁଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଏ ନେଇ ଜଟଣୀ ବଜରଙ୍ଗ ଦଳର ସଂଯୋଜକ ତଥା ଅଭିଯୋଗକାରୀ ବିଭୁ ପ୍ରସାଦ ମହାରଣାଙ୍କ ଲିଖିତ ଏତଲା ଆଧାରରେ ଜଟଣୀ ଥାନାରେ ୪୪୩/୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ସୂଚନା ମୁତାବକ ଗତକାଲି ବିଳମ୍ବିତ ରାତି ପ୍ରାୟ ୧୨.୪୫ରେ ଜଣେ ଅଭିଯୁକ୍ତ ଏକ ପିକଅପ ଭ୍ୟାନ ଯୋଗେ ବିପୁଳ ପରିମାଣର ଗୋମାଂସ ଆନ୍ଧ୍ରପ୍ରଦେଶ ଅଭିମୁଖେ ଚାଲାଣ କରୁଥିବା ନେଇ ଅଭିଯୋଗକାରୀ ଏବଂ ତାଙ୍କର ସହଯୋଗୀମାନେ ଦେଖିବାକୁ ପାଇଥିଲେ। ଅଭିଯୋଗକାରୀ ଏବଂ ତାଙ୍କ ସହଯୋଗୀମାନେ ଦେଖି ଡ୍ରାଇଭର ଜଣକ ଦ୍ରୁତଗତିରେ ଗାଡି ନେଇ ଖସି ପଳାଇବା ଲାଗି ପ୍ରୟାସ କରିଥିଲେ । କିନ୍ତୁ ଅଭିଯୋଗକାରୀ ଉକ୍ତ ଗାଡିର ପିଛା କରିବା ସହ ତାକୁ ଖୁଦୁପୁର ଛକ ନିକଟରେ ଅଟକାଇବାରେ ସକ୍ଷମ ହୋଇଥିଲେ । ଠିକ ସେତିକି ବେଳେ, ଉକ୍ତ ଗାଡ଼ିରେ ବସିଥିବା ବେଣାପଞ୍ଜରୀ ଗ୍ରାମର ଲିଟୁ ନାମକ ଅନ୍ୟ ଜଣେ ଅଭିଯୁକ୍ତ ଅନ୍ଧାରର ସୁଯୋଗ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଗାଡ଼ି ଚାଳକ ସେକ୍ ହବିବ୍‌କୁ ପଚରାଉଚରା କରିବାରୁ ବେଣାପଞ୍ଜରୀ ଗ୍ରାମର ସଲାଉଦ୍ଦିନ୍ ନାମକ ଜଣେ ବ୍ୟକ୍ତିଙ୍କ ନିର୍ଦ୍ଦେଶରେ ସେ ଉକ୍ତ ଗାଡ଼ିରେ ଗୋ-ମାଂସ ପରିବହନ କରୁଥିବା ପ୍ରକାଶ କରିଥିଲେ । ଏହାପରେ ଅଭିଯୋଗକାରୀ ଓ ତାଙ୍କ ସହଯୋଗୀମାନେ ଘଟଣା ସମ୍ପର୍କରେ ଜଟଣୀ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ମାମଲାର ତଦନ୍ତ କରି ଗାଡି ଚାଳକ ଶେଖ ହବିବଙ୍କୁ ଗିରଫ କରିବା ସହ ତାଙ୍କ ହେପାଜତରୁ ଗୋମାଂସ ଭର୍ତ୍ତି ଗାଡ଼ିକୁ ଜବତ କରିଥିଲେ। ତେବେ ଏହି ଘଟଣାରେ ସମ୍ପୃକ୍ତି ଥିବା ଅନ୍ୟମାନଙ୍କୁ ଗିରଫ କେବେ ହେବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ବନ୍ତ ପୋଲିସ୍ ପକ୍ଷରୁ ମଦ ଜବତ

ଭଦ୍ରକ: ମଙ୍ଗଳବାର ମଧ୍ୟାହ୍ନରେ ବନ୍ତ ପୋଲିସ ଏହି ଥାନା ଅଧିନ ବନ୍ତ, ଓଡଙ୍ଗ, ସରମରା ଏବଂ ଟିଲୋ ଅଂଚଳରେ ପାଟ୍ରୋଲିଂ କରୁଥିବା ବେଳେ କୌଣସି ସୁତ୍ରରୁ ଖବରପାଇ ତୋଟାସାହି ଠାରେ ଜଣେ ବାଇକ ଚାଳକକୁ ସନ୍ଦେହରେ ଅଟକାଇ ଥିଲା । ତିନି ଗୋଟି ପ୍ଲାଷ୍ଟିକ ବ୍ୟାଗରେ ରଖାଯାଇଥିବା ୧୬ ଲିଟରରୁ ଉର୍ଦ୍ଧ୍ୱ ମଦ ଯାଞ୍ଚ ସମୟରେ ଦେଖିବାକୁ ମିଳିଥିଲା । ମଦ କାରବାରର କୌଣସି ବୈଧ କାଗଜପତ୍ର ଦେଖାଇ ନପାରିବାରୁ ପୋଲିସ ମଦ, ବ୍ୟବହୃତ ବାଇକ ଓ ବ୍ୟକ୍ତିଙ୍କୁ ଥାନାକୁ ଆଣିଥିଲା । ଚୋରା ମଦ କାରବାରରେ ସଂପୃକ୍ତ ବ୍ୟକ୍ତି ଜଣକ ହେଉଛନ୍ତି ତୋଟା ସାହିର କେଲୁ ଚରଣ ଜେନାଙ୍କ ପୁଅ ଲକ୍ଷ୍ମୀଧର ଜେନା । ସେ ନିକଟସ୍ଥ ମଦ କାଉଁଟରରୁ ଏହି ମଦ ଆଣି ଗ୍ରାମରେ ଦୀର୍ଘ ବର୍ଷ ହେବ ଚୋରାରେ ବିକ୍ରୀ କରି ଆସୁଥିବା ଜଣାପଡିଛି । ଏନେଇ ବନ୍ତ ଥାନାରେ ମାମଲା ରୁଜୁ କରାଯିବା ସହ ସଂପୃକ୍ତ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସୁପ୍ରକାଶ ମହାନ୍ତି କହିଛନ୍ତି । ଚଢାଉରେ ଥାନା ଏସଆଇ ଅସ୍ମିତା ପ୍ରଧାନ, ରମାକାନ୍ତ ଭୂୟାଁ, ସରୋଜ ନାୟକ, ପ୍ରକାଶ ଜେନ ପ୍ରମୁଖ ସାମିଲ୍ ଥିଲେ ।

# ନିଶାମୁକ୍ତ ସମାଜ ଗଠନ ପାଇଁ ସାମୂହିକ ଶପଥ

## ରାଜ୍ୟ ପୋଲିସ ମୁଖ୍ୟାଳୟ ସମେତ ସମସ୍ତ ଥାନା ଓ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଶପଥ ପାଠ




କଟକ(ନିପ୍ର): ନିଶାମୁକ୍ତ ଭାରତ ଅଭିଯାନ ଅଧୀନରେ ନିଶାମୁକ୍ତ ସମାଜ ଗଠନ ଏବଂ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ମଙ୍ଗଳବାର ରାଜ୍ୟ ପୋଲିସ ମୁଖ୍ୟାଳୟ, କଟକ ସମେତ ରାଜ୍ୟର ୩୫ଟି ପୋଲିସ ଜିଲ୍ଲାର ସମସ୍ତ ଥାନା ଓ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ସାମୂହିକ ନିଶାମୁକ୍ତି ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇ ନିଶାଦ୍ରବ୍ୟର କୁପ୍ରଭାବରୁ ନିଜକୁ, ପରିବାରକୁ ଓ ସମାଜକୁ ସୁରକ୍ଷିତ ରଖିବା ପାଇଁ ଦୃଢ଼ ସଙ୍କଳ୍ପ ନେଇଥିଲେ। ନିଜେ ନିଶାଦ୍ରବ୍ୟ ସେବନରୁ ସମ୍ପୂର୍ଣ୍ଣ ଦୂରେଇ ରହିବା ସହ ବନ୍ଧୁବର୍ଗ, ପରିବାର ସଦସ୍ୟ ଓ ସମାଜର ଅନ୍ୟମାନଙ୍କୁ ନିଶାର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ଏବଂ ଓଡ଼ିଶାକୁ ନିଶାମୁକ୍ତ କରିବା ଦିଗରେ ସକ୍ରିୟ ଭୂମିକା ନେବା ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ। ନିଶାମୁକ୍ତ ସମାଜ ଗଠନରେ ଯୁବଶକ୍ତିର ଭୂମିକାକୁ ସର୍ବାଧିକ ଗୁରୁତ୍ୱ ଦେଇ ଏହି ଅଭିଯାନ ମାଧ୍ୟମରେ ସାରା ରାଜ୍ୟରେ ନିଶା ନିବାରଣର ବାର୍ତ୍ତା ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରାଯାଉଛି। ଏଥିସହ ପୋଲିସ ପ୍ରଶାସନ ପକ୍ଷରୁ ଏକ ସୁସ୍ଥ, ସୁରକ୍ଷିତ ଓ ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରାଯାଇଛି। ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଅନୁଷ୍ଠିତ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଆଇଜିପି (କାର୍ମିକ) ପ୍ରବୀଣ କୁମାର, ଆଇଜିପି (କେନ୍ଦ୍ରାଞ୍ଚଳ) ସତ୍ୟଜିତ ନାୟକ, ଡିଆଇଜିପି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜିପି (କାର୍ମିକ) ଯୁଗଳ କିଶୋର ବୋନଥଙ୍କ ସମେତ ପୋଲିସ ମୁଖ୍ୟାଳୟର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସାମୂହିକ ଭାବେ ନିଶାମୁକ୍ତି ଶପଥ ଗ୍ରହଣ କରିଥିଲେ।

## ଯୁବତୀଙ୍କୁ ଅସଦାଚରଣ ମାମଲା: ଅଭିଯୁକ୍ତ ଗିରଫ

ପିପିଲି(ନିପ୍ର): ସୋମବାର ମଧ୍ୟାହ୍ନରେ ବଳଙ୍ଗା ଥାନା ଅନ୍ତର୍ଗତ ନୟାହାଟ ସେଠୀ ସାହି ଗାଁ ମୁଣ୍ଡରେ ଜଣେ ଯୁବତୀଙ୍କୁ ଅସଦାଚରଣ ଓ ଜଣେ ଦୋକାନୀଙ୍କୁ ଆକ୍ରମଣ କରିବା ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲା ନୂଆହାଟ ଗ୍ରାମର ଭଗବାନ ଜେନା ବୋଲି ପୋଲିସ ସୂଚନା ଦେଇଛି। ତେବେ ଅସଦାଚରଣ ଅଭିଯୋଗକୁ ଖଣ୍ଡନ କରିବା ସହ ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କ ସ୍ୱାମୀଙ୍କୁ ମାଡମାରି ତାଙ୍କ ନାମରେ ମିଥ୍ୟା ଅଭିଯୋଗ କରାଯାଇଥିବା ନେଇ ଭଗବାନଙ୍କ ପତ୍ନୀ ପ୍ରତିମା ନାୟକ ଥାନାରେ ପାଲଟା ଅଭିଯୋଗ କରିବାକୁ ଆସିଥିବା ବେଳେ ପୋଲିସ ତାଙ୍କ ଅଭିଯୋଗ ରଖୁନଥିବା ନେଇ ସେ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ କହିଛନ୍ତି। ପ୍ରତିମାଙ୍କ କହିବା ଅନୁସାରେ ବାଲିଗାଁ ଗ୍ରାମର ଜଣେ ଯୁବତୀ ଝାଗେଡ଼ା ସାହି ଗାଁ ମୁଣ୍ଡରେ ଥିବା ବିଜୟ ଦାସଙ୍କ ଦୋକାନରେ କାମ କରନ୍ତି। ପ୍ରତିମାଙ୍କ ସ୍ୱାମୀ ଭଗବାନଙ୍କୁ ପୁରୀରେ ଏକ ଖେଳନା ଦୋକାନରେ କାମ କରିବା ପାଇଁ ଝିଅ ପିଲା ଆବଶ୍ୟକ ଥିବାରୁ ଯୁବତୀ ଜଣଙ୍କ ପିଲା ଠିକ୍ କରିଦେବାକୁ କହିଥିଲେ। ସୋମବାର ଉକ୍ତ ଯୁବତୀ ଜଣଙ୍କ ଘରକୁ ଯାଉଥିଲା ବେଳେ ଭଗବାନ ତାଙ୍କୁ ପିଲା ଠିକ୍ କରିବା ବିଷୟରେ ପଚାରିଥିଲେ। ଯୁବତୀ ଜଣଙ୍କ ଦରମା କେତେ ଟଙ୍କା ମିଳିବ ବୋଲି ପଚାରିବାରୁ ଭଗବାନ ତାଙ୍କୁ ମାସିକ ୮ହଜାର ଟଙ୍କା ବୋଲି କହିଥିଲେ । ଯୁବତୀ ଜଣଙ୍କ ଠିକ୍ ଅଛି ବୋଲି କହି ସେଠାରୁ ଯାଇଥିଲେ। କିଛି ସମୟ ପରେ ଭଗବାନ ଛକକୁ ଯାଉଥିବା ବେଳେ ସେଠାରେ ବିଜୟ ଦାସ ତାଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ମୋ ଦୋକାନରେ କାମ କରୁଥିବା ଯୁବତୀ ପାଇଁ କଣ ଅନ୍ୟ ଦୋକାନ ବୁଝୁଛୁ ବୋଲି କହିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା। ଏହି ସମୟରେ ବିଜୟ ଫୋନ କରି ତାଙ୍କ ଗ୍ରାମର ଏବଂ ପଡୋଶୀ ଗ୍ରାମର ଦୁଇଜଣଙ୍କୁ ଡକାଇବାରେ ସେମାନେ ଆସି କଥା ବୁଝିବାକୁ କହି ଭଗବାନଙ୍କୁ ଗାଁ ଠାକୁରାଣୀଙ୍କ ନିକଟକୁ ନେଇ ସେଠାରେ ପ୍ରବଳ ମାଡମାରି ଏହି ଘଟଣା କାହାରିକୁ ନ ଜଣାଇବାକୁ କହି ଧମକ ଦେଇଥିଲେ। ଭଗବାନ ସେଠାରୁ ଆସି ଗ୍ରାମର ମୁଖିଆଙ୍କୁ ସମସ୍ତ କଥା କହି ଘରକୁ ଆସିଥିଲେ। କିଛି ସମୟ ପରେ ଗ୍ରାମର ଭଗବାନଙ୍କ ଘରକୁ ଯାଇ କଣ ପାଇଁ ମୁଖିଆଙ୍କୁ କହିଲୁ ବୋଲି କହି ପୁନର୍ବାର ମାଡ ମାରିବାକୁ ଆସିବାରେ ପ୍ରତିମାଙ୍କ ଶାଶୁ ଶଶୁର ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଠେଲା ପେଲା କରି ଧମକ ଚମକ ଦେଇ ସେଠାରୁ ପଳାଇଥିଲେ ବୋଲି ପ୍ରତିମା ଅଭିଯୋଗ କରିଛନ୍ତି। ଏନେଇ ବଳଙ୍ଗା ଥାନା ଅଧିକାରିଣୀଙ୍କ ମତାମତ ନେବାରେ ସେ କହିଛନ୍ତି ପ୍ରତିମାଙ୍କ ଅଭିଯୋଗ ଉପରେ ଉଚ୍ଚସ୍ଥ ଅଧିକାରୀଙ୍କୁ ଜଣାଇ ଆବଶ୍ୟକ ପଡିଲେ ମାମଲା ରୁଜୁ କରାଯିବା


## ବହୁଚର୍ଚ୍ଚିତ ଦଶମ ଶ୍ରେଣୀ ଛାତ୍ରଙ୍କୁ ହତ୍ୟା ମାମଲା

# ୧୮ ଦିନରେ ଚାର୍ଜସିଟ ଦାଖଲ କଲା ପୋଲିସ

ଜୟପୁର, ୧୮/୮(ନିପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ବାରିଣିପୁଟ ଠାରେ ଦଶମ ଶ୍ରେଣୀ ଛାତ୍ର ମହେଶ ବାଘ ହତ୍ୟା ମାମଲାର ପ୍ରଦାଫାସ କରି ୧୮ ଦିନ ଭିତରେ ଚାର୍ଜ ସିଟ ଦଖଲ କରିଛି ପୋଲିସ । କୋରାପୁଟ ଜିଲ୍ଲାରେ ଚହଳ ସୃଷ୍ଟି କରିଥିବା ବାରିଣୀପୁଟ ଅଂଚଳର ଜଣେ ୧୫ ବର୍ଷୀୟ ସ୍କୁଲ ଛାତ୍ରଙ୍କ ହତ୍ୟାକାଣ୍ଡ ମାମଲାରେ ପୋଲିସ ମାତ୍ର ୧୮ ଦିନ ମଧ୍ୟରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛି । ୧୮ ଦିନ ଭିତରେ ଅଭିଯୁକ୍ତଙ୍କୁ ଗିରଫ କାରି ଚାର୍ଜ ସିଟ ଦଖଲ କରିବା ଘଟଣା ଜିଲ୍ଲାରେ ପ୍ରଥମ ଘଟଣା ବୋଲି କୁହାଯାଉଛି । ସଦର ଥାନା ମାମଲା ୨୪୩/୨୦୨୬ର ଚାର୍ଜସିଟ ଦଖଲ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ଗୋଟିଏ ୧୮ ବର୍ଷର ଯୁବକ ଓ ଜଣେ ନାବାଳକ ମିଶି ଉକ୍ତ ସ୍କୁଲ ଛାତ୍ରଙ୍କୁ ଛୁରାମାଡ଼ କରି ହତ୍ୟା କରିଥିଲେ । ମାମଲା ରୁଜୁ ହେବାର ମାତ୍ର ୪୮ ଘଣ୍ଟାମଧ୍ୟରେ ପୋଲିସ ତୁରନ୍ତ ପଦକ୍ଷେପ ନେଇ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଏହି ମାମଲାର ତଦନ୍ତ ଅଧିକାରୀ ସବ୍-ଇନ୍ସପେକ୍ଟର ଅମିୟ ରଞ୍ଜନ ସାଗରିଆ ଦାୟିତ୍ୱ ତୁଲାଉଥିବା ବେଳେ ସଦର ଆଇଆଇସି ଏବଂ ଏସଡିପିଓଙ୍କ ପ୍ରତ୍ୟକ୍ଷ ତଦାରଖରେ ସମ୍ପୂର୍ଣ୍ଣ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଥିଲା । ହତ୍ୟାକାଣ୍ଡ ପରେ ଗୁରୁତର ଆହତ ବାଳକଟିକୁ ବାରିଣୀପୁଟ ଅଂଚଳର ଦୁଇ ଜଣ ସଚେତନ ନାଗରିକ– ଅମିତ ଉତ୍ରା ଏବଂ ପବିତ୍ର ଉତ୍ରା ବିନା ବିଳମ୍ବରେ ଘଟଣାସ୍ଥଳରୁ ଉଦ୍ଧାର କରି ହସ୍ପିଟାଲ ପହଂଚାଇଥିଲେ । ସେମାନଙ୍କର ଏହି ସାହସିକତା ଓ ମାନବିକତା ପାଇଁ ଗତ ସ୍ୱାଧୀନତା ଦିବସ ପରେଡ୍ ଅବସରରେ ଦୁହିଁଙ୍କୁ 'ଉତ୍ତମ ନାଗରିକ ଭାବେ ଆନୁଷ୍ଠାନିକ ଭାବେ ସମ୍ମାନିତ କରାଯାଇଛି । ଘଟଣାସ୍ଥଳରୁ ରକ୍ତଭିଜା ଛୁରୀ ଜବତ କରାଯାଇ ଅଧିକ ଫୋରେନ୍ସିକ୍ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଏସଏଫଏସଏଲ୍‌କୁ ପଠାଯାଇଥିଲା । ଅଭିଯୁକ୍ତମାନେ ହତ୍ୟାରେ ବ୍ୟବହୃତ ଛୁରୀଟିକୁ ନିଜ ପ୍ଲାଟଫର୍ମରୁ କିଣିଥିବା ନେଇ କମ୍ପାନୀ ସ୍ପଷ୍ଟ କରିଛି । ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ବିଏନ୍ଏସ୍ଏସର ଧାରା ୧୮୦ ଅନୁସାରେ ପୋଲିସ ଏବଂ ଧାରା ୧୮୩ ଅନୁସାରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ରେକର୍ଡ କରାଯାଇଛି ।

# ୨୪ରେ ଜନ ଅଭିଯୋଗ ଶୁଣାଣି

## ୧୯ ତାରିଖ ଦିବା ୧୧ଟାଠାରୁ ଆରମ୍ଭ ହେବପଞ୍ଜୀକରଣ



ଭୁବନେଶ୍ୱର, ୧୮/୮(ନିପ୍ର): ଆଗାମୀ ଅଗଷ୍ଟ ୨୪ ତାରିଖ,ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ଜନ ଅଭିଯୋଗର ଶୁଣାଣି କରିବେ । ମୁଖ୍ୟମନ୍ତ୍ରୀ ୟୁନିଟ୍-୨,ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ସକାଳ ୮ ଘଟିକା ସମୟରୁ ସେଦିନ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଅଗଷ୍ଟ ୧୯ ତାରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (ଏଚଟିପିପିଏସ୍://ଜନଶୁଣାଣି. ଓଡ଼ିଶା. ଜିଓଭି .ଇନ୍/) ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଉପରୋକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ନାଲ୍କୋ ଏବଂ ଗବେଷଣା ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ସହଭାଗିତା



ଭୁବନେଶ୍ୱର, ୧୮/୮(ନିପ୍ର): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ), ଶିଳ୍ପ ଅବଶିଷ୍ଟ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପୁନରୁଦ୍ଧାର ପାଇଁ ସ୍କେଲେବଲ୍ ଏବଂ ବାଣିଜ୍ୟ ଉପଯୋଗୀ ସମାଧାନ ବିକାଶ କରିବା ପାଇଁ ପ୍ରମୁଖ ଜାତୀୟ ଗବେଷଣା ପ୍ରତିଷ୍ଠାନଗୁଡ଼ିକ ସହିତ ସହଭାଗିତା କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଛି । ଏହି ପ୍ରୟାସର ଅଂଶ ସ୍ୱରୂପ, ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, ଭୁବନେଶ୍ୱରସ୍ଥିତ ନାଲକୋ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର (ଏନଆରଟିସି) ରେ ବହୁବିଧ ଉପଯୋଗୀ ଉତ୍ପାଦର ପୁନରୁଦ୍ଧାର ନିମନ୍ତେ ବିଟୁମିନସ କୋଇଲା ଫ୍ଲାଏ ଆସ୍ ପ୍ରକ୍ରିୟାକରଣ ପାଇଁ ପ୍ରଥମ ସ୍ୱଦେଶୀ ପାଇଲଟ୍ ପ୍ଲାଣ୍ଟ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଜଗଦୀଶ ଅରୋରା, ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ), ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ), ଅନିଲ କୁମାର ସିଂହ, ନିର୍ଦ୍ଦେଶକ (ବାଣିଜ୍ୟିକ)ଙ୍କ ସମେତ ଡକ୍ଟର ରାମାନୁଜ ନାରାୟଣ, ନିର୍ଦ୍ଦେଶକ, ସିଏସଆଇଆର – ଆଇଏମଏମଟି, ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, ରେଜିଷ୍ଟ୍ରାର, କିଟ ବିଶ୍ୱବିଦ୍ୟାଳୟ, ତଥା ସମସ୍ତ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଦିନକୁ ୫୦ କିଲୋଗ୍ରାମ ପ୍ରସେସିଂ କ୍ଷମତା ସମ୍ପନ୍ନ ଫ୍ଲାଏ ଆଶ୍ ପ୍ରକ୍ରିୟାକରଣ ପାଇଲଟ୍ ପ୍ଲାଣ୍ଟକୁ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ସହାୟତାରେ ଉପରୋକ୍ତ ସଂସ୍ଥା ମାନଙ୍କ ଦ୍ୱାରା ମିଳିତ ଭାବେ ଡିଜାଇନ୍ ଏବଂ ପ୍ରତିଷ୍ଠା କରାଯାଇଛି । ଏହି ପାଇଲଟ୍ ସୁବିଧା ଫ୍ଲାଏ ଆଶ୍‌ର ସାମଗ୍ରିକ ବ୍ୟବହାର ପାଇଁ ସିଏସଆଇଆର –ଆଇଏମଏମଟି ଏବଂ ନାଲକୋ ଦ୍ୱାରା ବିକଶିତ ଏକ ମିଳିତ ପେଟେଣ୍ଟ ପ୍ରକ୍ରିୟା ଉପରେ ଆଧାରିତ ।

## ଓଡିଶା ହ୍ୟୁମାନ ରାଇଟ କମିଶନର ସଦସ୍ୟ ହେଲେ ବିରାଜ ଶଙ୍କର ମିଶ୍ର

ଭୁବନେଶ୍ୱର, ୧୮।୮ : ଓଡିଶା ହ୍ୟୁମାନ ରାଇଟ କମିଶନର ସଦସ୍ୟ ଭାବେ ଆଡଭୋକେଟ ବିରାଜ ଶଙ୍କର ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି । ରାଜ୍ୟପାଳଙ୍କ ଅନୁମୋଦନ ପରେ ଏହି ନିଯୁକ୍ତି ଦିଆଯାଇଛି । ଏ ନେଇ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏନେଇ ଆଇନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି (୧୧୫୪୫ /୧୮ ଅଗଷ୍ଟ ୨୦୨୬) ଅନୁସାରେ ମାନବାଧିକାର ଆଇନ ୧୯୯୩ର ଧାରା ୧ ଓ ଉପଧାରା ୨୨ ଅନୁସାରେ ଶ୍ରୀ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି । ସେ କାର୍ଯ୍ୟଭାର ଗ୍ରହଣ କରିବା ଠାରୁ ଏହା କାର୍ଯ୍ୟକାରୀ ହେବ ବୋଲି ଦର୍ଶାଯାଇଛି । କେନ୍ଦୁଝର ନିବାସୀ ନାରାୟଣ ମିଶ୍ରଙ୍କ ପୁଅ ହେଉଛନ୍ତି ଆଡଭୋକେଟ ବିରାଜ ଶଙ୍କର ମିଶ୍ର । ଓଡିଶା ହ୍ୟୁମାନ ରାଇଟ କମିଶନର ନାଗରିକଙ୍କ ଅଧିକାରକୁ ସୁରକ୍ଷା ଦେବା ଏବଂ ମାନବାଧିକାର ଉଲ୍ଲଂଘନ ସମ୍ବନ୍ଧୀୟ ଅଭିଯୋଗ ଗୁଡ଼ିକର ସମାଧାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ।

# ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ୨ ଛାତ୍ରଙ୍କ ସଫଳତା

ଭୁବନେଶ୍ୱର, ୧୮/୮(ନିପ୍ର): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଦ୍ୱାରା ଆୟୋଜିତ ଜାତୀୟସ୍ତରର ପ୍ରତିଷ୍ଠିତ 'ଯୁଭିକା ୨୦୨୬' (ଯୁବ ବିଜ୍ଞାନୀ କାର୍ଯ୍ୟକ୍ରମ)ରେ ଅଂଶଗ୍ରହଣ କରିଛନ୍ତି ଓଡ଼ିଶା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମଆରଏସ୍)ର ଦୁଇ ଜଣ ଛାତ୍ର । ସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ଓ କୌତୂହଳ ସୃଷ୍ଟି କରିବା ସହ ମହାକାଶ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ଏହାର ପ୍ରୟୋଗ ସମ୍ପର୍କରେ ଜ୍ଞାନ ଆହରଣ କରିବାର ସୁଯୋଗ ଦେବା ଏହି 'ଯୁଭିକା' କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଇସ୍ରୋର ବୈଜ୍ଞାନିକମାନଙ୍କ ସହ ଆଲୋଚନା କରିବା, ଭାରତର ମହାକାଶ ଅଭିଯାନ ସମ୍ପର୍କରେ ବୁଝିବା ଏବଂ ଇସ୍ରୋର ବିଭିନ୍ନ କାର୍ଯ୍ୟଶୈଳୀ ସମ୍ପର୍କରେ ଜାଣିବାର ସୁଯୋଗ ପାଇଛନ୍ତି ।

# ଭିଜିଲାନ୍ସ ଜାଲରେ ଆର୍‌ଆଇ

ଜୟପୁର, ୧୮/୮(ନିପ୍ର): ମାଲକାନଗିରି ତହସିଲ ଅନ୍ତର୍ଗତ ଝରାପାଲି ସର୍କିଲର ରାଜସ୍ୱ ନିରୀକ୍ଷକ (ଆରଆଇ) ସୁରଜ ବାଲାଙ୍କୁ ଓଡିଶା ଭିଜିଲାନ୍ସ ଜଣେ ଆବେଦନକାରୀଙ୍କ ଠାରୁ ତାଙ୍କ ପତ୍ନୀଙ୍କ ନାମରେ ଅନୁସୂଚିତ ଜାତି ପ୍ରମାଣପତ୍ର ପ୍ରଦାନ ପାଇଁ ଯାଞ୍ଚ ରିପୋର୍ଟ ଦାଖଲ କରିବା ପାଇଁ ୮,୦୦୦ ଟଙ୍କା ଲାଞ୍ଚ ଦାବି କରୁଥିବା ଏବଂ ନେଉଥିବା ସମୟରେ ଗିରଫ କରିଛି । ଆବେଦକ ଉପରୋକ୍ତ ଉଦ୍ଦେଶ୍ୟରେ ଆର ଆଣ୍ଡ ଡିଏମ ବିଭାଗରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଅନଲାଇନରେ ଆବେଦନ କରିଥିଲେ ଏବଂ ଆବଶ୍ୟକୀୟ ଫି ମଧ୍ୟ ଜମା କରିଥିଲେ । କିନ୍ତୁ, ଅଭିଯୁକ୍ତ ଆର.ଆଇ. ଶ୍ରୀ ବାଲା ଅଯଥାରେ ପ୍ରକ୍ରିୟାକୁ ବିଳମ୍ବ କରୁଥିଲେ ଏବଂ ଆବେଦନକାରୀ (ଅଭିଯୋଗକାରୀ)ଙ୍କ ଠାରୁ ୧୦,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ । ଶ୍ରୀ ବାଲା ଅଭିଯୋଗକାରୀଙ୍କୁ ବର୍ତ୍ତମାନ ପାଇଁ ୮ ହଜାର ଟଙ୍କା ଏବଂ କାମ ସରିବା ପରେ ୨ ହଜାର ଟଙ୍କା ଦେବାକୁ କହିଥିଲେ ।

## ଦୁଷ୍କର୍ମରେ ଶିକାର ହେଲେ କଲେଜ ଛାତ୍ରୀ

ରାଇରଙ୍ଗପୁର, ୧୮/୮(ନିପ୍ର): ଗୁଣିଗାରେଡ଼ି, ଝଡ଼ାଫୁଙ୍କା ଦ୍ୱାରା ଚିକିତ୍ସାକୁ ବେଆଇନ ଘୋଷଣା କରାଯାଇଛି । ଏନେଇ ବ୍ୟାପକ ସଚେତନତା ପରେ ମଧ୍ୟ ଏବେ ବି ଗାଁ ଗହଳିରେ ଏସବୁ ଦେଖିବାକୁ ମିଳୁଛି । ଏଭଳି ସ୍ଥିତିରେ ଜଣେ ଗୁଣିଆର ଜାଲରେ ଜଣେ କଲେଜ ପଢୁଥିବା ଛାତ୍ରୀ ଫସି ଦୁଷ୍କର୍ମର ଶିକାର ହେବା ସମ୍ପୂର୍ଣ୍ଣ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଭଳି ଏକ ଉଦ୍‌ବେଗଜନକ ଘଟଣା ମୟୂରଭଞ୍ଜ ଜିଲ୍ଲା ଦଳସରା ଅଞ୍ଚଳରେ ଘଟିଛି ।

## ୫୦ ହଜାର ଟଙ୍କା ଲାଞ୍ଚ ମାମଲା

# ପୂର୍ବତନ କନିଷ୍ଠ ଯନ୍ତ୍ରୀଙ୍କୁ ୩ ବର୍ଷ କାରାଦଣ୍ଡ

ଭୁବନେଶ୍ୱର, ୧୮/୮(ନିପ୍ର): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର ପୂର୍ବତନ କନିଷ୍ଠ ଯନ୍ତ୍ରୀ ଚିତ୍ତ ରଞ୍ଜନ ପରିଡ଼ାଙ୍କୁ ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇ ୩ ବର୍ଷର କଠୋର କାରାଦଣ୍ଡ ଦିଆଯାଇଛି । ମାମଲାର ଶୁଣାଣି ପରେ ଭୁବନେଶ୍ୱରସ୍ଥିତ ଅତିରିକ୍ତ ସ୍ୱତନ୍ତ୍ର ଜଜ୍, ଭିଜିଲାନ୍ସ ପରିଡ଼ାଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷର କଠୋର କାରାଦଣ୍ଡ ସହ ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି । ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି । ଅବସରପ୍ରାପ୍ତ ଚିତ୍ତ ରଞ୍ଜନ ପରିଡ଼ାଙ୍କ ବିରୋଧରେ ଭ୍ରଷ୍ଟାଚାର ନିବାରଣ ଆଇନ, ୧୯୮୮ର ଧାରା ୧୩(୨) ସହିତ ଧାରା ୧୩(୧)(ଡି) ଏବଂ ଧାରା ୭ ଅନୁଯାୟୀ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଅଭିଯୋଗପତ୍ର ଦାଖଲ କରାଯାଇଥିଲା । ଭିଜିଲାନ୍ସ ସୂଚନା ଅନୁଯାୟୀ, ଏକ ସିସି ରୋଡ୍ ନିର୍ମାଣ କାମ ସମ୍ପର୍କିତ ଠିକାଦାରଙ୍କ ଅନ୍ତିମ ବିଲ୍ ମଞ୍ଜୁର କରିବା ପାଇଁ ପରିଡ଼ା ଠିକାଦାରଙ୍କୁ ୫୦ ହଜାର ଟଙ୍କା ଲାଞ୍ଚ ଦାବି କରି ଗ୍ରହଣ କରିଥିଲେ ।

# ଖାରକିଭ ଅଞ୍ଚଳରେ ରୁଷ ଆକ୍ରମଣ,୧୦ ମୃତ

ନୂଆଦିଲ୍ଲୀ,୧୮।୮: ୟୁକ୍ରେନ ରାତାରାତି ମସ୍କୋରେ ୬୨୦ ରୁ ଅଧିକ ଡ୍ରୋନ ଉଡ଼ାଣ କରିଥିଲା । ନିକଟରେ ଏହା ସବୁଠାରୁ ବଡ଼ ଆକ୍ରମଣ ଥିଲା । ରୁଷ ଏବଂ ୟୁକ୍ରେନୀୟ ଅଧିକାରୀଙ୍କ ଅନୁଯାୟୀ, ୟୁକ୍ରେନର ଖାରକିଭ ଅଞ୍ଚଳରେ ରୁଷ ଆକ୍ରମଣରେ ୧୦ ଜଣଙ୍କର ମୃତ୍ୟୁ ଘଟିଛି ।ମସ୍କୋ ମେୟର ସେରଗେଇ ସୋବୟାନିନ୍ କହିଛନ୍ତି ଯେ ସୋମବାର ସନ୍ଧ୍ୟାରୁ ମଙ୍ଗଳବାର ସକାଳ ୫ଟା ମଧ୍ୟରେ ରାଜଧାନୀ ଅଞ୍ଚଳରେ ରୁଷ ପ୍ରତିରକ୍ଷା ଦ୍ୱାରା ମସ୍କୋ ଅଭିମୁଖେ ଯାଉଥିବା ୬୨୦ ଡ୍ରୋନ ମଧ୍ୟରୁ ୧୮୦ଟିକୁ 'ଧ୍ୱଂସ' କରାଯାଇଛି ।

# ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ



ନୟାଗଡ,୧୮।୮(ନିପ୍ର): ନୟାଗଡ ସଦର ଥାନା ଅନ୍ତର୍ଗତ ବଳଭଦ୍ର ପୁରଠାରୁ ଢିପାମାଳ ରାସ୍ତା ଭାୟା ସଦାବନ୍ଧ ଛକ ନିର୍ମାଣ ଦାବି ନେଇ ୧୭ ଖଣ୍ଡ ମୌଜା ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି । ଦୀର୍ଘ ୮ବର୍ଷ ଧରି ବଳଭଦ୍ରପୁରଠାରୁ ଢିପାମାଳ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦାବିକରି ରାସ୍ତାରୋକ କରି ଆସୁଥିବା ବେଳେ ରାସ୍ତା ନିର୍ମାଣ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ମିଛ ପ୍ରତିଶ୍ରୁତିର ଗୋଲାପି ଚିତ୍ର ଦେଖାଇ ଆସିଛି । ଏପଟେ ପ୍ରଶାସନ ପକ୍ଷରୁ ରାସ୍ତା ମାପଚୁପ ପାଇଁ ୧୭ମୌଜା ଗ୍ରାମବାସୀ ତଥା ପ୍ରଶାସନର ଉପସ୍ଥିତରେ ପ୍ରଶାସନ ପକ୍ଷରୁ ମାପଚୁପ ପାଇଁ ଅଗଷ୍ଟ ୧୮ତାରିଖକୁ ସମ୍ମତି ପ୍ରଦାନ କରାଯାଇଥିଲା । ଏହାକୁ ଭିତ୍ତିକରି ପ୍ରଶାସନ ପକ୍ଷରୁ ଏହାକୁ କୌଣସି କାରଣ ନେଇ ସ୍ଥଗିତ ରଖାଯାଇଥିଲା । କିନ୍ତୁ ଏପଟେ ୧୭ମୌଜା ଗ୍ରାମବାସୀ ଏହାକୁ ସହଜରେ ଗ୍ରହଣ କରି ନ ଥିଲେ । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପ୍ରଶାସନ ଅସହଯୋଗ କରୁଥିବା ବେଳେ ଏପଟେ ପ୍ରଶାସନର ରାସ୍ତା ନିର୍ମାଣ ମାପଚୁପ ପାଇଁ ସ୍ଥଗିତକୁ ଆଖି ଆଗରେ ରଖି ୧୭ ମୌଜା ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ ।

# ଓଲଟିଲା ଓମ୍ ଚକାଡୋଳା ବସ୍ ୨୧ ଆହତ, ୩ ଗୁରୁତର




ନୟାଗଡ, ୧୮।୮(ନିପ୍ର): ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଲା ଯାତ୍ରୀବାହୀ ଓମ୍ ଚକାଡୋଳା ବସ୍ । ଦୁର୍ଘଟଣାରେ ପ୍ରାୟ ୨୧ଜଣ ଯାତ୍ରୀ ଆହତ ହୋଇଥିବାବେଳେ ୩ଜଣ ଗୁରୁତର ଥିବା ଜଣାପଡ଼ିଛି । ଏଭଳି ଅଭାବନୀୟ ଘଟଣା ଘଟିଛି ଇଟାମାଟି ଥାନା ଅନ୍ତର୍ଗତ ବାଇପାସ ସୁନା ଲଟି ଛକ ନିକଟରେ । ସୂଚନା ଅନୁଯାୟୀ, ମଙ୍ଗଳବାର ଓମ୍ ଚକାଡୋଳା ନାମକ ବସ୍‌ଟି ୪୦ରୁ ଅଧିକ ଯାତ୍ରୀଙ୍କୁ ନେଇ ଦାରିଙ୍ଗବାଡ଼ିରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲା । ବାଇପାସ ସୁନାଲଟି ଛକ ନିକଟରେ ଦୁଇଟି ପଲସର ବାଇକ ବିପରୀତ ଦିଗରୁ ଦ୍ରୁତଗତିରେ ସାମ୍ନାକୁ ଆସୁଥିବା ବେଳେ ବସ ଡ୍ରାଇଭର ଭାରସାମ୍ୟ ରକ୍ଷା କରିବାକୁ ଯାଇ ଡାହାଣ ପଟକୁ ଗାଡିଟିକୁ କାଟି ଦେବାରୁ ଡିଭାଇଡରରେ ମାଡ଼ ହୋଇ ହଠାତ୍ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବସ୍ ଭିତରୁ ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ । ଆହତମାନଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସେଥିମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି । ଖବର ପାଇ ଇଟାମାଟି ପୋଲିସଓ ନୟାଗଡ଼ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ପ୍ରକୃତ କାରଣ ନେଇ ପୋଲିସ ତଦନ୍ତ ଜାରି ରଖିଛି ।

# ବିଦେଶରେ ପାଠ ପଢ଼ିବାକୁ ଏସ୍‌ସି-ଏସ୍‌ଟି ଛାତ୍ରଛାତ୍ରୀଙ୍କୁ ସରକାର ଦେବ ଟଙ୍କା

ଭୁବନେଶ୍ୱର, ୧୮/୮: ବିଦେଶର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା କରିବାକୁ ଇଚ୍ଛା ରଖୁଥିବା ଓଡ଼ିଶାର ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ବଡ଼ ଖୁସି ଖବର । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ବିଦେଶରେ ଚଏ ଓ ଚଷଉ ପଢ଼ିବା ପାଇଁ ଆର୍ଥିକ ସହାୟତା ଦେବାକୁ ଓଡ଼ିଶା ସରକାର ମଙ୍ଗଳବାର 'ବିଦେଶ ଶିକ୍ଷାବୃତ୍ତି' ଯୋଜନା ଆରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅଧୀନରେ ଆରମ୍ଭ ହୋଇଥିବା ଏହି ସ୍କଲାରସିପ୍ ମାଧ୍ୟମରେ ପ୍ରତିବର୍ଷ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ସହାୟତା ମିଳିବ । ଟ୍ୟୁସନ୍ ଫି', ରହିବା ଖର୍ଚ୍ଚ ସହ ବିଦେଶରେ ପଢ଼ା ସମୟର ଅନ୍ୟାନ୍ୟ ଆବଶ୍ୟକ ଖର୍ଚ୍ଚ ପାଇଁ ସରକାର ଆର୍ଥିକ ସହାୟତା ଦେବେ ।

# ତୃତୀୟ ସନ୍ତାନ ପାଇଁ ବି ମହିଳା କର୍ମଚାରୀଙ୍କୁ ୩୬୫ ଦିନ ମାତୃତ୍ୱ ଛୁଟି

ଚେନ୍ନାଇ,୧୮।୮: ତାମିଲନାଡୁର ସରକାରୀ ମହିଳା କର୍ମଚାରୀଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟଙ୍କ ନେତୃତ୍ୱାଧୀନ ସରକାର । ଏଣିକି ତୃତୀୟ ସନ୍ତାନ ଜନ୍ମ ପାଇଁ ମଧ୍ୟ ମହିଳା ସରକାରୀ କର୍ମଚାରୀଙ୍କୁ ୩୬୫ ଦିନ ଅର୍ଥାତ୍ ଏକ ବର୍ଷର ମାତୃତ୍ୱ ଛୁଟି ମିଳିବ । ପୂର୍ବରୁ ତୃତୀୟ ସନ୍ତାନ ପାଇଁ ଏହି ଛୁଟି ୮୪ ଦିନ ଥିଲା । ମଙ୍ଗଳବାର ତାମିଲନାଡୁ ବିଧାନସଭାରେ ମାନବ ସମ୍ବଳ ପରିଚାଳନା ମନ୍ତ୍ରୀ ଡି. ଶରଥକୁମାର ଏହି ଘୋଷଣା କରିଛନ୍ତି । ସେ କହିଛନ୍ତି, ତାମିଲନାଡୁ ସରକାର ସାମାଜିକ କଲ୍ୟାଣ ଓ ମହିଳା ସଶକ୍ତୀକରଣକୁ ପ୍ରାଥମିକତା ଦେଉଥିବାରୁ ତୃତୀୟ ସନ୍ତାନ ପାଇଁ ମିଳୁଥିବା ମାତୃତ୍ୱ ଛୁଟି ୧୨ ସପ୍ତାହରୁ ବୃଦ୍ଧି କରାଯାଇ ୩୬୫ ଦିନ କରାଯାଉଛି । ପୂର୍ବ ବ୍ୟବସ୍ଥା ଅନୁସାରେ ଦୁଇରୁ କମ୍ ସନ୍ତାନ ଜୀବିତ ଥିବା ବିବାହିତ ମହିଳା ସରକାରୀ କର୍ମଚାରୀଙ୍କୁ ୩୬୫ ଦିନ ମାତୃତ୍ୱ ଛୁଟି ମିଳୁଥିଲା । କିନ୍ତୁ ଦୁଇ ସନ୍ତାନ ଜୀବିତ ଥିଲେ ତୃତୀୟ ସନ୍ତାନ ପାଇଁ ୧୨ ସପ୍ତାହ ପର୍ଯ୍ୟନ୍ତ ପୂର୍ଣ୍ଣ ଦରମା ସହ ଛୁଟି ମିଳୁଥିଲା । ନୂଆ ଘୋଷଣା ପରେ ତୃତୀୟ ସନ୍ତାନ ପାଇଁ ମଧ୍ୟ ପ୍ରଥମ ଦୁଇ ସନ୍ତାନ ଭଳି ଏକ ବର୍ଷର ଛୁଟି ମିଳିବ । ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଖୁବ୍‌ଶୀଘ୍ର ବିସ୍ତୃତ ସରକାରୀ ନିର୍ଦ୍ଦେଶନାମା ଜାରି ହେବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ।

# ରୁଫଟପ୍ ସୋଲାର ସ୍ଥାପନରେ ଓଡ଼ିଶା ଦେଶରେ ସପ୍ତମ

ଭୁବନେଶ୍ୱର, ୧୮/୮(ନିପ୍ର): ପିଏମ୍ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ଅଧୀନରେ ରୁଫଟପ୍ ସୋଲାର ସ୍ଥାପନ କ୍ଷେତ୍ରରେ ଜାତୀୟ ସ୍ତରରେ ୧୩ତମ ସ୍ଥାନରୁ ସପ୍ତମ ସ୍ଥାନକୁ ଉନ୍ନୀତ ହେଲା ଓଡ଼ିଶା । ଦେଶର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ରୁଫଟପ୍ ସୋଲାର ବଜାର ଭାବେ ଉଭା ହୋଇ ପାରିଛି ରାଜ୍ୟ । ରାଜ୍ୟରେ ପ୍ରାୟ ୧.୭୪ ଲକ୍ଷ ରୁଫଟପ୍ ସୋଲାର ସିଷ୍ଟମ୍ ସ୍ଥାପନ କରାଯାଇଛି । ଏହି ଯୋଜନା ଅଧୀନରେ ରାଜ୍ୟରେ ମୋଟ ୩,୧୨,୫୨୭ଟି ଆବେଦନ ଗ୍ରହଣ କରାଯାଇଛି । ଓଡ଼ିଶା ମଧ୍ୟପ୍ରଦେଶ ଏବଂ ଆସାମକୁ ପଛରେ ପକାଇ ଭାରତର ବିକେନ୍ଦ୍ରୀକୃତ ସ୍ୱଚ୍ଛ ଶକ୍ତି ରୂପାନ୍ତରଣରେ ଏକ ପ୍ରମୁଖ ଯୋଗଦାନକାରୀ ଭାବେ ନିଜର ସ୍ଥିତିକୁ ସୁଦୃଢ଼ କରିଛି । କିଛି ମାସ ମଧ୍ୟରେ ଓଡ଼ିଶାର ରୁଫଟପ୍ ସୋଲାର କାର୍ଯ୍ୟକ୍ରମରେ ବ୍ୟାପକ ଅଭିବୃଦ୍ଧି ହୋଇଛି । ଆବେଦନ ସଂଖ୍ୟା ୧,୯୫,୫୧୩ରୁ ୩,୧୨,୫୨୭କୁ ବୃଦ୍ଧି ପାଇଛି । ସେହିପରି ରୁଫଟପ୍ ସୋଲାର ସ୍ଥାପନ ସଂଖ୍ୟା ୭୨,୫୩୮ରୁ ପ୍ରାୟ ୧.୭୪ ଲକ୍ଷକୁ ବୃଦ୍ଧି ପାଇଛି । ଏହା ଆବେଦନ କ୍ଷେତ୍ରରେ ପ୍ରାୟ ୬୦% ଏବଂ ସ୍ଥାପନ କ୍ଷେତ୍ରରେ ୧୩୦% ରୁ ଅଧିକ ଅଭିବୃଦ୍ଧିକୁ ଦର୍ଶାଉଛି ।

**OFFICE OF THE PANCHAYAT SAMITI, GHASIPURA**
**At/Po-Ghasipura, Dist.-Keonjhar, Odisha**

BID ID NO.- TCN No. OB/GPS/01/KJR 26-27 **19001/ 203/2627**

**Tender Call Notice**

The Block Development Officer, Ghasipura, Keonjhar on behalf of Governor of Odisha invites online percentage rate bid through "e" procurement are invited from the interested "C & B" Class civil contractors in one single cover and one double cover system for the projects as detailed in the Annexure-I to the Bid Notice under Panchayat Samiti, Ghasipura, Keonjhar. The eligible criteria and the details of the tender documents which can be downloaded from the website www.tendersorissa.gov.in. and only view from the website www.kendujhar.nic.in. Interested bidders fulfilling the eligibility criteria may submit their proposals in the abovementioned portal. The bid documents will be available in the above website from 20.08.2026 11.00 AM up-to 31.08.2026 05.00 PM. Proposal(s) complete in all respect should submit their application through online before 31.08.2026 up-to 05.00 PM. The E-tender documents will be opened on 01.09.2026 at 11.00A.M.The undersigned reserves the rights to reject the bidders if any documents found incorrect/false at any stage of bidding.

**Sd/- Block Development Officer, Ghasipura, Keonjhar**

**OIPR 19001/19093/1/26-27/0001**

Skill India
MINISTRY OF SKILL DEVELOPMENT & ENTREPRENEURSHIP GOVERNMENT OF INDIA

**ଭାରତ ସରକାର**
**ଦକ୍ଷତା ବିକାଶ ଓ ଉଦ୍ୟୋଗିକତା ମନ୍ତ୍ରଣାଳୟ**
**ପ୍ରସ୍ତାବ ପାଇଁ ଅନୁରୋଧ ଆମନ୍ତ୍ରଣ ନୋଟିସ(ଆରଏଫପି)**
**ଟେଣ୍ଡର ରେଫରେନ୍ସ ନଂ: ପି-ଏସ/୧୭/୨୦୨୬-ଆରଡିଏସଡିଇବି/୦୨**
**ଟେଣ୍ଡର ଆଇଡି: ୨୦୨୬-ଡିଜିଟି-୯୨୧୧୬୩-୧**

**ପିଏମ-ସେତୁ ଅଧିନରେ ଭୁବନେଶ୍ୱରସ୍ଥିତ ଜାତୀୟ ଦକ୍ଷତା ତାଲିମ ପ୍ରତିଷ୍ଠାନ (ଏନଏସଟିଆଇ) ର ସିଲେକ୍ସନ ଅଫ୍ ଲିଡ୍ ଇଣ୍ଡଷ୍ଟ୍ରି ପାର୍ଟନର(ଏଲଆଇପି)ର ସାମର୍ଥ୍ୟ ବୃଦ୍ଧି ଓ ନ୍ୟାସନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସ(ଏନସିଓଇ)ର ସ୍ଥାପନ ନିମିତ୍ତ ପ୍ରସ୍ତାବ ପାଇଁ ଅନୁରୋଧ**

ରିଜିଓନାଲ ଡାଇରେକ୍ଟୋରେଟ ଅଫ ସ୍କିଲ ଡେଭଲପମେଣ୍ଟ ଆଣ୍ଡ ଏଣ୍ଟରପ୍ରିନିଅରସିପ(ଆରଡିଏସଡିଇ), ଓଡ଼ିଶା ଭୁବନେଶ୍ୱର ସ୍ଥିତ ନ୍ୟାସନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସ(ଏନସିଓଇ)ସ୍ଥାପନ ଓ ନ୍ୟାସନାଲ ସ୍କିଲ ଟ୍ରେନିଂ ଇନଷ୍ଟିଚ୍ୟୁଟ୍‌ର ଅଗ୍ରଣୀ ଶିଳ୍ପ ଭାଗୀଦାର(ଏଲଆଇପି) ସାମର୍ଥ୍ୟ ବୃଦ୍ଧି ନିମିତ୍ତ ଯୋଗ୍ୟ ସଂଗଠନ ଚୟନ ଲାଗି ଅନଲାଇନରେ ଦରଖାସ୍ତ https://eprocure.gov.in. ଜରିଆରେ ଆହ୍ୱାନ କରୁଛି । ପିଏମ ସେତୁର ଆଇଟିଆଇ ଗୁଡ଼ିକର ଉନ୍ନତିକରଣ ପ୍ରଧାନମନ୍ତ୍ରୀ ଦକ୍ଷତା ଓ ରୋଜଗାର ସାମର୍ଥ୍ୟ ପରିବର୍ତ୍ତନ କମ୍ପୋନେଟ-୨ର ଏହା ଅଧୀନ । ଆରଏଫପି କାଗଜାତ setu.skillindiadigital.gov.in. ରେ ମଧ୍ୟ ଉପଲବ୍ଧ । ଅନଲାଇନ ଦରଖାସ୍ତ ଦାଖଲର ଶେଷ ତାରିଖ ଓ ସମୟ ୦୭.୦୯.୨୦୨୬ ତାରିଖର ଅପରାହ୍ନ ୩:୩୦ ମିନିଟ ପର୍ଯ୍ୟନ୍ତ

**ଆଞ୍ଚଳିକ ନିର୍ଦ୍ଦେଶକ**
**ରିଜିଓନାଲ ଡାଇରେକ୍ଟୋରେଟ ସ୍କିଲ ଡେଭଲପମେଣ୍ଟ ଆଣ୍ଡ ଏଣ୍ଟରପ୍ରିନିଅରସିପ, ଓଡ଼ିଶା**
**ଡିଜିଟି, ଏମଏସଡିଇ, ଭାରତ ସରକାର**

**cbc 63101/11/0009/2627**

# 'ରଘୁରାଜପୁରକୁ ବିଶ୍ୱସ୍ତରୀୟ ଐତିହ୍ୟ ଓ ସାଂସ୍କୃତିକ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା ଆମର ଲକ୍ଷ୍ୟ'



ପୁରୀ/ଭୁବନେଶ୍ୱର, ୧୮।୮ : ଐତିହ୍ୟଗ୍ରାମ ରଘୁରାଜପୁରର ସମନ୍ୱିତ ପର୍ଯ୍ୟଟନ ବିକାଶ ନିମନ୍ତେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ସ୍ୱତନ୍ତ୍ର ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ରଘୁରାଜପୁର ହେଉଛି ଆମ ରାଜ୍ୟର କଳା ଓ ସଂସ୍କୃତିର ପ୍ରାଣକେନ୍ଦ୍ର । ଏହି ପ୍ରକଳ୍ପ ରଘୁରାଜପୁରର ପର୍ଯ୍ୟଟନ ବିକାଶରେ ଏକ ନୂଆ ଅଧ୍ୟାୟର ଶୁଭାରମ୍ଭ କରିବ । ଆମର ଲକ୍ଷ୍ୟ ହେଉଛି ଏଠାକାର ପ୍ରସିଦ୍ଧ ପଟ୍ଟଚିତ୍ର, ଗୋଟିପୁଅ ନୃତ୍ୟ ଏବଂ ସମୃଦ୍ଧ କଳା-ପରମ୍ପରାକୁ ସମଗ୍ର ବିଶ୍ୱ ଦରବାରରେ ପହଞ୍ଚାଇବା ସହ ରଘୁରାଜପୁରକୁ ଏକ ପ୍ରମୁଖ ବିଶ୍ୱସ୍ତରୀୟ ଐତିହ୍ୟ ଓ ସାଂସ୍କୃତିକ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା । ସୂଚନାଯୋଗ୍ୟ ଯେ ଏହି ସମନ୍ୱିତ ବିକାଶ ଯୋଜନା ଅଧୀନରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୩ କୋଟି ଟଙ୍କା ବ୍ୟୟରେ ଗ୍ରାମର ଭିତ୍ତିଭୂମିର ଉନ୍ନତିକରଣ, କଳାକାରଙ୍କ ସୁବିଧା, ପର୍ଯ୍ୟଟକଙ୍କ ପାଇଁ ଉନ୍ନତ ସେବା ଏବଂ ସଂସ୍କୃତିର ପ୍ରଚାର-ପ୍ରସାର ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ । ରଘୁରାଜପୁରର ପଟ୍ଟଚିତ୍ର, ଗୋଟିପୁଅ ନୃତ୍ୟ, କାଠଖୋଦେଇ ଓ ମୃଣ୍ମୟ ଶିଳ୍ପକୁ ପ୍ରୋତ୍ସାହନ ଦେବା ସହ ଦେଶବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ବିଶ୍ୱସ୍ତରୀୟ ସୁବିଧାସୁଯୋଗ ଯୋଗାଇଦେବା ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ଆଶା ରଖା ଯାଉଛି । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ପିପିଲିର ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ଶ ସରୋଜ କୁମାର ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି, କଳାକାର ଉପସ୍ଥିତ ଥିଲେ ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ